R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୭
ତିଥି : ଅଷ୍ଟମୀ
୦୨ ଏପ୍ରିଲ ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ ା- ୧୨, ମୂଲ୍ୟ- ଟ.୫.୦୦

Vol. - XXVI, No. 177
02 April 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ତିହାର ଜେଲ୍‌ରେ କେଜରିୱାଲ

ନୂଆଦିଲ୍ଲୀ, ୧।୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ତିହାର ଜେଲ୍ ପଠାଇ ଦିଆଯାଇଛି । ସେ ୨ ନମ୍ବର ପ୍ରକୋଷ୍ଠରେ ରହିବେ । ପୂର୍ବରୁ ତାଙ୍କୁ ମଦ ନୀତି ମାମଲାରେ ଆର୍ଥିକ ଲେଣଦେଣ କାରବାରରେ ଇଡି ୧୪ ଦିନିଆ ବିଚାର ବିଭାଗ ହାଜତକୁ ନେଇଥିଲା ।

ଆପ୍‌ର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମାର୍ଚ୍ଚ ୨୧ରେ ଇଡି ଗିରଫ କରିଥିଲା । ତାଙ୍କୁ ୨୪ ଘଣ୍ଟା ସିସିଟିଭି ନଜରରେ ରଖାଯାଇଥିଲା । ଏବେ ତାଙ୍କୁ ତିହାର ଜେଲ୍‌ରେ କଡା ସୁରକ୍ଷାରେ ରଖାଯିବ । ରାଉସ୍ ଆଭିନ୍ୟୁ କୋର୍ଟ କେଜରିୱାଲଙ୍କ ହେପାଜତ ଆଜି ଶେଷ ହେବାପରେ ଏହି ରାୟ ଶୁଣାଇଛନ୍ତି । ଏହି ଶୁଣାଣି ସମୟରେ ଅତିରିକ୍ତ ସଲିସେଟର ଜେନେରାଲ ଏସ୍‌ଭି ରାଜୁ ଇଡି ପକ୍ଷରୁ ପକ୍ଷ ରଖି କହିଥିଲେ ଯେ ଏଜେନ୍ସି ଆଉ ରିମାଣ୍ଡ ପାଇଁ ଆବେଦନ କରିବ ନାହିଁ । ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଆସିଥିବା ଏକ ରାୟ ପରିପ୍ରେକ୍ଷିରେ ଏହି ନିଷ୍ପତ୍ତି ନିଆଯାଇଛି । ତେବେ କେଜରିୱାଲ ଇଡିକୁ କୌଣସି ସହଯୋଗ କରୁନାହାନ୍ତି । ସେ କର୍ତ୍ତୃପକ୍ଷମାନଙ୍କୁ (୯ ପୃଷ୍ଠାରେ)

ସାରା ଦେଶରେ ଅସହ୍ୟ ତାତି

ଏପ୍ରିଲ୍-ଜୁନ୍‌ରେ ସ୍ୱାଭାବିକଠୁ ଅଧିକ

ଭୁବନେଶ୍ୱର, ୧।୪ (ସମୟ) : ଚଳିତ ଏପ୍ରିଲ୍‌ରୁ ଜୁନ୍ ମାସ ଯାଏଁ ତାତି କିପରି ରହିବ ତାହା ଆକଳନ କରାଯାଇଛି । ଏପ୍ରିଲ୍, ମେ' ଓ ଜୁନ୍ ମାସରେ ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ । ପୂର୍ବାଞ୍ଚଳର କେତେକ ସ୍ଥାନ ଓ ଉତ୍ତର-ପୂର୍ବ ଭାରତର କେତେକ ସ୍ଥାନ ଏବଂ ଉତ୍ତର-ପଶ୍ଚିମ ଭାରତର ବହୁ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରହିବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ।

ଭାରତୀୟ ପାଣିପାଗ ବିଭାଗ ଏପ୍ରିଲ୍‌ରୁ ଜୁନ୍ ମାସର ତାପମାତ୍ରା ଆକଳନ କରି କହିଛି, ଦେଶରେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକଠୁ ଅଧିକ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇପାରେ । ଉତ୍ତର-ପୂର୍ବ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ସ୍ଥାନରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ କମ୍ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇପାରେ ।

ଚଳିତ ଏପ୍ରିଲ୍ ମାସରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରେକର୍ଡ ହେବାକୁ ଥିବାବେଳେ ସାରା ଦେଶର ବହୁ ସ୍ଥାନରେ ଅଧିକ ଦିନ ତାପମାତ୍ରା ରେକର୍ଡ ହେବ । ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର-ପଶ୍ଚିମ ଭାରତର କେତେକ (୯ ପୃଷ୍ଠାରେ)

ନୀରବିଲେ ଶାନ୍ତିଲତା

ଭୁବନେଶ୍ୱର, ୧।୪ (ସମୟ) : ଓଡ଼ିଶାର ସୁନାମଧନ୍ୟ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କର ସୋମବାର ପରଲୋକ ହୋଇଯାଇଛି । ଭୁବନେଶ୍ୱରର ଏକ ଘରୋଇ

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ

ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଆସନ୍ତାକାଲି ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ସ୍ୱାମୀ ବସନ୍ତ କୁମାର ଛୋଟରାୟ ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)

ବର୍ଷକରେ ପାଣିରେ ବୁଡ଼ି ୫୨ ବନ୍ୟଜନ୍ତୁ ଆକ୍ରମଣରେ ୩୧ ମୃତ

କେନ୍ଦୁଝର, ୧।୪ (ରବି ରାଜ) : ବଣପାହାଡ଼ ଘେରା କେନ୍ଦୁଝର ଜିଲ୍ଲାରେ ବନ୍ୟଜନ୍ତୁ ଆକ୍ରମଣ ଅପେକ୍ଷା ପାଣିରେ ବୁଡ଼ି ବହୁସଂଖ୍ୟାରେ ଲୋକ ପ୍ରାଣ ହରାଉଛନ୍ତି। ଏମିତି କି ନଦୀନାଳ ଘେରା ଉପକୂଳ ଜିଲ୍ଲା ତୁଳନାରେ ଏଠାରେ ପାଣିରେ ବୁଡ଼ି ମୃତ୍ୟୁସଂଖ୍ୟା ଅଧିକ ବୋଲି ଜଣାପଡ଼ିଛି। ଜିଲ୍ଲାରେ ଗତ ତିନିବର୍ଷରେ ହାତୀ ଓ ଭାଲୁ ଭଳି ବନ୍ୟଜନ୍ତୁ ଆକ୍ରମଣରେ ୩୧ଜଣ ପ୍ରାଣ ହରାଇଥିବା ବେଳେ ନଦୀନାଳରେ ବୁଡ଼ି ୫୨ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି ।

୨୦୨୦-୨୧ରେ କେନ୍ଦୁଝର ଜିଲ୍ଲାରେ ୬ଜଣଙ୍କ ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁ ଘଟିଥିବା ବେଳେ ୨୦୨୧-୨୨ରେ ୧୩ ଜଣ ଏବଂ ୨୦୨୨-୨୩ବର୍ଷରେ ୧୨ଜଣଙ୍କ ମୃତ୍ୟୁ ଘଟିଛି। ତିନିବର୍ଷରେ ମୋଟ ୩୧ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ବିଧାନସଭାରେ (୯ ପୃଷ୍ଠାରେ)

କଂଗ୍ରେସକୁ ଆଇଟି ବିଭାଗରୁ ଆଶ୍ୱସ୍ତି

ନିର୍ବାଚନ ନସରିବା ଯାଏ ପଦକ୍ଷେପ ନାହିଁ

ନୂଆଦିଲ୍ଲୀ, ୧।୪ : କଂଗ୍ରେସ ପାଇଁ ବଡ ଆଶ୍ୱସ୍ତି ମିଳିଛି । ଆୟକର ବିଭାଗ କଂଗ୍ରେସ ବିରୋଧରେ କୌଣସି ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ସାଧାରଣ ନିର୍ବାଚନ ଶେଷ ନହେବାଯାଏ ନେବନାହିଁ ବୋଲି ସୁପ୍ରିମ୍‌କୋର୍ଟକୁ ଜଣାଇଛନ୍ତି । କଂଗ୍ରେସ ଉପରେ ୩୫୦୦ କୋଟି ଟଙ୍କା ବକେୟା ରହିଛି ।

ଆୟକର ବିଭାଗ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟା ସୁପ୍ରିମ୍‌କୋର୍ଟରେ ପକ୍ଷ ରଖି ଜଷ୍ଟିସ୍ ବିଭି ନାଗରତ୍ନ ଓ ଅଗଷ୍ଟାଇନ୍ ଜର୍ଜ ମାସିହ୍‌ଙ୍କ ଖଣ୍ଡପୀଠ ଆଗରେ କହିଥିଲେ ଯେ ମୋର ବୟାନକୁ ରେକର୍ଡ କରାଯାଉ । ଯେପର୍ଯ୍ୟନ୍ତ ଏହି ମାମଲାର ପରବର୍ତ୍ତି ଶୁଣାଣି ହୋଇନାହିଁ ସେ ପର୍ଯ୍ୟନ୍ତ କୌଣସି ବଳପୂର୍ବକ ପଦକ୍ଷେପ ନିଆଯିବନାହିଁ । ନିର୍ବାଚନ ଶେଷ ଯାଏ ମଧ୍ୟ କୌଣସି ପଦକ୍ଷେପ କଂଗ୍ରେସ ବିରୋଧରେ ନିଆଯିବନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ସୁପ୍ରିମ୍‌କୋର୍ଟରେ ଆଜି କଂଗ୍ରେସ ପକ୍ଷରୁ ଆଇଟି ବିଭାଗ ଦ୍ୱାରା ଦିଆଯାଇଥିବା ବକେୟା ଦାବିକୁ ନେଇ ମାମଲା ରୁଜୁ କରାଯାଇଥିଲା । ସଲିସେଟର ଜେନେରାଲଙ୍କ ମନ୍ତବ୍ୟ ପରେ ଜୁଲାଇ ୨୪କୁ ପରବର୍ତ୍ତି ଶୁଣାଣି କରାଯାଇଛି । ଏହାଛଡା ଖଣ୍ଡପୀଠ କହିଛନ୍ତି ଯେ ସଲିସେଟର ଜେନେରାଲଙ୍କର ବକ୍ତବ୍ୟ ପରେ ଏଥିରୁ ଜଣାପଡୁଛି ଯେ କୌଣସି ହାନି ପ୍ରତିପକ୍ଷକୁ ଘଟିବ ନାହିଁ । ଏ ସମ୍ପର୍କରେ ପୂର୍ବରୁ କୋର୍ଟ କୌଣସି ରାୟ ଦେବେନାହିଁ । (୯ ପୃଷ୍ଠାରେ)

୪ରୁ ଗ୍ରୀଷ୍ମ ଲହରୀ ଚେତାବନୀ

ରାତି ତାପମାତ୍ରା ଆଜିଠୁ ବଢ଼ିବ

ଭୁବନେଶ୍ୱର, ୧।୪ (ସମୟ) : ରାଜ୍ୟରେ ପୁଣି ୨୪ ଘଣ୍ଟା ପରେ ତାତି ବଢ଼ିଲା । ଆଜି ୮ ସହରରେ ୪୦ ଡ଼ିଗ୍ରୀ ଛୁଇଁଲା ପାରଦ । ଝାରସୁଗୁଡା ଓ ବାରିପଦାରେ ସର୍ବାଧିକ ତାପମାତ୍ରା ୪୦.୪ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗୀରରେ ୪୦.୩ଡ଼ିଗ୍ରୀ, ବୌଦ୍ଧ,ନୟାଗଡ, ଭବାନୀପାଟଣା, ତାଳଚେର ଏବଂ ଟିଟଲାଗଡରେ ୪୦ଡ଼ିଗ୍ରୀ ଛୁଇଁଲା ତାତି । ଏହାସହ ଟ୍ୱିନ ସିଟି ଭୁବନେଶ୍ୱର ଓ କଟକରେ ୩୯.୪ଡ଼ିଗ୍ରୀ ରେକର୍ଡ ହୋଇଛି ।

ପାଣିପାଗ ବିଭାଗର କହିବାନୁସାରେ, ଚଳିତ ଏପ୍ରିଲରେ ସ୍ୱାଭାବିକ ଠାରୁ ଦିନ ତାପମାତ୍ରା ଅଧିକ ରହିବା ସହ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ବଢ଼ିବ । ରାତି ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ସମ୍ଭାବନା ହେତୁ ଏଥର ଅସ୍ୱାଭାବିକ ପାଣିପାଗ ସହ ଉଷ୍ମ ଆଦ୍ର ସ୍ଥିତି ଏବଂ ଉଷ୍ମରାତ୍ରି ସଂଖ୍ୟା ଅଧିକ ଅନୁଭୂତ ହେବା ସମ୍ଭାବନା । (୯ ପୃଷ୍ଠାରେ)

ଜଲଦି ଖାଆନ୍ତୁ ରାତି ଖାଇବା

ସମସ୍ତଙ୍କୁ ସବୁବେଳେ କହୁଥିବାର ଶୁଣିବାକୁ ମିଳେ ରାତି ଖାଇବା ଶୀଘ୍ର ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ଅନେକ ସମୟରେ ଡାକ୍ତର ମଧ୍ୟ ଏଥିପାଇଁ ପରାମର୍ଶ ଦେଇଥାଆନ୍ତି । ଏହାର ଅନେକ ସ୍ୱାସ୍ଥ୍ୟକର ପ୍ରଭାବ ଆମ ଶରୀର ଉପରେ ରହିଥାଏ ।

♦ ଏହି ପ୍ରକ୍ରିୟା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ଆସିଥାଏ । ରାତି ଖାଇବା ଶୀଘ୍ର ଖାଇବା ଦ୍ୱାରା ଆମର ବଦହଜମି, ଗ୍ୟାସ୍, ଏସିଡିଟି ଭଳି ରୋଗ ହୋଇନଥାଏ । ତେଣୁ ଯଦି ଗ୍ୟାସ ସମସ୍ୟା ରହିଛି, ତେବେ ରାତି ଖାଇବା ଶୀଘ୍ର ଖାଆନ୍ତୁ ।

♦ ଜଲଦି ଖାଇବା ଦ୍ୱାରା ଆମ ଶରୀରକୁ ଯଥେଷ୍ଟ ସମୟ ମିଳିଥାଏ ଖାଦ୍ୟରୁ ସମସ୍ତ ପ୍ରକାର ପୋଷଣକୁ ରକ୍ତରେ ମିଶାଇବା ପାଇଁ । ଏହାସହ ଖାଦ୍ୟ ହଜମ ହେବାକୁ ଢେର ସମୟ ମିଳିଥାଏ, ଯାହା ବିଶେଷ ଭାବେ ସହାୟକ ହୋଇଥାଏ ।

♦ ରାତିରେ ଜଲଦି ଖାଇବା ଦ୍ୱାରା ଏସିଡ୍ ରିଫ୍ଲକ୍ସରୁ ମୁକ୍ତି ମିଳିଥାଏ । ଶୋଇବା ଆଗରୁ ଖାଦ୍ୟ ସବୁ ହଜମ ହେବା ସହିତ ପେଟ ଖାଲି ରହିଥାଏ । ତେଣୁ ଏସିଡ୍ ରିଫ୍ଲକ୍ସ ହେବାର ଆଶଙ୍କା କମିଥାଏ । ତେଣୁ ପେଟ ସମସ୍ୟା କମିଥାଏ ।

କାରୋଲିକା ଚିକାଡି

ଏହାର ନାଁ ଭଳି ଏହାର କିଛି ଗୁଣ ଏହି ଛୋଟ ପକ୍ଷୀଟିକୁ ଭିଡ ଭିତରେ ଅଲଗା କରିଥାଏ । ଉତ୍ତର ଆମେରିକାରେ ବସ ବାସ କରୁଥିବା ଏହି ପକ୍ଷୀଟି ନିଜର ସ୍ମରଣ ଶକ୍ତି ପାଇଁ ସାରା ଦୁନିଆରେ ପରିଚିତ । ସେମାନଙ୍କ ଖାଦ୍ୟକୁ ନେଇ ସେମାନଙ୍କ ସ୍ମରଣ ଶକ୍ତି ଖୁବ ନିଆରା । ସେମାନେ ରହୁଥିବା ସ୍ଥାନରେ ଅତ୍ୟଧିକ ଥଣ୍ଡା ପଡୁଥିବାରୁ ତାଙ୍କୁ ମନେରଖିବାକୁ ହୋଇଥାଏ କି ସେମାନେ ନିଜ ଖାଦ୍ୟକୁ କେଉଁଠାରେ ଲୁଚାଇ ରଖିଛନ୍ତି । ନଚେତ୍ ସେମାନଙ୍କୁ ବିଭିନ୍ନ ସମସ୍ୟା ଭୋଗିବାକୁ ହୋଇଥାଏ । ବୈଜ୍ଞାନିକଙ୍କ ଗବେଷଣା ମିଳିଥିବା ତଥ୍ୟ ଅନୁସାରେ ଏହି ପକ୍ଷୀର ମସ୍ତିଷ୍କରେ ସେମାନେ ଖାଦ୍ୟ ଲୁଚାଉଥିବା ପ୍ରତିଟି ସ୍ଥାନ ପାଇଁ ଏକ ସ୍ୱତନ୍ତ୍ର ନ୍ୟୁରାଲ୍ ମୁଭମେଣ୍ଟ ହୋଇଥାଏ । ଯାହା ବାରକୋଡ ଭଳି କାମ କରିଥାଏ । ଯାହାକୁ ବ୍ୟବହାର କରି ଏହି ପକ୍ଷୀ ଖାଦ୍ୟ ଲୁଚାଇଥିବା ସ୍ଥାନକୁ ମନେରଖିଥାଏ । ଏହା ଏକ ପ୍ରକାର ସ୍କାନର ଭଳି କାମ କରିଥାଏ । ଏହି ବାର କୋଡ ଖୁବ ଶୀଘ୍ର କାମ କରିଥାଏ, ଏପରିକି ମାତ୍ର ଏକ ସେକେଣ୍ଡ୍



ଭିତରେ ପକ୍ଷୀଟି ଜାଣିପାରେ ସେ ଖାଦ୍ୟ କେଉଁଠାରେ ଲୁଚାଇଛି । ଏମାନେ ସାଧାରଣତଃ ପୋକଜୋକ, ଖରାଦିନେ ବିଭିନ୍ନ ମଞ୍ଜି ଓ ଶୀତଦିନେ ବିଭିନ୍ନ କୋଳି ଖାଇଥାଆନ୍ତି । ସେମାନେ ସବୁବେଳେ ଶୀତ ଦିନ ପାଇଁ ଖାଦ୍ୟକୁ ଲୁଚାଇ ରଖିଥାଆନ୍ତି ଯାହା ତାଙ୍କୁ ଶୀତଦିନେ ଖୁବ ସାହାଯ୍ୟ କରିଥାଏ ।

କମୁଛି ଆୟ

ବର୍ତ୍ତମାନ ବଲିଉଡ୍‌ର ଆୟ ଧୀରେ ଧୀରେ କମୁଥିବା ଦେଖିବାକୁ ମିଳୁଛି । ୨୦୨୩ରେ ୫୦୦ କୋଟି ଆୟ କରିଥିବା ଫିଲ୍ମ ରିଲିଜ୍ ପରେ ୨୦୨୪କୁ ନେଇ ସମସ୍ତଙ୍କର ଅଧିକ ଆଶା ରହିଥିଲା । ହେଲେ ବର୍ତ୍ତମାନ ସୁଦ୍ଧା ୨୦୨୪ର ତିନି ମାସ ବିତି ଯାଇଥିଲେ ବି କୌଣସି ଫିଲ୍ମ ୫୦୦ କୋଟିର ଆୟ କରି ନାହାନ୍ତି । ୨୦୨୩ ରେ ପଠାନ୍ ଫିଲ୍ମର କଲେକ୍‌ସନ୍ ସହ ଏବେ ପର୍ଯ୍ୟନ୍ତ ରିଲିଜ୍ ହୋଇଥିବା ୧୧ ଟି ଫିଲ୍ମରୁ କୌଣସି ଫିଲ୍ମ ସମାନ ହୋଇପାରି ନାହାନ୍ତି । ଗତ ବର୍ଷ ପ୍ରଥମ ତିନି ମାସରେ ବଲିଉଡ୍ ପାଖାପାଖି ୧୫୦୮ କୋଟି ଟଙ୍କା ରୋଜଗାର କରିଥିଲା । ଯେଉଁଥିରେ ସବୁଠାରୁ ଅଧିକ ଥିଲା ପଠାନ୍ ଫିଲ୍ମର ରୋଜଗାର । ୨୫ ଜାନୁଆରୀ ୨୦୨୩ରେ ରିଲିଜ୍ ହୋଇଥିବା ପଠାନ୍ ଇଣ୍ଡିଆନ୍ ବକ୍ସ ଅଫିସ୍‌ରେ ୬୫୪ କୋଟିର ଇନ୍‌କମ କରିଥିଲା । ତେବେ ବର୍ତ୍ତମାନ ବଲିଉଡ୍‌ର ଆୟ ଧୀରେ ଧୀରେ କମୁଥିବା ନେଇ ଆଲୋଚନା ହେବା ଆରମ୍ଭ ହୋଇଛି । ଦର୍ଶକ ବିଶେଷ ଭାବେ ସାଉଥ ଓ ହଲିଉଡ୍ ମୁହାଁ ହେଉଥିବା ନେଇ ମତ ପ୍ରକାଶ ପାଇଛି ।

ବେସନ କଚୋଡ଼ି

ସାମଗ୍ରୀ– ୨ କପ ମଇଦା, ଏକ କପ ବେସନ, ଅଧା ଚାମଚ ପାନ ମଧୁରୀ, ଅଧା ଚାମଚ ଜିରା, ଧନିଆ ଗୁଣ୍ଡ, ଏକ ଚାମଚ ଆଚାର ମସଲା, ଏକ ଚାମଚ ଘିଅ, ପିଆଜ କଟା ।

ପ୍ରଣାଳୀ– ପ୍ରଥମେ ଗୋଟିଏ ପାତ୍ରରେ ମଇଦାକୁ ଚକଟି ରଖନ୍ତୁ । ଏହାପରେ ପ୍ୟାନ୍‌ରେ ତେଲ ପକାଇ ଜିରା ଓ ପାନ ମଧୁରୀ ପକାନ୍ତୁ । ଏହା ଫୁଟିବାପରେ ଏଥିରେ କଟା ପିଆଜ, କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ଏହାପରେ ଏଥିରେ ବେସନ ପକାନ୍ତୁ । ପରେ ସବୁ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । କିଛି ସମୟରେ ପରେ ଧନିଆ ପତ୍ର ପକାଇ କାଢି ନିଅନ୍ତୁ । ଏହାପରେ ପ୍ରସ୍ତୁତ ମଇଦା ଚକଟାରୁ ଅଳ୍ପ ନେଇ ଛୋଟ ଛୋଟ କରି ପୁରି ଆକାରରେ ବେଲନ୍ତୁ । ଏଥିରେ ମଇଦା ପୁରକୁ ଗୋଲଗୋଲ କରି ଦେଇ ମଣ୍ଡା ପିଠା ଭଳି ଗଢନ୍ତୁ । ଏହାପରେ ପୁଣି ଏହାକୁ ହାଲୁକା ବେଲି ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ବେସନ କଚୋଡ଼ି ।



ଭାଇରାଲ ବିଲ୍

ଆଜିକାଲି ଅନ୍‌ଲାଇନ୍ ବୁକିଂର ଜମାନା ଚାଲିଛି । ପ୍ରାୟ ସମସ୍ତେ ଏହି ସୁବିଧାର ଲାଭ ଉଠାଉଛନ୍ତି । ସହଜରେ ଗୋଟିଏ ସ୍ଥାନରେ ଅନ୍ୟ ସ୍ଥାନକୁ ଯାଆଆସ କରିପାରୁଛନ୍ତି । ତେବେ ଏଥିପାଇଁ କିଛି ଧାର୍ଯ୍ୟ ଅର୍ଥ ରହିଥାଏ ଯାହା ଗ୍ରାହକଙ୍କୁ ଦେବାକୁ ହୋଇଥାଏ । ହେଲେ ଜଣେ ଗ୍ରାହକଙ୍କ ଅନ୍‌ଲାଇନ୍ ରାଇଡ୍ ବିଲ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଦିଲ୍ଲୀରେ ଜଣେ ବ୍ୟକ୍ତି ଅନ୍‌ଲାଇନ୍‌ରେ ମାତ୍ର ୬୨ ଟଙ୍କାର ରାଇଡ୍ ବୁକ୍ କରିଥିଲେ । ହେଲେ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ରାଇଡ୍ କମ୍ପାନୀ ପକ୍ଷରୁ ୭ କୋଟି ୬୬ଲକ୍ଷ ୮୩ ହଜାର ୭୨୬ ଟଙ୍କାର ବିଲ୍ ମିଳିଥିଲା । ତେବେ ଏହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହାପରେ ବ୍ୟକ୍ତି ଜଣଙ୍କ ଏନେଇ କମ୍ପାନୀ ନିକଟରେ ଅଭିଯୋଗ କରିବା ପରେ ଏହାର ସମାଧାନ ହୋଇଥିଲା ।

ଇତିହାସ

୧୪୧୬– ଆର୍‌ଗୋନ୍ କିଙ୍ଗ ଭାବେ ଆଲଫୋନୋଙ୍କ ନିଯୁକ୍ତି ।
୧୮୬୦– ପ୍ରଥମ ଇଟାଲିଆନ ଲୋକସଭା ବୈଠକ ଅନୁଷ୍ଠିତ ।
୧୮୬୬ – ମିସିସିପିରେ ହେଉଥିବା ଗୃହଯୁଦ୍ଧର ସମାପ୍ତି ।
୧୮୭୮ – ରୋଟ୍ରେଡାମ୍ ଖବର କାଗଜର ପ୍ରଥମ ସଂସ୍କରଣ ପ୍ରକାଶିତ ।
୧୯୨୬ – କୋଲକାତାରେ ହିନ୍ଦୁ ମୁସଲିମ୍ ଦଙ୍ଗାର ଆରମ୍ଭ ।
୧୯୨୧ – ନ୍ୟୁୟର୍କରେ 'ଥିଓରୀ ଅଫ୍ ରିଲେଟିଭିଟି' ଉପରେ ଆଇନ୍ ଷ୍ଟାଇନ୍‌ଙ୍କର ଭାଷଣ ପ୍ରଦାନ ।
୧୯୬୯– ବଲିଉଡ୍‌ର ଜଣାଶୁଣା ଅଭିନେତା ଅଜୟ ଦେବଗନ୍‌ଙ୍କର ଜନ୍ମ ।
୨୦୧୧ – ଭାରତ ଶ୍ରୀଲଙ୍କାକୁ ହରାଇ ବିଶ୍ୱ କପ୍ ବିଜେତା ହୋଇଥିଲା ।

ସୋସିଆଲ କୋଟ୍ସ

ଥରେ ମୁଁ ଆର୍‌କେ ଷ୍ଟୁଡିଓରେ ଚପଲ ପିନ୍ଧି ମନ୍ଦିର ଭିତରକୁ ଚାଲିଯାଇଥିଲି । ଏହା ବାପାଙ୍କୁ ଖୁବ କଷ୍ଟ ଦେଇଥିଲା । ସେ ମୋତେ ମାଡ ମଧ୍ୟ ମାରିଥିଲେ । ସେ ଖୁବ ଧାର୍ମିକ ବ୍ୟକ୍ତି ଥିଲେ, ତେଣୁ ରାଗି ଯାଇଥିଲେ ।
ରଣବୀର କପୁର, ଅଭିନେତା



ମୋତେ ବିଶ୍ୱାସ ଅଛି ଶିଖର ଅନ୍ୟ ପୁଅଙ୍କ ଠାରୁ ଭିନ୍ନ । ସେ କେବେ ହେଲି ବି ମୋ ଝିଅ ଜାହ୍ନବୀଙ୍କର ଏକ୍ସ ହେବେ ନାହିଁ । ସବୁବେଳେ ଜାହ୍ନବୀଙ୍କ ସାଙ୍ଗରେ ରହିବେ ।
ବୋନି କପୁର, ଫିଲ୍ମ ମେକର

ଶାହରୁଖ ହେଉଛନ୍ତି ମୋ ଲକି ମାସ୍କଟ୍ । ସେ ଯଦି ଟିସ୍‌ମାର ଖାନ୍ ଫିଲ୍ମରେ ଥାଆନ୍ତେ ତେବେ ତାହା ଯେମିତି ହେଲେ ବି ହିଟ୍ ହୋଇ ଥାଆନ୍ତା ।
ଫରହା ଖାନ୍, ଫିଲ୍ମ ମେକର

ଥ୍ରୀଡି ପ୍ରିଣ୍ଟେଡ୍ ବ୍ରେନ୍



ଭିଏନାର ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଓ ମେଡିକାଲ ୟୁନିଭର୍ସିଟି ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି ବିଶ୍ୱର ପ୍ରଥମ ଥ୍ରୀଡି ପ୍ରିଣ୍ଟେଡ୍ ବ୍ରେନ୍ ଫାଣ୍ଟମ୍ । ଏହି ମଡେଲ୍ ଆଗକୁ ବିଭିନ୍ନ ସ୍ନାୟୁ ସମ୍ବନ୍ଧିତ ସମସ୍ୟା ଯେପରି ମଲ୍ଟିପୁଲ୍ ସ୍କେଲେରୋସିସ୍, ପାର୍କିନ୍‌ସନସ୍ ଡିଜିଜ୍, ଆଲ୍‌ଜାଇମର୍ ଆଦି ସମସ୍ୟା ପାଇଁ ବେଶ୍ ଉପାଦେୟ ହେବ । ଏହି ମଡେଲ୍ ଆମ ଅସଲି ବ୍ରେନ୍ ଠାରୁ ଆକାରରେ ଖୁବ ଛୋଟ ହୋଇଥିବାବେଳେ ଏହାର ଆକାର କ୍ୟୁବ୍ ଭଳି । ଏହାକୁ ଥ୍ରୀଡି ପ୍ରିଣ୍ଟିଂ ଟେକ୍‌ନିକ୍‌କୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି । ଏହା ଉପରେ ବର୍ତ୍ତମାନ ମଧ୍ୟ ଗବେଷଣା ଜାରି ରହିଛି । ଏହା ଆଗକୁ ଚିକିତ୍ସା କ୍ଷେତ୍ରରେ ଡାକ୍ତରମାନଙ୍କୁ ବିଭିନ୍ନ ପ୍ରକାରର ସାହାଯ୍ୟ କରିବ ବୋଲି, ଏହାକୁ ପ୍ରସ୍ତୁତ କରିଥିବା ବୈଜ୍ଞାନିକ ମତ ଦେଇଛନ୍ତି ।

ବିନମ୍ର ସାରା

ସାରାଅଲ୍ଲୀ ଖାନ୍ ସବୁବେଳେ ନିଜ ଅଭିନୟ ପାଇଁ ପ୍ରଶଂସା ସାଉଁଟିଥାଆନ୍ତି । କେବଳ ଅଭିନୟ ନୁହେଁ ନିଜର ବିନମ୍ର ବ୍ୟବହାର ପାଇଁ ମଧ୍ୟ ସେ ପରିଚିତ । ସେ ଗଣମାଧ୍ୟମ ପ୍ରତିନିଧି ହୁଅନ୍ତୁ କିମ୍ବା ସାଧାରଣ ଲୋକ ସମସ୍ତଙ୍କୁ ସେ ସବୁବେଳେ ଖୁବ ଭଲ ବ୍ୟବହାର କରନ୍ତି । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଥିରେ ସାରା କିଛି ଲୋକଙ୍କୁ ଖାଦ୍ୟପୁଡିଆ ବାଣ୍ଟୁଥିବାର ଦେଖିବାକୁ ମିଳିଛି । ସାରାଙ୍କର ଏଭଳି ବ୍ୟବହାରକୁ ତାଙ୍କ ଫ୍ୟାନ ଖୁବ ଭଲପାଇବା ଦେଇଛନ୍ତି । ଜଣେ ଭଲ ଅଭିନେତ୍ରୀ ସହିତ ସାରା ଖୁବ ସୁନ୍ଦର ମଣିଷ ବୋଲି ସେମାନେ ଏହି ଭିଡିଓରେ କମେଣ୍ଟ ଦେଇଛନ୍ତି । ଆଗକୁ ସାରାଙ୍କର ଅନେକ ପ୍ରୋଜେକ୍ଟ ଆସିବାକୁ ଯାଉଛି । ଆଗକୁ ତାଙ୍କର 'ମେଟ୍ରୋ ଇନ୍ ଦିନୋ', 'ସ୍କାଏ ଫୋର୍ସ' ଆଦି ଫିଲ୍ମ ପରଦାକୁ ଆସିବାକୁ ବାକି ଅଛି । ଏହା ସହିତ ଆଉ ଏକ ଅନ୍‌ଟାଇଟେଲ୍ଡ ଫିଲ୍ମ ମଧ୍ୟ ଲାଇନ୍‌ରେ ରହିଛି ।



ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ପରିଦର୍ଶନ ଅବସରରେ ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ବିପୁଳ ସମ୍ବର୍ଦ୍ଧନା

ଗୋପବନ୍ଧୁଙ୍କ ଜନ୍ମପୀଠରେ କାର୍ତ୍ତିକ ପାଣ୍ଡିଆନ

ସୁଆଣ୍ଡୋରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ଉତ୍କଳ ଦିବସ ଅବସରରେ ଓଡ଼ିଆ ଜାତିର ପୂଣ୍ୟ ଓ ସମର୍ପଣର ପୀଠସତ୍ୟବାଦୀ ବ୍ଲକ ଗୋପବନ୍ଧୁଙ୍କ ଏକ୍ତୁଡ଼ିଶାଳ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରିଛନ୍ତି ଆମ ଓଡ଼ିଶା ଓ ନବୀନ ଓଡ଼ିଶା ତଥା ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋରେ ପହଞ୍ଚିଲା ପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଯେଉଁ ମହାନ ଯୁଗ ପୁରୁଷମାନଙ୍କ ତ୍ୟାଗ ଓ ତିତିକ୍ଷା ଫଳରେ ଆଜି ଦିନରେ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା ସେହି ମହା ମନିଷୀ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହି ମହାନ ଯୁଗ ପୁରୁଷମାନେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଜାତିକୁ ପ୍ରେରଣା ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ମତ ପ୍ରକାଶ କରିଥଲେ । ସୁଆଣ୍ଡୋରୁ ଫେରିବା ବାଟରେ ସେ ପଣ୍ଡିତଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ କରିବା ସହିତ ଗୋପବନ୍ଧୁଙ୍କ ସ୍ମୃତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅଭିଳଷିତ ଓଡ଼ିଶା ଗଠନର ସଂକଳ୍ପ ପୂଜ୍ୟ ପୂଜା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନବଜାଗରଣ ପାଇଁ ପଣ୍ଡିତ

ସୁଆଣ୍ଡୋର ବିକାଶ ପାଇଁ ଅଞ୍ଚଳବାସୀ ଜଣାଇଲେ ଧନ୍ୟବାଦ

ଗୋପବନ୍ଧୁ ଦାସଙ୍କର ଜନ୍ମ ଓ କର୍ମଭୂମି ସୁଆଣ୍ଡୋର ବିକାଶ ପାଇଁରାଜ୍ୟ ସରକାର ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏ ଜାତି ପ୍ରତିସମର୍ପଣ ଓ ଅସିମତ୍ୟାଗକୁ ଆମର ଉତ୍ତର ପୀଢ଼ି ପାଖରେ ପହଞ୍ଚାଇବା ପାଇଁ ସୁଆଣ୍ଡୋ ଗ୍ରାମର ସାମଗ୍ରିକ ବିକାଶ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରର ସଂରକ୍ଷଣ, ଜୀବନ ବୃତ୍ତକୁ ଅତ୍ୟନ୍ତ ନିକ୍ଷୁଣଭାବରେ ପ୍ରତିପାଦିତକରାଯାଇ ପାରିଛି । ଶ୍ରୀ ପାଣ୍ଡିଆନ୍ ତାଙ୍କ ଗସ୍ତ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣନାତି ଧିରେନ୍ଦ୍ର ନାଥ ଦାସ ଓ ରବିନ୍ଦ୍ରନାଥ ଦାସଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକାର କରି ସୁଆଣ୍ଡୋ ଗ୍ରାମର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଗସ୍ତ ସମୟରେ ରାଜ୍ୟଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସୁଆଣ୍ଡୋ ଗ୍ରାମରେ ପ୍ରଭୁ ଲୋକେଶ୍ୱରଙ୍କ ମନ୍ଦିର ବେଢ଼ାରେ ରୋଷଘର, ବଳପୁରଠାରେ ପ୍ରଭୁ ବାବା ବାଲୁଙ୍କେଶ୍ୱର ପୀଠର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୫ଟି ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ ।

ଏହି ଗସ୍ତ ସମୟରେ ସତ୍ୟବାଦୀ ପଞ୍ଚାୟତ ସମିତିର ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷା ନିବେଦିତା ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ବରିଷ୍ଠ ନେତୃତ୍ୱ ପ୍ରମୋଦ ରାଉତରାୟ, ଦେବାଶିଷ ରାୟ, ସତ୍ୟବାଦୀ ଆତ୍ମାକମିଟିର ଅଧ୍ୟକ୍ଷ ମହମ୍ମଦ ଜିକିରିୟା, ସ୍ଥାନୀୟ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ଦୁଃଶାସନ ପ୍ରଧାନ, ସମିତିସଭ୍ୟ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଅଞ୍ଚଳବାସୀଙ୍କ ତରଫରୁ ଶ୍ରୀ ପାଣ୍ଡିଆନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଶାନ୍ତିଲତା ବାରିକଙ୍କ ବିୟୋଗରେ ଶୋକ,ତାଙ୍କ ଭଜନ ତାଙ୍କୁ ଅମର କରି ରଖିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ବିଶିଷ୍ଟ କଣ୍ଠ ଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଏକ ଶୋକ ବାର୍ତ୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଣେ ଲୋକପ୍ରିୟ ଭଜନ ଗାୟିକା ଶାନ୍ତି ଲତା ବାରିକ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଥିଲେ । ଭାବପୂର୍ଣ୍ଣ କଣ୍ଠରେ ତାଙ୍କ ଜଗନ୍ନାଥ ଭଜନ ପାଇଁ ଓଡିଶା ର ଘରେ ଘରେ ସେ ସୁପରିଚିତ ଥିଲେ ।

ତାଙ୍କ ଭଜନ ଥିଲା ଭକ୍ତି ଓ ସମର୍ପଣ ର ସଂଗୀତମୟ ନିବେଦନ । ତାଙ୍କ ସ୍ୱର ପରିବେଶ କୁ ଭକ୍ତିମୟ କରିବା ସହ ଶ୍ରୋତାଙ୍କ ହୃଦୟ ରେ ଭାବାବେଗ ସୃଷ୍ଟି କରି ପାରୁଥିଲା । ତାଙ୍କର ବିୟୋଗ ଓଡ଼ିଶାର ସାଂସ୍କୃତିକ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବର୍ଣନା କରି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶାନ୍ତିଲତା ବାରିକଙ୍କ ଅମର ଆତ୍ମା ର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

ସ୍ୱର୍ଗତ ଶାନ୍ତିଲତା ବାରିକଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

୮୦ ଆସନ ପାଇଁ ମଧ୍ୟ ପ୍ରାର୍ଥୀ ପାଉନାହିଁ ଓଡିଶା ବିଜେପି: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ବିଜୁଜନତା ଦଳ ପକ୍ଷରୁ ଯାହାକହି ଆସୁଛୁ ତାହା ସତ୍ୟ ବୋଲି ପ୍ରମାଣିତ ହେଉଛି । ଓଡ଼ିଶା ବିଜେପି ପାଖରେ ୧୪୭ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଛାଡନ୍ତୁ ୮୦ ଆସନ ପାଇଁ ମଧ୍ୟ ପ୍ରାର୍ଥୀ ନାହାନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସ୍ୱୟମ ପ୍ରକାଶ ମହାପାତ୍ର ।

ଶ୍ରୀ ମହାପାତ୍ର ଗଣମାଧମକୁ କହିଛନ୍ତି ଯେ, ଗଣମାଧ୍ୟମ ଆଗରେ ୮୦ ଆସନରେ ଜିତିବାର ସିନାବାହା ସ୍ଲୋଟ ମାରିଛନ୍ତି ହେଲେ ଅସଲରେ ପ୍ରାର୍ଥୀ ନପାଇବା ଓଡିଶା ବିଜେପି ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଯେଉଁଥି ପାଇଁ ସେମାନେ ପ୍ରାର୍ଥୀ ତାଲିକା ଘୋଷଣା କରିପାରୁନାହାନ୍ତି । ପ୍ରଥମେ ଓଡିଶା ବିଜେପିର ପ୍ରାର୍ଥୀ ସନ୍ଧାନକାରୀ ଦଳ ଜିଲ୍ଲାରୁ ଜିଲ୍ଲା ବୁଲିଲେ । ଏମାନେ ପ୍ରାର୍ଥୀ ପାଇବା ତ ଦୂରର କଥା ବରଂ ତୃଣମୂଳସ୍ତରରେ ଦଳର ଅତି ଦୁର୍ବଳ ସଂଗଠନ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ଓଡିଶା ବିଜେପିର ସ୍ଥିତି ଏମିତି ହୋଇଛି ଯେ, ସେମାନେ ଯାହାକୁ ଯେଉଁଠୁ ପାଉଛନ୍ତି ଆଣି ଦଳରେ ସାମିଲ କରାଉଛନ୍ତି । ଯେନତେନ ପ୍ରକାରେ ୧୪୭ ଆସନ ପାଇଁ ତାଲିକା ପୂରଣ କରିବା ଚକ୍କରରେ ଥିବା ଭଳି ସ୍ପଷ୍ଟ ଜଣାପଡୁଛି । ଅନ୍ୟ ଦଳରବିତାଡିତ ଓ ଜନବିରୋଧୀ ନେତାଙ୍କସହ ଅପରାଧିକ କାର୍ଯ୍ୟରେ ଲିପ୍ତଥିବା ନେତା ଏବେ ଓଡିଶା ବିଜେପି ପାଇଁ ଏକମାତ୍ର ଆଶା ପାଲଟିଛନ୍ତି । ଠିକ୍ ଯେମିତି ବନ୍ୟାରେ ଭାସି ଯାଉଥିବା ବେଳେ ଜଣେ କୁଟାଖିଅକୁ ବି ଭରସା କରେ । କେବଳ ଏତିକି ନୁହେଁ ସ୍ଥିତି ଏମିତି ହୋଇଛି ଯେ, ଗାଁଗହଳିରେ ଦରାଣ୍ଡୁଛନ୍ତି । ଯାହାକୁ ଯେଉଁଠୁ ପାଉଛନ୍ତି, ଦଳରେ ଆଣି ସାମିଲକରିବାକୁ ଉଦ୍ୟମ କରୁଛନ୍ତି । ଏହା ଦେଖିସାଢେ ୪ କୋଟିଓଡିଶାବାସୀ, ଓଡିଶାବିଜେପିଉପରେହସିବା ଆରମ୍ଭ କଲେଣିବୋଲିଶ୍ରୀମହାପାତ୍ରକହିଛି ।

କମିଶନରେଟ ପୋଲିସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପ୍ୟାରେଡ ଗ୍ରାଉଣ୍ଡ ଠାରେ ଓଡ଼ିଶା ପୁଲିସର ୮୯ତମ ପ୍ରତିଷ୍ଠା ଦିବସ ଖୁବ ସମାରୋହରେ ପାଳିତ ହୋଇଯାଇଛି । ଏହି ପୁଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ପ୍ୟାରେଡ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପ୍ୟାରେଡରେ କମିଶନରେଟ ପୁଲିସ ବିଭାଗରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମିଶାଇ ମୋଟ ୯ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଭୁବନେଶ୍ୱର–କଟକ ଦ୍ୱୈତନଗରୀର ଅତିରିକ୍ତ ପୁଲିସ କମିଶନର ଅଭିନାଶ କୁମାର, ଆଇପିଏସ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଆଇପିଏସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଏହି ପ୍ୟାରେଡ କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଜିର ମୁଖ୍ୟ ଅତିଥି, ଚାକିରି ଜୀବନରେ ନିସ୍ୱାର୍ଥପର ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିବା କିଛି ପୁଲିସ କର୍ମଚାରୀ ମାନଙ୍କୁ ପୁରସ୍କୃତ କରିଥିଲେ ।

ଓଡ଼ିଶା ୧୦୦ ସମ୍ଭାବନାର ଶତାବ୍ଦୀ କାର୍ଯ୍ୟକ୍ରମ

ଭାଷା ଓ ସଂସ୍କୃତି ଆମର ଅସ୍ମିତା: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ଭାଷା ଓ ସଂସ୍କୃତି ଆମର ଅସ୍ମିତା ଏବଂ ଅସ୍ମିତା ସବୁବେଳେ ସ୍ୱାଭିମାନ ସହ ଯୋଡ଼ି ହୋଇ ରହିଛି ବୋଲି ସୋମବାର ଭୁବନେଶ୍ୱରରେ ଓଡ଼ିଶା ୧୦୦ ସମ୍ଭାବନାର ଶତାବ୍ଦୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଶାର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତାର ସଂକଳ୍ପକୁ ନେଇ 'ଆମେ ଓଡ଼ିଆ' ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଓଡ଼ିଶାର ୮ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ସେମାନେ ହେଉଛନ୍ତି ଯୁବ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନ, ତାଳଚେରରୁ ଅଯୋଧ୍ୟା ପର୍ଯ୍ୟନ୍ତ ଖାଲିପାଦରେ ଯାତ୍ରା କରିଥିବା ଶୁଭମ ସାହୁ, ଦେବଗଡର

ପର୍ବତାରୋହୀ ଶଶିଭୂଷଣ ମାଝୀ, ବାଲେଶ୍ୱର ଏଫଏମ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ପ୍ରଫେସର ଭାରତୀ ବାଳା ପଟ୍ଟନାୟକ, ବ୍ରହ୍ମପୁରର ସମାଜସେବୀ ଗଗନ ପାତ୍ର, କେନ୍ଦ୍ରାପଡାର ଲେଖକ ତଥା ପରିବେଶବିତ ସାଗର ପ୍ରଧାନ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକ ଡକ୍ଟର ସୌମ୍ୟ ଜେନା ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ଆୟୁଷ୍ମତୀ ନାୟକ ।

ଏହି ଅବସରରେ ୮୯ତମ 'ଉତ୍କଳ ଦିବସ'ର ଶୁଭେଚ୍ଛା ଜଣାଇବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଶ୍ରୀ ପ୍ରଧାନ । ସେ କହିଛନ୍ତି, ଆମ ସବୁ ଓଡ଼ିଆଙ୍କ ପାଇଁ ଆଜି ଏକ ପବିତ୍ର ଦିନ । ଉତ୍କଳ ଦିବସ ଆମର ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ପାଳନ କରିବାର ମହାନ ଅବସର । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱାଭାବ କବି ଗଙ୍ଗାଧର ମେହେର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ଅନେକ ଓଡ଼ିଶାର ବୀରପୁତ୍ର ସଂଘର୍ଷ କରି ଉତ୍କଳ ପ୍ରଦେଶ ଗଠନ କରିଥିଲେ ।

ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ସଶକ୍ତ କରିବା ପାଇଁ ସ୍ୱପ୍ନ ଦେଖୁଥିବା ଯୁବ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନ ହୁଅନ୍ତୁ କିମ୍ବା ନୂଆ କିସମର କେଞ୍ଚୁଆ ଆବିଷ୍କାର କରି ଓଡ଼ିଶାରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆୟୁଷ୍ମତୀ ନାୟକ ହୁଅନ୍ତୁ ଅବା କ୍ୟାନସର ରୋଗକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଯୋଜନା କରୁଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ସୌମ୍ୟ ଜେନାଙ୍କ ଭଳି ଯୁବ ପ୍ରତିଭାଙ୍କ କାର୍ଯ୍ୟ ମୋର ଆତ୍ମବିଶ୍ୱାସକୁ ବଢାଇଛି । ଆମେ ସାମୂହିକ ଦାୟିତ୍ୱ ନେଇ ଓଡ଼ିଶାକୁ ବଡ କରିବା, ପ୍ରଗତିର ଶୀର୍ଷକୁ ନେବା ଏବଂ ପୁରୁଷାର୍ଥ ଓ ଅକଥ ପରିଶ୍ରମ ବଳରେ ବିଶ୍ୱରେ ନିଜର ସ୍ଥାନ ନିରୁପଣ କରିବା ପାଇଁ ଶପଥ ନେବାକୁ ଉତ୍କଳ ଦିବସ ଅବସରରେ ରାଜ୍ୟବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

ନରମିଲେ ଖାରବେଳ: ବିଜେପି ସଭାପତିଙ୍କୁ ଦେଲେ ୨ଟି ପ୍ରସ୍ତାବ

ବାଲେଶ୍ୱର,(ସବ୍ୟୁ) : ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ସାମାନ୍ୟ ନରମ ପଡ଼ିଛନ୍ତି । ୪ଦିନ ପୂର୍ବରୁ ସେ ବାଲେଶ୍ୱର ଲୋକସଭା ଆସନରୁ ନିର୍ଦ୍ଦଳୀୟ ପ୍ରାର୍ଥୀ ହେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ମାତ୍ର ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଥିଲେ ଯେ କ୍ଷଣୀକ ଉତ୍ତେଜନାରେ ଏଭଳି ଘୋଷଣା କରିଥିଲେ । ତେବେ ଏହି ନିଷ୍ପତ୍ତିକୁ ସେ ଆଜି ପ୍ରତ୍ୟାହାର କରିନେଇଛନ୍ତି । ତେବେ ଦଳର ରାଜ୍ୟ ସଭାପତିଙ୍କୁ ଦୁଇଟି ନୂଆ ପ୍ରସ୍ତାବ ଦେଇ କହିଛନ୍ତି କି ଦଳ ତାଙ୍କୁ ବାଲେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ କରୁ ଓ ପ୍ରତାପ ଷଡ଼ଙ୍ଗୀଙ୍କୁ କନ୍ଧମାଳରୁ ପ୍ରାର୍ଥୀ କରାଯାଉ । ଏପରି ପରିବର୍ତ୍ତନ କରାଗଲେ ସେ କନ୍ଧମାଳରେ ଯାଇ ପ୍ରତାପ ଷଡ଼ଙ୍ଗୀଙ୍କ ସପକ୍ଷରେ ପ୍ରଚାର କରିବେ । ଏହାଦ୍ୱାରା ୨ଜଣ ଯାକ ଜିତିବୁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଯଦିଶ୍ରୀ ଷଡ଼ଙ୍ଗୀ କନ୍ଧମାଳରୁ ଲଢିବାକୁ ରାଜି ହେବେ ନାହିଁ ତେବେ ସେ ନୀଳଗିରି ବିଧାନସଭା ଆସନ ପାଇଁ ଟିକେଟ ନେଇ ଲଢି ପାରିବେ । ଦଳ ଏହି ଦୁଇଟି ପ୍ରସ୍ତାବ ଉପରେ ଗୁରୁତ୍ୱର ସହ ବିଚାର କରିବ ବୋଲି ଶ୍ରୀ ସ୍ୱାଇଁ ଆଶାପୋଷଣ କରିଛନ୍ତି । ତେବେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ଥିବାରୁ ସେ ଦଳର ନେତାମାନଙ୍କୁ ସାକ୍ଷାତ କରିପାରୁ ନାହାଁନ୍ତି ତେଣୁ ଗଣମାଧମ ଜରିଆରେ ନେତାଙ୍କ ନିକଟରେ ନିଜ ପ୍ରସ୍ତାବକୁ ଉପସ୍ଥାପନ କରିବାକୁ ଉଚିତ ମନେକଲେ । ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସ୍ୱାଇଁ କହିଥିଲେ କି ଦଳର ନେତୃମଣ୍ଡଳୀ ତାଙ୍କ ପ୍ରସ୍ତାବରେ ରାଜି ହେଲେ ସେ ଏନେଇ ପ୍ରତାପ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିବେ ଓ ତାଙ୍କୁ ବୁଝାଇପାରିବେ । ଏନେଇ ଶ୍ରୀ ସ୍ୱାଇଁ ରାଷ୍ଟ୍ରିୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ଆଲୋଚନା କରିବେ କି ବୋଲି ପ୍ରଶ୍ନ ହେବାରୁ ଶ୍ରୀ ସ୍ୱାଇଁ କହିଥିଲେ କି ରାଜ୍ୟ ସଭାପତି ମନମୋହନ ସାମଲ ମୋ ନାମ ସୁପାରିଶ କରିଥିଲେ ହେଁ ଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନିର୍ବାଚନ ପ୍ରାର୍ଥୀ ମନୋନୟନ କମିଟି ତାଙ୍କ ନାମ କାଟି ଅନ୍ୟ ନେତାଙ୍କୁ ଟିକେଟ ଦେଇଛନ୍ତି ବୋଲି ସେ ଅନୁଭବ କରୁଛନ୍ତି । ଯଦି ଦଳର ନେତାମାନେ ତାଙ୍କ ସର୍ତ୍ତରେ ରାଜି ନହେବେ ତେବେ ତାଙ୍କର ପରବର୍ତ୍ତୀ ପଦକ୍ଷେପ କଣ ହେବ ବୋଲି ସାମ୍ବାଦିକମାନେ ପ୍ରଶ୍ନ କରିବାରୁ ଶ୍ରୀ ସ୍ୱାଇଁ କହିଥିଲେ ଯେ ସେ ଆଗାମୀ ମେ ମାସ ୭ ତାରିଖରେ ସେ ବାବଦରେ ପ୍ରକାଶ କରିବେ । ତେବେ ଶ୍ରୀ ସ୍ୱାଇଁ ବାରମ୍ବାର ନିଜ ସ୍ୱର ପରିବର୍ତ୍ତନ କରି ଦଳର ନେତୃବୃନ୍ଦଙ୍କୁ ଏକପ୍ରକାର ନିଜର ପରାମର୍ଶକୁ ଲଦିଦେବାକୁ ଉଦ୍ୟମ କରିବା ଘଟଣା ଦଳୀୟ ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହେଉଛି । ଦେଖିବାକୁ ଗଲେ କନ୍ଧମାଳରେ ୪୦ପ୍ରତିଶତ ଭୋଟର ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ଦକ୍ଷିଣପନ୍ଥୀଦଳ ବିଜେପିକୁ ଭୋଟ ଦେବାର ସମ୍ଭାବନା ନଥିବାରୁ ଖାରବେଳ ସ୍ୱାଇଁ କନ୍ଧମାଳକୁ ଗୁଡବାଏ କରିଦେଇଛନ୍ତି ।

କଟକ ଲୋକସଭା ବିଜେଡ଼ି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ପ୍ରଚାର ଆରମ୍ଭ

ବାଙ୍କୀ, (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନ ପାଇଁ କଟକ ଲୋକସଭା ଆସନ ପାଇଁ ବିଜେଡ଼ି ପକ୍ଷରୁ ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ନାମ ଘୋଷଣା ପରେ ସୋମବାର ଦିନ ବାଙ୍କୀ ନିର୍ବାଚନ ମଣ୍ଡଳୀ ଗ୍ରସ୍ତରେ ପ୍ରଚାର ଆରମ୍ଭ କରଛନ୍ତି । ସ୍ଥାନୀୟ ବିଧାୟକଦେବୀ ରଞ୍ଜନ ତ୍ରିପାଠୀଙ୍କ ସହିତ ଆସିଥିବା ଶ୍ରୀମିଶ୍ରଙ୍କୁ ଜାତମୁଣ୍ଡିଆ ଛକ ଠାରୁବିଜେଡି କର୍ମୀ ମାନେ ବିରାଟ ବାଇକ୍ ରାଲିରେ ପାଛୋଟି ଆଣିଥିଲେ। ପରେ ଦଳୀୟ କର୍ମୀ ମାନ ଙ୍କୁ ଭୋଟ ଗ୍ରହଣ କିଭଳି କରାଯିବା ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଗୁଡିକ ଲୋକ ଲୋଚନକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ବାଙ୍କୀପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବ୍ଲକ୍‌ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କର୍ମୀମାନଙ୍କୁ ଭୋଟ କିଭଳି ହେବ ତାର ରଣ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର କାହିଁକି ପ୍ରାର୍ଥୀହେଲେ ସୂଚନା ଦେଇ ମାଆ ଚର୍ଚ୍ଚିକା ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।

ଆରବିଆଇ@୯୦: ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ପାଳିତ

ଭୁବନେଶ୍ୱର, (ସବ୍ୟ): ରିଜର୍ଭ ବ୍ୟାଙ୍କର ୯୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିସରକୁ ଆଲୋକିତ କରାଯିବା ସହ ପ୍ରବେଶ ପଥକୁ ପୁଷ୍ପମାଳା ଓ ରଙ୍ଗୋଳୀରେ ସୁସଜ୍ଜିତ କରାଯାଇଥିଲା । RBI@90 ଅଫିସିଆଲ ଲୋଗ ସହିତ ଏହାର ଥିମ୍ ସ୍ଥିରତା ବିଶ୍ୱାସ ଓ ଅଭିବୃଦ୍ଧିକୁ ମୁଖ୍ୟ କାର୍ଯ୍ୟାଳୟ ଉପରେ ଥିବା ଏଲିଡି ସ୍କିନ୍ ଏବଂ ଏକ ହିଲିୟମ୍ ବେଲୁନ୍ ଦ୍ୱାରା ପ୍ରଦର୍ଶିତ କରାଯାଇଛି । ମୁମ୍ବାଇରେ ଆୟୋଜିତ ୯୦ତମ ପ୍ରତିଷ୍ଠା ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ, ମହାରାଷ୍ଟ୍ରର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଓ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣରେ ଆର୍‌ବିଆଇର ବୃତ୍ତିଗତତା ଏବଂ ପ୍ରତିବଦ୍ଧତା ଆଧାରରେ ସମଗ୍ର ବିଶ୍ୱରେ ପରିଚୟ ସୃଷ୍ଟି କରିଥିବାରୁ ପ୍ରଶଂସା କରିଥିଲେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଆଉଟ୍ ଅଫ୍ ଦ ବକ୍ସ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ରିଜର୍ଭ ବ୍ୟାଙ୍କର ୟୁ-ଟ୍ୟୁଭ ଚ୍ୟାନେଲ ଏବଂ ଏକ୍ସହ୍ୟାଣ୍ଡେଲ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଐତିହାସିକ ଉତ୍ସବରେ ଏଲିଡି ସ୍କିନ୍ ଦ୍ୱାରା ଭର୍ଚୁଆଲ ମୋଡରେ ଯୋଗଦାନ କରିଥିଲେ ।

ଉତ୍କଳ ହସ୍ପିଟାଲରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟ): ଭୁବନେଶ୍ୱର ନୀଳାଦ୍ରି ବିହାର ସ୍ଥିତ ରାଜ୍ୟର ପ୍ରମୁଖ ସୁପର ମଲ୍ଟି ସ୍ପେଶାଲିଷ୍ଟ ଉତ୍କଳ ହସ୍ପିଟାଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ହସ୍ପିଟାଲର ଉଚ୍ଚ ପଦାଧିକାରୀ ଗଣ, ଡାକ୍ତର ଓ କର୍ମଚାରିଗଣ ଯୋଗଦେଇଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ପରେ ପରେ ଅଧିକାରୀମାନେ ଉତ୍କଳ ଦିବସ ବିଷୟରେ ସମ୍ଭାଷଣ ଦେଇଥିଲେ ।

ଉତ୍କଳ ଦିବସ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଫଟୋ ପ୍ରଦର୍ଶନୀ

ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ

ଭୁବନେଶ୍ୱର,(ସବ୍ୟ): ଭାରତୀୟ ରେଳ ଇଞ୍ଜିନିୟର୍ସ ସେବା (ଆଇଆରଏସଇ) ର ଅଧିକାରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଭାବରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି । ଶ୍ରୀ ବେହେରା ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ ବୁର୍ଲା, ସମ୍ବଲପୁର ଠାରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ସାମୁଦ୍ରିକ ଇଞ୍ଜିନିୟରିଂରେ ଆଇଆଇଟି ମାଡ୍ରାସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଭାରତୀୟ ରେଳବାଇରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ବିସ୍ତୃତ ଓ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି । ଶ୍ରୀ ବେହେରା ରେଳବାଇରେ ତାଙ୍କର ସେବା ମଧ୍ୟରେ ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ୍ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ୍ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ ଉଲ୍ଲେଖନୀୟ ଭୂମିକାରେ ସେ ରାଇଟ୍ସ, ଭୁବନେଶ୍ୱରରେ ଗ୍ରୁପ୍ ଜେନେରାଲ୍ ମ୍ୟାନେଜର ଏବଂ ପାଟନା ଏବଂ ମୁଙ୍ଗେରରେ ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ୍ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଅନ୍ତର୍ଭୁକ୍ତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକ ମଧ୍ୟରେ ସେ ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଇତ୍ୟାଦି ପଦବୀ ଗୁଡିକରେ କାର୍ଯ୍ୟରତ ଥିଲେ ।

ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଖୋର୍ଦ୍ଧା,(ସବ୍ୟ): ଶିଳ୍ପାଂଚଳ ଥାନା ଅନ୍ତର୍ଗତ ପାଇକତିଗିରିଆ ବରକନ୍ୟା ମନ୍ଦିର ନିକଟ ଜଙ୍ଗଲରୁ ଏକ ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି ପୁଲିସ । ମୃତକ ହେଲେ ପାଇକତିଗିରିଆ ର କବିରାଜ ଦାସ (୪୫) । ସୂଚନା ଅନୁସାରେ, କବିରାଜ ନିକଟ ଜଙ୍ଗଲରେ ଏକ ଗଛରେ ଝୁଲୁଥବବା ଦେଖି ସ୍ଥାନୀୟ ଲୋକ ପୁଲିସ କୁ ଖବର ଦେଇଥିଲେ । ଖବର ପାଇ ପୁଲିସ ପହଁଚି ଶବକୁ ଜବତ କରିଥିବାବେଳେ ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ବିଜେଇଏମ ସ୍କୁଲ-୨ରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟ): ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର, ପରିଚାଳକ ପ୍ରତାପ କୁମାର ଜେନା ଏବଂ ପରିଚାଳନା କମିଟିର ସଦସ୍ୟବୃନ୍ଦ ତଥା ଅଧକ୍ଷା ଅଳକା ମହାନ୍ତି ଓ ଉପାଧକ୍ଷ ଡ. ମନୋରଞ୍ଜନ ବେଜ ଯୋଗଦାନ କରି ଏକ ସଫଳ ସାହିତ୍ୟ ସଭାର ଆୟୋଜନ ହୋଇଥିଲା । ଉତ୍କଳ ଗଠନ ଓ ଏହାର ଉତଥାନ ଓ ପତନ ଉପରେ ନିମନ୍ତ୍ରିତ ଅତିଥିମାନଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତ ସଭାକୁ ବେଶ ସଫଳ କରିପାରିଥିଲା ଶିକ୍ଷକ ଓ ଶିକ୍ଷୟିତ୍ରୀମାନ ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବେଶ ଆନନ୍ଦପ୍ରଦ କରିଥିଲା । ଶେଷରେ ରୋଜାଲିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱରର ଏସ୍‌ପ୍ଲାନେଡରେ ଉତ୍କଳ ଦିବସ

ଭୁବନେଶ୍ୱର,(ସବ୍ୟ): ଭୁବନେଶ୍ୱର ଏସ୍ ପ୍ଲାନେଡମଲ୍‌ରେ ଉତ୍କଳ ଦିବସ ପାଳିତ ହୋଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ ପରିବେଶିତ ହେବା ସହ ପାରମ୍ପାରିକ ଖେଳ ମଧ ପ୍ରଦର୍ଶନ କରାଯାଇଥିଲା । ଏକ ମଲ୍‌ଭାବରେ ନେକ୍ସସଏସପ୍ଲାନେଡ୍ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଆଣିବା ଏବଂ ଗ୍ରାହକଙ୍କ ସହ ଆନନ୍ଦ ଉତ୍ସବ ପାଳନ କରିବାରେ ସର୍ବଦା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ବର୍ଷ ମଲ ତରଫରୁ ଏକ ଖୁଚୁରା ଶିଳ୍ପରୁ ଓଡ଼ିଶାକୁ ସମର୍ପିତ ଏକ ସଙ୍ଗୀତ ଲୋକାର୍ପିତ କରିଅଛି । ଓଡିଶା ଇତିହାସରେ ଏହା ପ୍ରଥମ ଥର ପାଇଁ ଏକ ମଲ୍ ପରିବର୍ତ୍ତନ ଆଣିବାକୁ ଏବଂ ଓଡିଶାର ସଂସ୍କୃତି, ଅୟୀତିହ୍ୟ ଏବଂ ପରମ୍ପରା ସମ୍ପ୍ରଦାୟରେ ସହଯୋଗ କରିବାକୁ ଚେଷ୍ଟା କରୁଛି ।

ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,(ସବ୍ୟ): ଆଜି ପବିତ୍ର ଓଡ଼ିଶା ଦିବସ । ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ । ୧୯୩୬ ମସିହାରେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା । ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଇତିହାସ ସୃଷ୍ଟି କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସଂଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦ୍‌ଘାଟନ କରି ଏହା କହିଛନ୍ତି ।

ଭର୍ଚୁଆଲ ପ୍ଲାଟଫର୍ମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡିଆ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

ଓଡ଼ିଶା ମାଟିର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ଫକୀର ମୋହନ ସେନାପତି, ପଣ୍ଡିତ ଗୋଦାବରୀଶ ମିଶ୍ର, ମହାରାଜା ହରିହର ମର୍ଦରାଜଙ୍କ ଅସୀମ ତ୍ୟାଗ ଓ ନିରନ୍ତର ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ରଖିଥିବା ମହାମନୀଷୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଉଲ୍ଲେଖ କରି ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପରି ସଂଗ୍ରାମୀମାନଙ୍କ ପ୍ରତି ମଧ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି । ଓଡ଼ିଶାର କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି । ଏ ମାଟି ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିବା ସହ ଆମ ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିଚାଲିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସଭାପତିତ୍ୱ କରିଥିଲେ । ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିପୁଷ୍ଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି ବୋଲି ସେ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଲେ ଯେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଆଜି ୮୮ ବର୍ଷ ଅତିକ୍ରମ କରିସାରିଛି । ଅନେକ ମହାମନୀଷୀଙ୍କ ଅସୀମ ତ୍ୟାଗ ଓ ବଳିଦାନ ପରେ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲୁ । ସମସ୍ତଙ୍କର ମିଳିତ ପ୍ରୟାସ ଓ ଲକ୍ଷ୍ୟ ରହିଲେ ଓଡ଼ିଶା ନିଶ୍ଚୟ ଏକ ସମୃଦ୍ଧ ଓ ଉନ୍ନତ ରାଜ୍ୟରେ ପରିଗଣିତ ହୋଇପାରିବ ବୋଲି ସେ ମତ ରଖିଥିଲେ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଓଡ଼ିଶା ଦିବସ ଆଧୁନିକ ଓଡ଼ିଶାର ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ବୋଲି ଉଲ୍ଲେଖ କରିଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରିଥିଲେ । ଶେଷରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଉତ୍କଳ ଜନନୀଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନପୂର୍ବକ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ହୋଇଥିଲା ।

ସଭା ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୪ ମହାସମାରୋହରେ ପାଳିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ବଡଚଣାରେ ବିରୋଧୀଙ୍କ ମେଳି ପରେ ଶକ୍ତି ପ୍ରଦର୍ଶନ କଲେ ଅମରଙ୍କ ସମର୍ଥକ :ମହୋତ୍ସବ ପଡିଆ ଲୋକାରଣ୍ୟ



ଚଣ୍ଡିଖୋଲ,(ସବ୍ୟ) ଚଳିତ ନିର୍ବାଚନ ପାଇଁ ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳର ନେତୃତ୍ୱ ଓ ଦଳୀୟ ଟିକେଟ ଆଶାରେ ଦୀର୍ଘ ଦିନହେବ ଛକାପଞ୍ଝା ଲାଗିରହିଛି । ବିଧାୟକ ଅମରପ୍ରସାଦ ଶତପଥୀ ଓ ତାଙ୍କୁ ବିରୋଧ କରୁଥିବା ଗୋଷ୍ଠୀଙ୍କ ପକ୍ଷରୁ ଏଠାରେ ବାରମ୍ବାର କର୍ମୀ ବୈଠକ,ସମାବେଶ ଓ ସାମ୍ବାଦିକ ସମ୍ମିଳନୀ କରାଯାଇ ପରସ୍ପର ବିରୋଧରେ ଆରୋପ ପ୍ରତି ଆରୋପ କରି ଚାଲିଛନ୍ତି । ବିରୋଧୀଙ୍କ ପକ୍ଷରୁ ଏଠାରେ ବିଜେଡିର ନେତୃତ୍ୱ ପରିବର୍ତ୍ତନ ପାଇଁ ଦୃଢ ଦାବି ହେଉଥିଲା ବେଳେ ତାହାକୁ ପ୍ରତିହତ କରିବା ପାଇଁ ବିଧାୟକ ଗୋଷ୍ଠୀ ମଧ ଯୋରସୋର ଉଦ୍ୟମ ଯାରୀ ରଖିଛନ୍ତି । ବିରୋଧୀଙ୍କ ପକ୍ଷରୁ ଗତ ୨୯ ତାରିଖ ଦିନ ସ୍ଥାନୀୟ ଖଇରା ମେଲଣ ପଡିଆରେ ଏକ ସାଙ୍ଗଠନିକ ବୈଠକ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରାଯାଇ ଏଠାର ଦଳୀୟ ନେତୃତ୍ୱ ପରିବର୍ତ୍ତନ ପାଇଁ ରାଜ୍ୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତେବେ ବିରୋଧୀଙ୍କର ଏହି ବୈଠକ ଓ ଆରୋପକୁ କଡା ଜବାବ ଦେବାକୁ ଯାଇ ସୋମବାର ସନ୍ଧ୍ୟାରେ ବଡଚଣା ମହୋତ୍ସବ ପଡିଆରେ ବିଧାୟକଙ୍କ ସମର୍ଥକଙ୍କ ପକ୍ଷରୁ ଏକ ବିରାଟ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇ ବିରୋଧୀଙ୍କୁ କଡା ଯବାବ ଦିଆଯାଇଥିଲା । ଅମରଙ୍କୁ ସମର୍ଥନ କରି ବଡଚଣାର ୪୩ ପଞ୍ଚାୟତରୁ ହଜାର ହଜାର କର୍ମୀ ସଭା ସ୍ଥଳରେ ସମବେତ ହୋଇଥିଲେ । ସମଗ୍ର ଅଞ୍ଚଳ ଲୋକାରଣ୍ୟ ହେବା ସାଙ୍ଗକୁ ଦୀର୍ଘ ସମୟଧରି ରାସ୍ତାଘାଟ ଭୀଷଣ ଯାମ ପରିଲକ୍ଷିତ ହୋଇଥିଲା । ଏହି ସମାବେଶ ପରେ ବିଧାୟକ ଓ ବିଜେଡି ଦଳର ବିରୋଧୀଙ୍କ ମଧ୍ୟରେ ଅଙ୍କକଷା ସହ ଅବଗଣନା ଆରମ୍ଭ ହୋଇଛି । ଏହି ସମାବେସରେ ବଡଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକ ଅମରପ୍ରସାଦ ଶତପଥୀ ଯୋଗଦେଇ ବଡଚଣାବାସୀଙ୍କ ଆବେଗ ଓ ଭଲପାଇବାର ନିଷ୍ପତି ନିର୍ଣ୍ଣାୟକ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ବଡଚଣା ପ୍ରତି ରହିଥିଲା ଓ ଆଗକୁ ତାହା ଜାୟ ରହିବ ବୋଲି କହିବା ସହ ଦଳର ଯେଉଁ କର୍ମୀ ଓ ନେତୃବୃନ୍ଦଙ୍କ ମନରେ କିଛି ବି ଅଭିମାନ ବା ପ୍ରଶ୍ନ ରହିଛି ସେମାନେ ଆଲୋଚନା ପାଇଁ ଆଗେଇ ଆସିଲେ ମୁଁ ତାଙ୍କୁ ସ୍ୱାଗତ କରିବି ବୋଲି ଭାବ ବିହ୍ୱଳ ଭାବେ ପ୍ରକାଶ କରିଥିଲେ । ବଡଚଣାରେ ବିଜେଡି ଏକାଠି ଓ ଶକ୍ତିଶାଳୀ ଥିଲା ଓ ଆଗକୁ ରହିବ ବୋଲି ମଧ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସମାବେଶରେ ଏଥିରେ ଟିମ ବଡ଼ଚଣାର ସଭାପତି ଅଦିତୀୟ ଶତପଥୀ ଯୋଗେଦେଇ । ଏଠାରେ ଲୋକେ ଯେଉଁ ଶକ୍ତି ଦେଖାଇଛନ୍ତି ତାହା ରାଜ୍ୟ ନେତୃବକୁ ନିଶ୍ଚିତ ପ୍ରଭାବିତ କରିବ ଓ ଆଗାମୀ ଦିନରେ ଶ୍ରୀ ଶତପଥୀ ସପ୍ତମ ଥର ପାଇଁ ଏଠାରେ ବିଧାୟକ ହେବା ନିଶ୍ଚିତ ବୋଲି ସେ ଦୃଢୋକ୍ତି କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ରପ୍ରସାଦ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁମତି ବାସ୍କେ, ବିନୋଦିନି ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ଶାରଦା ମହାନ୍ତି, ବ୍ଲକ ବିଜେଡି ଉପ ସଭାପତି ପଞ୍ଚାନନ ଧଳ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, କିଶୋର ସାମଲ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ଚିନ୍ମୟ ମହାନ୍ତି, ମନୋରଞ୍ଜନ ଜେନା, ବରିଷ୍ଠ କର୍ମୀ ମାଧବାନନ୍ଦ ମହାପାତ୍ର,ଜଗନ୍ନାଥ ମୁଦୁଲି, ନବଦୀପ ନାୟକ, ଉମେଶ ସାମଲ, ଫନିନ୍ଦ୍ର ପଣ୍ଡା,ଦିଲ୍ଲୀପ କୁମାର ଷେଣ୍ଡ, ସୌଭାଗ୍ୟଲକ୍ଷ୍ମୀ ବଳ, ସଞ୍ଜୟ କୁମାର ସ୍ୱାଇଁ, ସେକ ମୋଇନ ଅହେମ୍ମଦ,ସେକ ମସିର ଆଲାମ, ଗିରିଶ ପାତ୍ର ଓ ପ୍ରଭାକର ସାହୁଙ୍କ ସହ ବହୁ ନେତୃବୃନ୍ଦ ଯୋଗଦେଇ ଆମର ଶତପଥୀଙ୍କ ସପକ୍ଷରେ ଅଭିଭାଷଣ ରଖିଥିଲେ । ଶେଷରେ ସମିତି ସଭ୍ୟ ମଧୁସୂଦନ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱପ୍ନ ଫାଉଣ୍ଡେସନ୍‌ର ରକ୍ତଦାନ ଶିବିର : ୨୬୧ ୟୁନିଟ୍ ସଂଗୃହିତ

କଟକ, (ସ୍ୱପ୍ର): ଖରା ଓ ଗରମ ନିମନ୍ତେ ରକ୍ତ ଭଣ୍ଡାରରେ ଏବେ ରକ୍ତର ଅଭାବ ଦେଖା ଦଇଛି । ଏହାକୁ ଲକ୍ଷ୍ୟ ରଖି କଟକର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ମାର୍ଚ୍ଚ ୩୧ ତାରିଖ ରବିବାର ଦିନ ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରଦ୍ଧା ଗାର୍ଡେନ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ରକ୍ତ ଦେବା ପାଇଁ ବହୁ ଉତ୍ସାହି ଲୋକଙ୍କ ସମାଗମ ହୋଇଥିଲା। ଶିବିରରେ ମୋଟ୍ ୨୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଡାକ୍ତର ଓ ପ୍ରଫେସର ଜୟନ୍ତ କୁମାର ପଣ୍ଡା, କର୍ପୋରେଟର ଇଂ ସୁବ୍ରତ ଘଡେଇ ପ୍ରମୁଖ ଯୋଗଦେବା ସହ ହାସ୍ୟ ଅଭିନେତା ପପୁ ପମପମ,ସୁଲଗ୍ନା, ଆଶୁତୋଷ ପାଢ଼ୀ ଆଦି ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ବ୍ରେନୀ ଉଡ୍ ଓଡିଶା ପକ୍ଷରୁ ନିଃଶୁଳ୍କ ସ୍ମରଣ ଶକ୍ତି ବୃଦ୍ଧି ତାଲିମ

କଟକ, (ସ୍ୱପ୍ର) : ପବିତ୍ର ଉତ୍କଳ ଦିବସ ଅବସରରେ ସ୍ଥାନୀୟ ଲିଙ୍କ୍ ରୋଡ ସ୍ଥିତ ସୂର୍ଯ୍ୟବିହାର ଲେନ୍ ୱାନ୍‌ରେ ବ୍ରେନୀ ଉଡ୍ ଓଡିଶା ପକ୍ଷରୁ ନିଶୁଳ୍କ ସ୍ମରଣ ଶକ୍ତି ବୃଦ୍ଧି ତାଲିମ ଶିବିର ଆରମ୍ଭ ହୋଇଛି । ଏହି ନିଶୁଳ୍କ ତାଲିମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ସ୍ମରଣ ଶକ୍ତି ବୃଦ୍ଧି ସହିତ ଚାପମୁକ୍ତ ଶିକ୍ଷାଦାନ ବିଷୟରେ ତାଲିମ ଦିଆଯିବ। ଉତ୍କଳ ଦିବସ ଠାରୁ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ୧୪ ଦିନ ଭିତରେ ଯେଉଁ ଛାତ୍ରଛାତ୍ରୀମାନେ ଯୋଗାଯୋଗ କରିବେ ସେମାନଙ୍କୁ ୭ ଦିନ ପାଇଁ ମାଗଣାରେ ତାଲିମ ଦିଆଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସମୀର ସାମଲ ଉତ୍କଳ ଦିବସ ପାଳନ ଅବସରରେ ପ୍ରକାଶ କରିଛନ୍ତି । ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ବସନ୍ତ କୁମାର ଜେନା, ଦୀପକ ରାଜ୍ ଯୋଗଦେଇ ପିଲାମାନେ ଚାପଗ୍ରସ୍ତ ହୋଇ ପାଠ ପଢିବା ଯୋଗୁ ସେମାନଙ୍କର ସ୍ମରଣଶକ୍ତି ହ୍ରାସ ପାଉଛି । ଯାହା ବ୍ରେନ୍ ଉଡ୍ ଶିକ୍ଷାନୁଷ୍ଠାନ ଦୂର କରିବା ସହିତ ପିଲାମାନେ କିପରି ବିନା ଚାପରେ ଭଲ ନମ୍ବର ରଖିବେ ସେ ଦିଗରେ ଶିକ୍ଷାଦାନ କରିବ । ଖାଲି ସେତିକି ନୁହେଁ ଛାତ୍ରଛାତ୍ରୀଙ୍କ ସ୍ମରଣଶକ୍ତି ବୃଦ୍ଧି, ଜରୁରୀ ସୂଚନା, ଅଙ୍କ ବିଜ୍ଞାନର ସୂତ୍ର, ଆବାକସ୍, ସ୍ପୋକନ୍ ଇଙ୍ଗଲିସ୍, କମ୍ପ୍ୟୁଟର ଆଦି ଅନେକ ସମୟପୋଯୋଗି ଶିକ୍ଷାଦାନ କରାଯିବ । ନିର୍ଦ୍ଦେଶକ ସାହିଲ୍ କୁମାର ଜେନା ଶିକ୍ଷାନୁଷ୍ଠାନର ଆଗାମୀ ଦିନରେ ଲକ୍ଷ୍ୟ ବିଷୟରେ ଉପସ୍ଥିତ ପିଲା ଓ ଅଭିଭାବକମାଙ୍କୁ କହିଥିଲେ । ଶେଷରେ ଅନ୍ୟତମ ନିର୍ଦ୍ଦେଶିକା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏକନମ୍ବର ସ୍ଥାନରେ ପାରାଦୀପ ପୋର୍ଟ

ପାରାଦୀପ, (ଜିପ୍ର) : ବହୁ ଦିନର ସ୍ୱପ୍ନ ପୂରା ହୋଇଛି । ବହୁ ପ୍ରତିଯୋଗୀତା ଭିତରେ ପାରାଦୀପ ବନ୍ଦର ପଣ୍ୟ କାରବାର ସର୍ବଭାରତୀୟ ସ୍ତରରେ ରେକର୍ଡ ସୃଷ୍ଟି କରିଛି ।ଚଳିତବର୍ଷ ପାରାଦୀପ ବନ୍ଦରର ପଣ୍ୟ କାରବାର ଦେଶରେ ପ୍ରଥମ ହୋଇଛି । ଚଳିତ ବର୍ଷ ୧୪୫.୩୮ ମିଲିୟନ୍ ମେଟ୍ରିକ ଟନ୍ ପଣ୍ୟ କାରବାର କରି ଏକ ନୂତନ କିର୍ତ୍ତିମାନ ସ୍ଥାପନ କରିଛି ପାରାଦୀପ ବନ୍ଦର । ପୂର୍ବରୁ ଲଗାତାର ପ୍ରଥମ ହେଉଥିଲା ଗୁଜରାଟ ଦୀନଦୟାଲ ପୋର୍ଟ ।ଚଳିତ ଆର୍ଥିକ ବର୍ଷ ସରିବାର ଯଥେଷ୍ଟ ପୂର୍ବରୁ ୧୦୦ ନିୟୁତ ମେଟ୍ରିକ ଟନ୍ ଟପିଥିଲା ।କ୍ରମାଗତ ୭ମ ଥର ପାଇଁ ୧୦୦ ନିୟୁତ ଟନ୍ ପଣ୍ୟ କାରବାରରେ ଟପିଥିଲେ ସୁଦ୍ଧା ଏକ ନମ୍ବର ସ୍ଥାନ ଅଧିକାର କରିବାରେ ଟିକିଏ କମ୍ ରହିଥିଲା । ପ୍ରଥମ ଥର ପାଇଁ ୨୦୧୭-୧୮ ଆର୍ଥିକ ବର୍ଷ ରେ ୧୦୨.୦୧ ଏମ୍.ଏମ୍.ଟି. ପଣ୍ୟ କାରବାର କରି ୧୦୦ ଏମ୍.ଏମ୍.ଟି. ଅତିକ୍ରମ କରିବା ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧୦୯.୨୭ ଏମ୍.ଏମ୍.ଟି., ୨୦୧୯-୨୦ ଆର୍ଥିକ ବର୍ଷ ରେ ୧୧୨.୬୯ ଏମ୍.ଏମ୍.ଟି. ପଣ୍ୟ କାରବାର କରି ସମଗ୍ର ଦେଶରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା । ୨୪ ଘଣ୍ଟା ରେ ୨୪ ଜାହାଜ ବନ୍ଦର ମଧ୍ୟକୁ ଯିବା ଆସିବା କରିବା , କେପ ସାଇଜ ଜାହାଜ କୁ ହ୍ୟାଣ୍ଡେଲ କରି ବନ୍ଦର ପୂର୍ବରୁ ରେକର୍ଡ ପରେ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷ ରେ ପଣ୍ୟ କାରବାର କ୍ଷମତା ବୃଦ୍ଧି ସହ ସର୍ବଭାରତୀୟ ମେଜର ପୋର୍ଟ ଭିତରେ ଏକ ନମ୍ବର ସ୍ଥାନ ହାସଲ କରିଛି ।ଯାହାକୁ ନେଇ ବନ୍ଦର ଅଧକ୍ଷ ପିଏଲ ହାରନାଦ ସମସ୍ତ ବ୍ୟବହାରକାରୀ ସଂସ୍ଥା ଓ ବନ୍ଦର କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଟ୍ରଲର ପଛରେ ଧକ୍କା ଦେଲା ଟ୍ରକ୍ : ଦୁଇ ଆହତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ବଡ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମ ନିକଟରେ ରବିବାର ରାତ୍ରୀରେ ଟ୍ରଲର ପଛରେ କୋଇଲା ବୋଝେଇ ଟ୍ରକ ଧକ୍କା ହେବା ଫଳରେ ଟ୍ରକର ଚାଳକ ଓ ଖଲାସୀ ଆହତ ହୋଇଛନ୍ତି । ପ୍ରକାଯେ ପାରାଦୀପରୁ ବୋକାରୋ ଏକ କୋଇଲା ବୋଝେଇ ଟ୍ରକ ରାଜପଥରେ ଆସୁଥିବା ବେଳେ ମକୁନ୍ଦବିନ୍ଧା ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରଲର ପଛରେ ଧକ୍କା ହୋଇଥିଲା । ଫଳରେ ଟ୍ରକ ଆଗ ଭାଙ୍ଗିଯିବା ସହ ଚାଳକ ବିହାର ରାଜ୍ୟ ଶିବାନ ଅଂଚଳର ସିପାହୀ ଯାଦବ ଓ ଖଲାସୀ ମାନବ ଯାଦବ ଆହତ ହୋଇଥିଲେ । ଗଟଣାସ୍ଥଳେ ରାଜପଥ ପୋଟ୍ରୋଲିଙ୍ଗ ଅଧିକାରୀ ଅଶୋକ କମ୍ଦାର ବଳ ପହଂଚି ଚାଳକ ଓ ଖଲାସୀକୁ ନେଇ ଚିକିତ୍ସା କରାଇଥିବା ବେଳେ ପୁଲିସ ଟ୍ରକକୁ ଜବତ କରିଛି ।

ଦ୍ୱୀପାଞ୍ଚଳ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଂଚାୟତ ବ୍ରାହ୍ମଣ ନରସିଂହପୁର ଗ୍ରାମର ଦ୍ୱୀପାଂଚଳ ପଂଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଆର୍ତବନ୍ଧୁ ବୋଇତାଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଷ୍ଟାର କର୍ମକ ସଭାପତି ସୁନନ୍ଦ କୁମାର ରାଉତ ଯୋଗଦେଇ ସ୍କୁଲର ଇତିହାସ ସହ ଜଡ଼ିତ ସମସ୍ତ ଗ୍ରାମବାସୀ ଓ ଶିକ୍ଷକଙ୍କ କାର୍ଯ୍ୟଧାରା ଉପରେ ଅଭିଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିପିନ୍ ବିହାରୀ ମହାରଣା, ବୈରାଗୀ ଚରଣ ସେଠୀ ସାରଙ୍କ କର୍ତବ୍ୟ ପରାୟଣତାର ପ୍ରଶଂସା କରି ଅବସର ପରେ ସ୍କୁଲ ଆସି ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ଦେବାକୁ କହିଥିଲେ। ମୁଖ୍ୟ ବକ୍ତା ଭାବେ କଳ୍ପତରୁ ରାଉତ, ତାଙ୍କ ଦୀର୍ଘ ବର୍ଷ କାମ କରିବାର ଅନୁଭୁତି ଓ ଇଂରାଜୀ ଶିକ୍ଷା ଦେବାର ପ୍ରଣାଳୀ ସହ ଛାତ୍ର ବତ୍ସଳତା ଉପରେ କହିଥିଲେ। ଅନ୍ୟ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ସଭ୍ୟା ଶିକ୍ଷକ ବଦ୍ରି ନାରାୟଣ ମହାନ୍ତି, ଶରତ କୁମାର ବାରିକ, ଦିଲ୍ଲିପ୍ ରଥ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଆର୍ତ ସାରଙ୍କ ତ୍ୟାଗ ସେବା ଓ ସ୍କୁଲ ଅନୁଭୁତି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ନରସିଂହପୁର ହାଇସ୍କୁଲ ଓ ଅନ୍ୟସ୍କୁଲ ଶିକ୍ଷକ ବୃନ୍ଦ କମିଟିର ପୂର୍ବତନ ସଭ୍ୟ ପୁରାତନ ଛାତ୍ର ପ୍ରମୁଖ ଯୋଗଦେଇ ସାରଙ୍କ ସମ୍ପର୍କରେ କହିଥିଲେ। ଶିକ୍ଷୟତ୍ରୀ ପ୍ରଭାତି ଧଳ, ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ତପନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍କୁଲରୁ ଏକ ପଟୁଆରରେ ଛାତ୍ରଛାତ୍ରୀ ଗ୍ରାମବାସୀ ଶିକ୍ଷକ ମାନେ ଶୋଭାଯାତ୍ରାରେ ବାହାର ଆର୍ତ ସାରଙ୍କ ବାସ ଭବନ ପର୍ଯ୍ୟନ୍ତ ଯାଇଥିଲେ।

ପାହାଡରେ ଛେଳି ଚରାଳିର ମୃତ୍ୟୁ

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ଜଣେ ଛେଳିଚରାଳିର ପ୍ରଖର ରୌଦ୍ରତାପ ଯୋଗୁଁ ପାହାଡରେ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ବ୍ୟକ୍ତିଙ୍କ ନାମ ବଙ୍ଗାଳି ସାମଲ ଓ ତାଙ୍କ ବୟଷ ପ୍ରାୟ ୬୦ ବର୍ଷ ହେବ ।ସୋମବାର ସକାଳୁ ବଙ୍ଗାଳି ଛେଳିପଲ ନେଇ ପାହାଡକୁ ଯାଇଥିଲେ ।ପ୍ରଖର ରୌଦ୍ରତାପ ଯୋଗୁଁ ସେ ପାହାଡ ଉପରେ ପଡିଯାଇ ପ୍ରାଣ ହରାଇଥିଲେ! ଖରା କମିବାରୁ ଛେଳିପଲ ଆପଣା ଛାଏଁ ଘରକୁ ଫେରିଥିଲେ ।ହେଲେ ଛେଳିପଲ ସହ ଚରାଳି ବଙ୍ଗାଳି ଫେରି ନଥିବାରୁ ତାଙ୍କୁ ଘରଲୋକ ଖୋଜି ଖୋଜି ପାହାଡକୁ ଯାଇଥିଲେ ।ସେଠାରେ ବଙ୍ଗାଳି ମରି ପଡିଥିବା ଦେଖାଯାଇଥିଲା ।ପରେ ପୋଲିସ ସହାୟତାରେ ବଙ୍ଗାଳିଙ୍କ ଘରଲୋକେ ମୃତଦେହ ଉଦ୍ଧାର କରିଥିଲେ । ବଡଚଣା ଥାନାରେ ପୋଲିସ ଏଥିନେଇ କେଶ ନମ୍ବର ୬/ ୨୪ରେ ଏକ ଅପମୃତ୍ୟୁ ମାମଲା ପଞ୍ଜିକରଣ କରି ମୃତଦେହକୁ ବ୍ୟବଛେଦ ପାଇଁ ବଡଚଣା ଡାକ୍ତରଖାନାକୁ ପଠାଇଥିଲେ ।ତେବେ ବ୍ୟବଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛ ।ଘରଲୋକେ ବଙ୍ଗାଳିଙ୍କ ମୃତ୍ୟୁ ଅଶୁଂଘାତ ଜନିତ ବୋଲି ଦାବି କରିଥିଲା ବେଳେ ବ୍ୟବଛେଦ ରିପୋର୍ଟ ମିଳିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ଅଶୋକ ଦାଶ କାକଟପୁର ଓକିଲ ସଂଘ ସଭାପତି

କାକଟପୁର , (ସବ୍ୟୁ) : କାକଟପୁର ତହସିଲ ନିକଟସ୍ଥ ଓକିଲ ସଂଘ କାର୍ଯ୍ୟାଳୟରେ କାକଟପୁର ଓକିଲ ସଂଘ ପକ୍ଷରୁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିବାଚନ ଅଧିକାରୀ ଆଇନଜୀବି ହରେକୃଷ୍ଣ ସ୍ୱାଇଁ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ବାଚନରେ ବରିଷ୍ଠ ଆଇନଜୀବି ଅଶୋକ କୁମାର ଦାଶ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଉମାକାନ୍ତ ମିଶ୍ର, ସମ୍ପାଦକ ଭାବେ ନିରେନ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ କମଳ ଲୋଚନ ଦୀକ୍ଷିତ, ସହସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ ନିର୍ବାଚିତ ହୋଇଥିବାବେଳେ ପରାମର୍ଶ ଦାତା ଭାବେ ଆଇନଜୀବି ଶେଖ ଅସରଫ ଖାଁ, ପ୍ରଦୀପ୍ତ କୁମାର ଦଳାଇ, ଦିବ୍ୟଦର୍ଶୀ ବିଶ୍ୱାଳ, ସୌମ୍ୟକାନ୍ତ ଖୁଣ୍ଟିଆ ନିର୍ବାଚିତ ହୋଇଛନ୍ତି ।

ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ମହାକାଳପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ବଟୀଘର ପଂଚାୟତ,ବରକୋଳି ଖୋଳା ରାମଚଣ୍ଡୀପଡ଼ା ରେ ଘଟିଛି ଏକ ଅଭାବନୀୟ ଘଟଣା । ସୋମବାର ପୂର୍ବାହ୍ନ ରେ ଗୁରୁପଦଙ୍କ ନାବାଳିକା ଝିଅ ଘରୋଇ କଳିକୁ ନେଇ ରଶି ଲଗାଇ ଆତ୍ମ ହତ୍ୟା ଉଦ୍ୟମ କରିଥିଲେ । ମାତ୍ର ଅଘଟଣ ବିଷୟରେ ଜାଣିପାରିପଡୋଶୀ ଓ ପରିବାର ଲୋକେ ଉଦ୍ଧାର କରି ବଟୀଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ମେଡିକାଲ କର୍ତ୍ତୃପକ୍ଷ ନାବାଳିକା କୁ ଆଡ଼ମିସନ କରାଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଡାକ୍ତର ନାବାଳିକା କୁ ମୃତ ଘୋଷଣା କରିଥିଲେ । ମୃତ ଘୋଷଣା ପରେ ଏକ ଘଣ୍ଟାର ଉର୍ଦ୍ଧ୍ୱ ସମୟ ଧରି ନାବାଳିକା ଶବ ମେଡିକାଲ ବେଡ଼ ରେ ପଡିରହିଥିବାର ଦେଖିବାକୁ ମିଳିଥିଲା । ପରବର୍ତ୍ତୀ ସମୟରେ ଶବ କୁ ଘରକୁ ଆଣିବା ପରେ ଜମ୍ବୁ ସାମୁଦ୍ରିକ ପୋଲିସ ଶବ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅପରପକ୍ଷରେ ମୃତକ ପିତାଙ୍କ ଅଭିଯୋଗ କ୍ରମେ ଅପମୃତ୍ୟୁ ମାମଲା ୦୧ /୨୦୨୪ ରୁଜୁ କରି ଅଧିକ ତଦନ୍ତ ଜାରିରଖିଛି । ନାବାଳିକା ମେଡିକାଲ ଯିବା ବାଟରେ ମୃତ୍ୟୁ ହୋଇଥିଲା ନା ମେଡିକାଲ ରେ ମୃତ୍ୟୁ ଘଟିଲା ଏନେଇ ସାଧାରଣ ରେ ସନ୍ଦେହ ସୃଷ୍ଟି ହୋଇଛି ।

ନଦୀରେ ବୁଡିଯାଇ ଯୁବକ ନିଖୋଜ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ କେଲୁଅ ନଦୀର ସ୍ୱାଇଁସାହି ଘାଟରେ ଗାଧୋଉଥିବା ବେଳେ ଜଣେ ଯୁବକ ପାଣିରେ ବୁଡିଯାଇ ନିଖୋଜଥିବା ଜଣାପଡିଛି । ସୂଚନା ମୁତାବକ ଏହି ବ୍ଲକ ଦେଓଦା ପଂଚାୟତ ସ୍ୱାଇଁସାହିର ନନ୍ଦ କିଶୋର ବିଶ୍ୱାଳଙ୍କ ପୁଅ ରାହୁଲ ବିଶ୍ୱାଳ (୨୧) ଆଜି ଦିନ ଗୋଟାଏ ବେଳେ ନଦୀକୁ ଗାଧୋଇବାକୁ ଯାଇଥରବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡିଯାଇଥିଲେ । ସେଠାରେ ଗାଧୋଉଥିବା ଅନ୍ୟଲୋକମାନେ ପାଟି କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ । ଏନେଇ ସ୍ଥାନୀୟ ଲୋକେ ଚନ୍ଡିଖୋଲ ଦମକଳ ବାହିନୀକୁ ଫୋନ କରିଥିଲେ ହେଁ ତାଙ୍କ ନିକଟରେ ସରଞ୍ଜାମ ନଥିବା କହିଥିଲେ । ପରେ ଖବର ପାଇ ରସୁଲପୁର ଅଗ୍ନିଶମ ବାହୀନୀ କର୍ମଚାରୀ ପହଁଚି ଖୋଜାଖୋଜି କରିଥିଲେ ହେଁ ନପାଇ ସନ୍ଧ୍ୟାପରେ ଫେରିଯାଇଥିଲେ । ନଦୀରେ ସ୍ରୋତ ରହିଥିବାରୁ ଯୁବକ ଜଣକ ଦୂରକୁ ଭାସିଯାଇପାରିଥାନ୍ତି ବୋଲି ସ୍ଥାନୀୟ ଲୋକମାନେ ଅନୁମାନ କରିଛନ୍ତି । ତେବେ ନିଖୋଜ ରାହୁଲ ଜଣେ ମାନସୀକ ଅନଗ୍ରସର ବୋଲି ଜଣାପଡିଛି ।

ମା'ବାଉତୀ କରଣ ୱେଲଫେୟାର ସୋସାଇଟି ବୈଠକ

ଆଠଗଡ , (ସବ୍ୟୁ) :ମା ବାଉତୀ କରଣ ୱେଲ ଫେୟାର ସୋସାଇଟିର ବୈଠକ ମା ବାଉତୀ ମନ୍ଦିର ନିକଟସ୍ଥ ରମାକାନ୍ତ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛ। ସୋସାଇଟିର ସଭାପତି ରତିକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ଜୟନାରାୟଣ ପଟ୍ଟନାୟକ ସଂପାଦକୀୟ ବିବରଣୀ ପଠନ କରିଥିଲେ। ଶକ୍ତିଦତ୍ତ ପଟ୍ଟନାୟକ ଆଭିମୁଖ୍ୟ ତଥା ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆଠଗଡ ଅଞ୍ଚଳରେ ତଥା ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ସଭ୍ୟମାନେ ତାଙ୍କର ପରିବାରଙ୍କ ସହ ଯୋଗଦେଇଥିଲେ।କରଣ ସମାଜ ମଧ୍ୟରେ ଭାଇଚାରା ସମ୍ପର୍କ ସୃଷ୍ଟି କରିବା ପାଇଁ ନିଜ ନିଜ ମଧ୍ୟରେ ସମ୍ପର୍କ ସୁଦୃଢ କରିବା ପାଇଁ ଆଲୋଚନା ହୋଇଥିଲା । ସଭ୍ୟ,ସଭ୍ୟା ମାନେ ଭାବର ବିନିମୟ ଆଦାନ ପ୍ରଦାନ କରିଥିଲେଛ ବହୁ ପୁରାତନ ପୂର୍ଣ୍ଣିମା ପାଠାଗାରକୁ ପୁନର୍ବାର ନିର୍ମାଣ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା।ରଞ୍ଜନ ଦାସ, ପାର୍ଥସାରଥୀ ପଟ୍ଟନାୟକ, ସତ୍ୟଜିତ ପଟନାୟକ, ଅର୍ଦ୍ଧେନ୍ଦୁ ମହାନ୍ତି, ପ୍ରତାପ ପଟ୍ଟନାୟକନ,ସରିତେନ୍ଦୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

କଲେଜ ମୁଖ୍ୟ କିରାଣିଙ୍କ ଅକାଳ ବିୟୋଗ

ଭାପୁର , (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ଆଞ୍ଚଳିକ ମହାବିଦ୍ୟାଳୟ (କଲେଜ)ର ମୁଖ୍ୟ କିରାଣୀ ତଥା ଗୋଲାପୋଖରୀ ପଞ୍ଚାୟତ ପାଥପୁର ଗ୍ରାମର ବିଜୟ କୁମାର ଲେଙ୍କା(୫୩)ଙ୍କର ଶନିବାର ବିଳମ୍ବିତ ରାତିରେ ହୃତଘାତ ଜନିତ ଅକାଳ ବିରେଗ ଘଟିଛି। ସେ ଶନିବାର ରାତି ୧୧ଟାରେ ଶୋଇବାକୁ ଯାଉଥିବା ବେଳେ ଛାତିରେ ଯନ୍ତ୍ରଣା ହେଲା। ଘର ଲୋକେ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବା ପାଇ ବହୁ ମାନ୍ୟଗଣ୍ୟ ଓ ନେତୃସ୍ଥାନୀୟ ଲୋକେ ତାଙ୍କ ବରସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ଶୋକକୁଳ ପରିବେଶରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ୍ୟ ଶଶ୍ମାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଗୁଡ୍ଡି ମୁଖାଗ୍ନି ଦେଇଥିଲେ।

ନବଜାତ ଶିଶୁର ମୃତଦେହ ଉଦ୍ଧାର

ରଣପୁର , (ସବ୍ୟୁ) :ପୋଖରୀ ହୁଡ଼ାରେ ଅର୍ଦ୍ଧପୋଡା ହୋଇଥିବା ଅବସ୍ଥାରେ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର ହୋଇଛି।ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଆଲୋଡନ ସୃଷ୍ଟି କରିଛି।ସୋମବାର ସକାଳ ୯ଟାରେ ର ରଣପୁର ଥାନା ଅନ୍ତର୍ଗତ ଗୋପାଳପୁର ନିକଟ ରାମଚନ୍ଦ୍ରପୁର ରାସ୍ତା ପାର୍ଶ୍ୱ ଚଣ୍ଡିବଧୀ ପୋଖରୀ ହୁଡାରେ ଏକ ନବଜାତ ଶିଶୁ କୁ କୁକୁର ଭିଡୁ ଥିବା ନେଇ ସ୍ଥାନୀୟ ଅଞ୍ଚଳ ଲୋକେ ଦେଖି ରଣପୁର ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ତଦନ୍ତ କରୁଛି । ପୂର୍ବରୁ କନ୍ୟା ଭ୍ରୁଣ ହତ୍ୟା ପାଇଁ ନୟାଗଡ ନିଦିତ ହୋଇଥିବା ବେଳେ ପୁଣି ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

ଯାଜପୁର, (ସବ୍ୟୁ) : ଯାଜପୁର ବରିଷ୍ଠ ନଗରିକ ସଂଘର ବରିଷ୍ଠ ଭବନ ଠାରେ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସଂଘର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମପ୍ରଭାବହ ହେତୁ ଆଗାମୀ ମାସ ମାନଙ୍କରେ ମାସିକ ବୈଠକ ପୂର୍ବାହ୍ନ ୯ ଘଟିକାରେ କରାଯିବାକୁ ସିଦ୍ଧାନ୍ତ କରାଗଲା। ଆସନ୍ତା ଏପ୍ରିଲ ୧୩ ତାରିଖ ଶନିବାର ନବ ବର୍ଷ ତଥା ପଣା ସଂକ୍ରାନ୍ତିଙ୍କୁ ବରିଷ୍ଠ ଭବନ ଠାରେ ଥିବା ଶିବ ମନ୍ଦିର ପ୍ରାଙ୍ଗଣରେ ପାଳନ କରାଯିବାକୁ ସ୍ଥିର କରାଗଲା। ଉକ୍ତ ଦିନ ପଥିକମାନଙ୍କୁ ପଣା ବଣ୍ଟନ ଓ ଜଳ ଦାନ କରାଯିବାକୁ ମଧ୍ୟ ସ୍ଥିର କରାଗଲା। ସମସ୍ତ ସଭ୍ୟ ଉପସ୍ଥିତ ରହି ଓଡ଼ିଆ ନବ ବର୍ଷକୁ ସ୍ୱାଗତ କରିବାକୁ ଅନୁରୋଧ କରାଗଲା ଓ ଦିନ ୪ ଘଣ୍ଟା ପୂର୍ବରୁ ବରିଷ୍ଠମାନେ ଦିବା ୧୧ଟା ପରେ କୌଣସି କାର୍ଯ୍ୟରେ ବାହାରକୁ ବିନା ପ୍ରସ୍ତୁତିରେ ନ ବାହାରିବାକୁ ଅନୁରୋଧ କରାଗଲା। ବରିଷ୍ଠ ଭବନକୁ ମୁଖ୍ୟ ରାସ୍ତାକୁ ଯିବାକୁ ଅତ୍ୟନ୍ତ ଅସୁବିଧାରେ ସମ୍ମୁଖିନ ହେଉଥିବାରୁ ତାହାର ପ୍ରତିକାର ପାଇ ପ୍ରଶାସନ ସ୍ଥାନୀୟ ନେତୃବୃନ୍ଦଙ୍କ ପୁନର୍ବିଚାର ଦୃଷ୍ଟି ଆକର୍ଷ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ଉକ୍ତ ବୈଠକକୁ ସମ୍ପାଦକ ଶ୍ରୀ ପ୍ରବୋଧ କୁମାର ନାୟକ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଶ୍ରୀ ଗଦାଧର ରାଉତ, ସହ-ସମ୍ପାଦକ ବୃନ୍ଦାବନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରଦୀପ କୁମାର ଦାସ, ଧନଞ୍ଜୟ କେଶରୀ ରାଉତରାୟ, ମଧୁସୂଦନ ମହାନ୍ତି, ଶିଶିର କୁମାର ମହାପାତ୍ର, ଅଜିତ୍ କୁମାର ସାମନ୍ତ, ଅଭିମନ୍ୟୁ ରାଉତ, ହରିଶ୍ ଚନ୍ଦ୍ର ପଣ୍ଡା, ଧିରେନ୍ଦ୍ର କୁମାର ପରିଡ଼ା, ନୃସିଂହ ଚରଣ ଜେନା, ପ୍ରଶାନ୍ତ କୁମାର ନାୟକ, ମିହିର ରଂଜନ ନାୟକ, ନିଶିଥ୍ କୁମାର ଦାସ, କୁଳମଣି ରାଉତ, ସୁରେନ୍ଦ୍ର କୁମାର ମିଶ୍ର ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ଗୋପିନାଥ ସେଠୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବିବାହ ପାଇଁ ମନା କରି ପ୍ରେମିକ ଜେଲରେ : ପ୍ରେମିକାର ଆତ୍ମହତ୍ୟା

ନିରାକାରପୁର,(ସବ୍ୟୁ) : ପ୍ରେମରେ ଧୋକା ଦେଇ ପ୍ରେମିକ ଜେଲରେ ଥିବାବେଳେ ପ୍ରେମରେ ବିଫଳ ପ୍ରେମିକା ହତାଶ ହୋଇ ଶେଷରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଖୋରଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ ଗ୍ରାମର ଜଣେ ଝିଅକୁ ଉକ୍ତ ପଞ୍ଚାୟତର ହାଡପଦା ଗ୍ରାମର ଜଣେ ଯୁବକ ପ୍ରେମ କରିଥିବା ବେଳେ ଗତ ଶୁକ୍ରବାର ଦିନ ସେ ଉକ୍ତ ପ୍ରେମିକା ପାଖକୁ ବିଳମ୍ବିତ ରାତିରେ ସାକ୍ଷାତ କରିବାକୁ ଆସିଥିଲ। ଏହା ଖବର ପାଇଁ ଯୁବତୀର ମାଆ ଓ ଭାଉଜ ଘର ଦୁଆର ଆଗ ପଟୁ ଚାବି ପକାଇ ଜଂକିଆ ଥାନା ପୋଲିସକୁ ଜଣାଇଥିଲେ। ପରେ ଖବର ପାଇ ଜଂକିଆ ପୋଲିସ ଘଟଣାସ୍ଥଳକୁ ଆସି ଉକ୍ତ ପ୍ରେମିକକୁ ଗିରଫ କରି ଥାନାକୁ ଆଣିଥିଲେ। ସେଠାରେ ଯୁବକ ଜଣକ ଉକ୍ତ ଯୁବତୀକୁ ବିବାହ କରିବାକୁ ମନା କରିବା ପରେ ପୋଲିସ ଲିଖିତ ଅଭିଯୋଗକୁ ଭିତ୍ତି କରି ତାକୁ ରବି ବାର ଦିନ ଜେଲ ପଠାଇ ଦେଇଥିଲା। ଏଣେ ଏହି ଘଟଣାରେ ମର୍ମାହତ ପ୍ରେମରେ ବିଫଳ ଯୁବତୀ ଜଣକ ସୋମବାର ସକାଳୁ ଆତ୍ମହତ୍ୟା ପାଇଁ ଉଦ୍ୟମ କରି ଗୁରୁତର ହୋଇ ପଡିଥିବାବେଳେ ତାକୁ ଭୁବନେଶ୍ୱର ନିଆଯାଇଥିଲା।କିନ୍ତୁ ସେଠାରେ ଯୁବତୀ ଜଣକୁ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛଦ କରାଯାଇ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଏ ନେଇ ଏ ପର୍ଯ୍ୟନ୍ତ ଜଂକିଆ ଥାନା ରେ କୌଣସି ଅଭିଯୋଗ ହୋଇ ନାହିଁ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ ବୋଲି ଆଇଆଇସି ଶ୍ରୀମତୀ କରଙ୍କ ଠାରୁ ସୂଚନା ମିଳିଛି।

୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପୋଲିସ ବାହିନୀ ପକ୍ଷରୁ ପୁନଙ୍ଗ ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ପଣ୍ଡା ଯୋଗ ଦେଇ କହିଲେ ଆଜି ଓଡିଶା ପୋଲିସ ସାରା ଭାରତ ବର୍ଷରେ ତା'ର ସେବା ଓ ତ୍ୟାଗର ନିଦର୍ଶନ ଦେଖାଇଛି । ପୋଲିସ ପରିବାରର ସମସ୍ତ ସଦସ୍ୟ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । ଓଡିଶା ପୋଲିସ ପରିବାର ସଦସ୍ୟଙ୍କର ତ୍ୟାଗ, ନିଷ୍ଠା ଓ ବଳିଦାନକୁ ପାଥେୟ କରି ସମସ୍ତ ପୋଲିସ କର୍ମଚାରୀ ନିଜର କର୍ତ୍ତବ୍ୟ ସୂଚାରୁରୂପେ ସଂପାଦନ କରୁଛନ୍ତି ବୋଲି କହିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପଣ୍ଡା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ । ଜିଲ୍ଲାରେ ୨୦୨୨-୨୩ ବର୍ଷରେ ଭଲ କାର୍ଯ୍ୟ କରି କୃତିତ୍ୱ ଅର୍ଜନ କରିଥିବା ତରିକୁନ୍ଦ ବିଟ ହାଉସର ସବଇନ୍ସପେକ୍ଟର ଭାଷତ ରଞ୍ଜନ ରାୟ, ପାରାଦ୍ୱୀପ ମଡେଲ ଥାନାର ଏଏସଆଇ ଭଗବାନ ମାଝି, କୁଜଙ୍ଗ ଥାନାର ହାବିଲଦାର ପବିତ୍ର ମୋହନ ପରିଜା, ଏରସମା ଥାନାର ଧର୍ମେନ୍ଦ୍ର ପରିଡା,ବାଲିକୁଦା ତାନାର ଏପିଆର ଶ୍ରୀଚନ୍ଦନ ଭବାନୀଶଙ୍କର ପଟ୍ଟନାୟକ ଓ ଟ୍ରାଫିକ କନଷ୍ଟେବଳ ଜଗତସିଂହପୁର ଥାନାର ଭାରତୀ ନାୟକଙ୍କୁ ଅତିଥି ପୁରସ୍କୃତ କରିଥିଲେ । ରିଜର୍ଭ ଇନ୍ସପେକ୍ଟର ଉମାକାନ୍ତ ବେହେରା ଏବଂ ସେକେଣ୍ଡ ଇନ କମାଣ୍ଡ ସମିତ ସାମଲ ପ୍ୟାରେଡ ପରିଚାଳନା କରିଥିଲେ । ଏହି ଉତ୍ସବରେ ଡିଏସପି ହେଡକ୍ୱାଟର ଜ୍ୟୋତି ରଞ୍ଜନ ସାମନ୍ତରାୟ,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସାହୁ, ଡିଏସପି ପ୍ରଦୀପ କେରେକେଟା, ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଓ ପ୍ୟାରେଡ କଣ୍ଟିଜେଣ୍ଟମାନେ ଉପସ୍ଥିତ ରହିଥିଲେ ।

୮୯ତମ ଓଡ଼ିଶା ଦିବସ, ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ୮୯ତମ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଯୋଗ ଦେଇ ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ପ୍ରଥମ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କର ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କନିକା ରାଜା ଆଦିଙ୍କ ମହାର୍ଘ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥଲେ। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ସେ ଏହି ଅବସରରେ କହିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଏବଂ ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାଁ ଓଡ଼ିଶା ଦିବସ ପାଳନ ସମାରୋହ ଓ ଜିଲ୍ଲା ପ୍ରତିଷ୍ଠା ଦିବସର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିପ୍ରମୁଖ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ଦାସ। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳ ୭ଘଟିକା ଠାରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଡିଆଇପିଆର୍ଓ, ଏସ୍ଡିଆଇପିଆର୍ଓ ପ୍ରମୂଖ ପୁଷ୍ପହାର ଅର୍ପଣ କରିଥିଲେ।

ଡିଜିପି ଡିସ୍କ ସମ୍ମାନ ପାଇଲେ ସଂଘମିତ୍ରା ନାଏକ

ପାରାଦୀପ, (ଜିପ୍ର) : ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ ଆଜି ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧିକାରିଣୀ ସଂଘମିତ୍ରା ନାୟକ ଙ୍କୁ ସମ୍ମାନିତ କରିଥିବା ଜଣାପଡିଛି । ଡିଜିପି ଡିସ୍କ ଆୱାର୍ଡର ଅଧିକାରିଣୀ ଭାବେ ଜିଲ୍ଲାରେ ସଂଘମିତ୍ରା ଚଳିତ ବର୍ଷ ଏହି ସମ୍ମାନଜନକ ଆୱାର୍ଡ ପାଇଥିବା ବେଳେ ନାଉଗାଁ ଅଞ୍ଚଳରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସଂଘମିତ୍ରା ୨୦୦୫ ବ୍ୟାଚରେ ପୋଲିସ ଚାକିରି ଆରମ୍ଭ କରିଥିବା ବେଳେ ସେ କମିଶନରେଟ ପୋଲିସ ଅଧୀନରେ ବିଭିନ୍ନ ଥାନାରେ କାର୍ଯ୍ୟ କରିଥିବା ଓ ଏହାପରେ କୋରେଇ ସହ ବିଭିନ୍ନ ଅଞ୍ଚଳରେ ସଫଳତାର ସହ ନିଜ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏବେ ନାଉଗାଁ ଥାନାରେ ଥାନା ଅଧିକାରିଣୀ ଭାବେ କାର୍ଯ୍ୟ କରୁଥିଲା ବେଳେ ତାଙ୍କୁ ଏହି ସମ୍ମାନଜନକ ଆୱାର୍ଡ ମିଳିଛି । ତାଙ୍କର ବ୍ୟବହାର , ନିରପେକ୍ଷତା , ଦୃଢ଼ ତଦନ୍ତ ଓ ବଳିଷ୍ଠ କାର୍ଯ୍ୟ ଦକ୍ଷତାକୁ ପାଥେୟ କରି ଏହି ଆୱାର୍ଡ ମିଳିଥିବା କୁହାଯାଉଛି ।

ନୀଳଗିରି ଉପଖଣ୍ଡ ଓକିଲ ସଂଘ ନିର୍ବାଚନ
ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ନୀଳଗିରି,(ସବ୍ୟୁ) : ଚଳିତ ୨୦୨୪-୨୫ ବର୍ଷ ପାଇଁ ସମଗ୍ର ରାଜ୍ୟରେ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରି ଉପଖଣ୍ଡରେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ମୋଟ ୧୨ ଗୋଟି ପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ ଏହି ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦୀ ନଥିବାରୁ ନାମକୁ ମାତ୍ର ନିର୍ବାଚନ ହୋଇଥିଲା । ଦୀର୍ଘ ୨୩ ବର୍ଷ ଧରି ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତରଂଜନ ଷଡ଼ଙ୍ଗୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଆସୁଥିବା ବେଳେ ସୂଚାରୁରୂପେ ସମସ୍ତ କାର୍ଯ୍ୟ ତୁଲାଇ ଆସୁଛନ୍ତି । ତେଣୁ ତାଙ୍କ ବିରୋଧରେ କୌଣସି ପ୍ରତିଦ୍ୱନ୍ଦୀ ନଥିବାରୁ ଶ୍ରୀ ଷଡ଼ଙ୍ଗୀ ସଭାପତି ଭାବେ ନିର୍ବାଚିତ ହେବା ସହ ଉପସଭାପତି ଭାବେ ଯତୀନ୍ଦ୍ର କୁମାର ନାୟକ ଓ ଗୌରହରି ବେହେରା, ସମ୍ପାଦକ ଭାବେ କିଶୋର କୁମାର ଦାସ, ସହସମ୍ପାଦକ ଭାବେ ଜୟନ୍ତ କୁମାର ସ ଓ ସୁରେଶ କୁମାର ବାରିକ,କୋଷାଧକ୍ଷ ଭାବେ ଦେବାନନ୍ଦ ଦାସ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟ ନିର୍ବାହୀ ସଦସ୍ୟଭାବେ ବିଘ୍ନେଶ୍ୱର ବାରିକ, ସାଗରିକା ଷଡ଼ଙ୍ଗୀ, କାହ୍ନୁରଂଜନ ବାରିକ, ପ୍ରଶାନ୍ତ କୁମାର ମଲ୍ଲିକ, ତନୟ କୁମାର ପାତ୍ର ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

ଭଦ୍ରକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ
ବସନ୍ତ ସଭାପତି, ସୂର୍ଯ୍ୟକାନ୍ତ ସମ୍ପାଦକ

ଭଦ୍ରକ, (ସବ୍ୟୁ) :ଭଦ୍ରକ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଏଥିରେ ବସନ୍ତ ଦାସ-ସଭାପତି ଓ ସୂର୍ଯ୍ୟକାନ୍ତ କୁଅଁର -ସମ୍ପାଦକ ଭାବେ ନିବାଚିତ ହୋଇଥିବାବେଳେ ଉପସଭାପତି ଦୀପକ କୁମାର ସାହୁ,ସାହସମ୍ପାଦକ ଗିରିଜା ଶଙ୍କର ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଓଡିଶା ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶମତେ ରାଜ୍ୟର ସବୁ ଓକିଲ ସଙ୍ଘର ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ପଦବୀ ପାଇଁ ବରିଷ୍ଠ ଓକିଲ ବସନ୍ତ ଦାସ(୫୭୧), ଦେବେନ୍ଦ୍ର ପଣ୍ଡା(୧୫୩), ଧନେଶ୍ୱର ମଲ୍ଲିକ(୫୫) ଭୋଟ ପାଇଛନ୍ତି ପ୍ରତିଦ୍ୱନ୍ଦିତା. ସମ୍ପାଦକ ପଦବୀ ପାଇଁ କଲ୍ୟାଣ ଦାସ(୩୦୫) ସୂର୍ଯ୍ୟକାନ୍ତ କୁଅଁର(୪୭୧), ଉପସଭାପତି ପଦବୀ ପାଇଁ ଦୀପକ କୁମାର ସାହୁ(୩୨୮), ମନୋରଞ୍ଜନ ଦାସ(୨୪୦), କମଳିନୀ ନାୟକ(୧୬୫), ସହ ସମ୍ପାଦକ ପାଇଁ ରତ୍ନାକର ବାରିକ(୩୧୮), ଗିରିଜା ଶଙ୍କର ଦାସ(୪୦୭), ରଞ୍ଜନ କୁମାର ପଣ୍ଡା, କୋଷାଧକ୍ଷ ପାଇଁ କିଶୋର ବଳ, ଉମାକାନ୍ତ ସେଠି ଙ୍କ ମଧ୍ୟରୁ କିଶୋର ବଳ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟତା ପାଇଁ ଶିଳାଦିତ୍ୟ ନାୟକ, କୌଶିକ କୁମାର ଦାସ, ସଂଜୟ ନାୟକ, ବିଶ୍ୱ ପ୍ରକାଶ ଦାସଙ୍କ ମଧ୍ୟରେ ପ୍ରତ୍ୱନ୍ଦିତା ହେଉଥିଲା । ତେବେ ସଂଜୟ ନାୟକ ପରାଜିତ ହୋଇଥିବାରୁ ଅନ୍ୟ ୩ ଜଣ ନିର୍ଦୋନ୍ଦରେ ନିର୍ବାଚିତ ହୋଇ ସାରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ଅଧିବକ୍ତା ସନ୍ତୋଷ ନାୟକ କହିଛନ୍ତି ।

ଜଗତସିଂହପୁରରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ - ୨୦୨୪ ପାଳିତ

ଜଗତସିଂହପୁର, (ସବ୍ୟୁ) : ଚଳିତ ବର୍ଷ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ଫଳରେ ଅନୁପାଳନ ପୂର୍ବକ ସ୍ୱତନ୍ତ୍ର ଓଡିଶା ଗଠନର ସେହି ଅବିସ୍ମରଣୀୟ ଦିନଟିକୁ ମନେ ପକାଇବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ -୨୦୨୪ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ପାରୁଲ ପଟ୍ଟାୱରୀ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନରେ ତ୍ୟାଗ ଓ ସଂଘର୍ଷ କରିଥିବା ମହାନ ଜନନାୟକଙ୍କୁ ନିଜର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡିଶାର ପରିଚୟ, ଭାଷା, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ପ୍ରତ୍ୟେକ ଓଡିଆଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାତୃଭାଷାକୁ ସମ୍ମାନ ଦେଇ କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ପାଇଁ ଜିଲ୍ଲାପାଳ ପ୍ରେରଣା ଦେଇଥିଲେ । ଏହି ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଓଡିଆ ଜାତିର ମହାନତା ଓ ଉତ୍କଳର ଉତ୍କର୍ଷତାକୁ ଅନୁସରଣ କରି ସୁନ୍ଦର ଓଡିଶା ଗଠନ କରିବାକୁ ପ୍ରୋତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥୀ ଭାବରେ ଯୋଗ ଦେଇ ଓଡିଆ ଭାଷା ଓ ସଂସ୍କୃତିକୁ ମହତ୍ତ୍ୱ ପ୍ରଦାନ କରି ଜାତିର ଅସ୍ମିତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହିତ ମଧୁବାବୁ, ଗୋପବନ୍ଧୁ ଏବଂ ପାରଳା ମହାରାଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିବା ବେଳେ କ୍ରାଷ୍ଟା କଲଚୁରାଲ ଗ୍ରୁପ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ଓ ସହକାରୀ ଜିଲ୍ଲାପାଳ କଳ୍ପିତା ଜେନା ମଧ୍ୟ ଓଡିଶା ପ୍ରଦେଶ ଗଠନର ପାଇଁ ଆତ୍ମତ୍ୟାଗ ଦେଇଥିବା ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତୀଚି ତନୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଏହା ସହିତ ସହରାଞ୍ଚଳରେ ଥିବା ସମସ୍ତ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ବିଜେପିରେ ଯୋଗଦେଲେ ରବୀନ୍ଦ୍ର

ଦଶପଲ୍ଲା, (ସବ୍ୟୁ) :ଜଣେ ଉଚ୍ଚ ଶିକ୍ଷିତ ,ସଙ୍ଗଠକ ରବୀନ୍ଦ୍ର ସେଠି ବିଜେପି ଦଳ ରେ ଯୋଗ ଦେଇଛନ୍ତି । ଶନିବାର ଦିନ ନିଜ ସମର୍ଥକ ଙ୍କ ସହ ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସାଂସଦ ଅପରାଜିତା ଷଡଙ୍ଗୀ ସହ ରାଜ୍ୟ କର୍ମକର୍ତା ଗଣଙ୍କ ଉପସ୍ଥିତି ରେ ନିଜ ସମର୍ଥକ ଙ୍କୁ ଧରି ବିଜେପି ଦଳରେ ସାମିଲ ହୋଇଛନ୍ତି ରବୀନ୍ଦ୍ର ସେଠି । ରବୀନ୍ଦ୍ର ସେଠି ଙ୍କ ଏହି ଯୋଗଦାନ ସମୟ ରେ ଦଶପଲ୍ଲା ର ପୂର୍ବତନ ବିଧାୟକ କାଶୀନାଥ ମଲ୍ଲିକ ଉପସ୍ଥିତ ଥିଲେ । ନିର୍ବାଚନ ପୂର୍ବରୁ ରବୀନ୍ଦ୍ର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ବିରୋଧ ରେ ରମେଶ ହଟାଅ ଦଶପଲ୍ଲା ବଞ୍ଚାଅ ସଂକଳ୍ପ ସମାବେଶ ରେ ସାମିଲ ହୋଇ ନିଜ ନେତୃତ୍ୱର ପରିକ୍ରମା ଦେଖାଇଥିଲେ । ରବୀନ୍ଦ୍ର ଙ୍କ ସପକ୍ଷରେ ବିଜେଡି ରେ ରହି ବିଧାୟକ ଙ୍କୁ ବିରୋଧ କରୁଥିବା କର୍ମୀ ବିଜେପି କର୍ମୀ ଙ୍କ ସମର୍ଥନ ରହିଛି ।ଯଦି ବିଜେପି ରୁ ରବୀନ୍ଦ୍ର ଙ୍କୁ ବିଧାନସଭା ପାଇଁ ଟିକେଟ ମିଳେ ତେବେ ଦଶପଲ୍ଲା ରେ ବିଜେଡି ପ୍ରାର୍ଥୀ ରମେଶ ବେହେରା ଏବଂ ରବୀନ୍ଦ୍ର ସେଠି ଙ୍କ ମଧ୍ୟରେ ପୂର୍ଣ ପ୍ରତିଦ୍ୱନ୍ଦିତା ହେବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି ।

ଜଳୁଛି ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲ, ବିପଦରେ ବନ୍ୟଜନ୍ତୁ

କାମାକ୍ଷାନଗର,(ସବ୍ୟୁ) : କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲରେ ଭୟଙ୍କର ନିଆଁ । ଜଳୁଛି ଶହ ଶହ ଏକର ପରିମିତ ମୂଲ୍ୟବାନ ଜଙ୍ଗଲ । କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ପଳାଶଡାଙ୍ଗୀ ଗାଁ ପାଖ ଜଙ୍ଗଲରେ ଲାଗିଛି ଭୟଙ୍କର ନିଆ । ଜଙ୍ଗଲରେ ନିଆଁ ଲାଗିବା ଫଳରେ ଶହ ଶହ ଏକର ଶାଳ ପିଆଶାଳ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି । ତେବେ ଜଙ୍ଗଲ ପୋଡି ଯୋଗୁଁ ବିପଦରେ ଏବେ ରହିଛନ୍ତି ବନ୍ୟ ଜୀବଜନ୍ତୁ । ଜଙ୍ଗଲରେ କେଉଁ କାରଣରୁ ନିଆଁ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ । ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ ପହଞ୍ଚି ନିଆଁକୁ ଲିଭେଇବା ପାଇଁ ପ୍ରୟାସ ଜାରି ରଖିଛି । ସାରା ରାଜ୍ୟରେ ଏବେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିଲିକ୍ଷିତ ହେଉଥିବା ବେଳେ ଜଙ୍ଗଲ ରେ ନିଆଁ ଲାଗିବା ଯୋଗୁ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ଅବସ୍ଥା ରେ ଥିବାବେଳେ, ପ୍ରବଳ ଗୁଳଗୁଳି ର ସାମ୍ନା କରୁଛନ୍ତି ।

ବ୍ରହ୍ମପୁର ପୋଲିସ ପକ୍ଷରୁ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ପକ୍ଷରୁ ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ଆମ୍ବପୁଆ ସ୍ଥିତ ରିଜର୍ଭ ପୋଲିସ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମ ଯୋଗ ଦେଇଥିଲେ । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ରହିଥିବା ପୋଲିସ କନେଷ୍ଟବଳ, ପୋଲିସ କର୍ମଚାରୀ ଓ ଅଧିକାରୀ ମାନଙ୍କ ଦ୍ୱାରା ପ୍ୟାରେଡ଼ ଅନୁଷ୍ଠିତ ହୋଇଥିଲା । ଏହି ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ ବ୍ରହ୍ମପୁର ଏସ୍‌ପି । ଏହାପରେ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପଠନ କରିଥିଲେ ଏସ୍‌ପି। ବ୍ରହ୍ମପୁର ପୋଲିସ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମୋଟ ୯ ଜଣ ପୋଲିସ କନେଷ୍ଟବଳ, ହାବିଲଦାର, ଟ୍ରାଫିକ କନେଷ୍ଟବଳ, ପୋଲିସ ଅଧିକାରୀ ମାନଙ୍କୁ ବ୍ରହ୍ମପୁର ଏସପି ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ସବ ଇନ୍ସପେକ୍ଟର ଭାବେ ପୁରସ୍କୃତ ହେଲେ ଗୋଳନ୍ଥରା ଥାନାରେ କାର୍ଯ୍ୟରତ ଏସଆଇ ବିଭୁତି ଭୂଷଣ ସେଠୀ। ସେହିପରି ଗୋପାଳପୁର ଥାନାରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ବି. ତିରୁପତିଙ୍କୁ ଶ୍ରେଷ୍ଠ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ହାବିଲଦାର ଭାବେ ଟାଉନ ଥାନାରେ କାଯ୍ୟରତ ହାବିଲଦାର ବ୍ରହ୍ମାନାରାୟଣ ସାମନ୍ତରା, ଶ୍ରେଷ୍ଠ ଏପିଆର କନେଷ୍ଟବଳ ଭାବେ ଏସପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ମହାଙ୍କୁଡ଼ ଓ ରିଜର୍ଭ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କଂହା ଡାକୁଆ, ଶ୍ରେଷ୍ଠ ଓଆର କନେଷ୍ଟବଳ ଭାବେ ସଦର ଥାନାରେ କାର୍ଯ୍ୟରତ ସନ୍ତୋଷ କୁମାର ବେହେରା, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ଭାବେ ଟୁକୁନା ବେହେରା ଓ ଦେବେନ୍ଦ୍ର ରାଓ ଓ ଶ୍ରେଷ୍ଠ ଡ୍ରାଇଭର ଭାବେ ରିଜର୍ଭ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ତପନ କୁମାର ରଣସିଂକୁ ପୁରସ୍କୃତ କରାଯାଇଥିଲା । ପୋଲିସ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବା ନିମନ୍ତେ ଲୋକଙ୍କ ସହଯୋଗ ଆବଶ୍ୟକ । ଯାହାଫଳରେ ପୋଲିସ ସମାଜରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇପାରିବ। ଏହି ଅବସରରେ ସହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ଦେଶ ପ୍ରତି ବଳିଦାନକୁ ମନେ ପକାଇଥିଲେ ସମସ୍ତେ। ପ୍ରତିଟି ପୋଲିସ କର୍ମଚାରୀ ଓ ଅଧିକାରୀ ମାନେ ନିଜର କର୍ତ୍ତବ୍ୟକୁ ସଠିକ ରୂପେ ପାଳନ କରିବା ଆବଶ୍ୟକ ବୋଲି ଉପସ୍ଥିତ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ କହିଥିଲେ ବ୍ରହ୍ମପୁର ଏସପି । କାର୍ଯ୍ୟକ୍ରମକୁ ଅତିରିକ୍ତ ଏସପି ରମେଶଚନ୍ଦ୍ର ସେଠୀ ପରିଚାଳନା କରିଥିବା ବେଳେ ଏହି ଅବସରରେ ବ୍ରହ୍ମପୁର ପୋଲିସ ଜିଲ୍ଲାର ବହୁ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ମାନେ ଉପସ୍ଥିତ ଥିଲେ ।

ଅନନ୍ତ ଡିଏଭିରେ ଉତ୍କଳ ଦିବସ ପାଳିତ

ସାଉଥବଲଣ୍ଡା, (ସବ୍ୟୁ) : ଏମସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତବିହାର ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସାରଥି ସାଜିଥିବା ମହାନ୍ ସାଧକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦ୍ଘାଟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଡ଼ଃ ଅନ୍ତର୍ଯ୍ୟାମୀ ସାହୁ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଗଣ ବିଭିନ୍ନ ସଙ୍ଗୀତର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଶିକ୍ଷକ କରୁଣାକର ସାହୁ ପ୍ରାଚୀନ ଉତ୍କଳର ବୈଶିଷ୍ଟ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ ସହିତ ଆଗାମୀ ଦିନରେ ଉତ୍କଳର ସର୍ବବିଧ ପ୍ରଗତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶିକ୍ଷକ ରବି ନାରାୟଣ ପଣ୍ଡା ମଂଚ ସଂଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ଅନ ମୁନ୍ଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ, ରୀତାରାଣୀ ତ୍ରିପାଠୀ,ଶିକ୍ଷକ ସୁଧାଂଶୁ କୁମାର ସ୍ୱାଇଁ, ସୁବ୍ରତ ପାଣି, ସୀମାଚଳ ପତି, ସବ୍ୟସାଚୀ ପ୍ରଧାନ, ଅନ ମୁନ୍ଦୁଲି,ମାନସ ରନ ମିଶ୍ର ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ମୟୂରଭଞ୍ଜରେ ୮୯ତମ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

ବାରିପଦା, (ସବ୍ୟୁ) : ପ୍ରତିବର୍ଷ ଭଳି ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଓ ବାରିପଦା ପୌରପାଳିକା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ, ଜିଲ୍ଲାପାଳଙ୍କ ସଦଭାବନା ଗୃହ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଯୋଗଦେଇଥିଲେ। ଏହି ସାଧାରଣ ସଭା ପୂର୍ବରୁ, ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ସହରରେ ଥିବା ଭୂମିପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଭକ୍ତିପୂତ ନିବେଦନ ସମର୍ପଣ କରିଥିଲେ। ବାରିପଦା ସହରସ୍ଥ ରକସି ଛକ ଠାରେ ଥିବା ବିଜୁ ପଟନାୟକଙ୍କ ପ୍ରତିମୂର୍ତ୍ତି, ଭଞ୍ଜବୀର ସୁନାରାମ ସୋରେନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ, ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜ ଦେଓ, ମହାରାଜା ପୂର୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମେତ ଜିଲ୍ଲା ମୁଖ୍ୟାଳୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା ଏବଂ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାଲ୍ୟାର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି ସଂଯୋଜନା ଓ ପରିଚାଳନା କରିଥିବାବେଳେ, ପରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ଏହି କାର୍ଯ୍ୟକ୍ରମର ପରିଯୋଜନା ଏବଂ ଏହି ସାଧାରଣ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲିଗୁଡାରେ ଉତ୍କଳ ଦିବସ ପାଳିତ

ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏ ନେଇ ବାଲିଗୁଡା ବ୍ଲକ ଗୁମାକିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ର ସମେତ ଉତ୍କଳର ବରପୁତ୍ର ମାନଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଏକ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବିଭିନ୍ନ ବରପୁତ୍ର ମାନଙ୍କ ନିଷ୍ପାପର ଉଦ୍ୟମ ଫଳରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥିଲା। ଓଡ଼ିଆ ଭାବେ ଗର୍ବ କରିବା ସହ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବା ସହ ଓଡ଼ିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ ।

ମୋରଡା କଂଗ୍ରେସର ଛାମୁଆ ନେତା ବିଜେଡିରେ ସାମିଲ

ବାରିପଦା, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଦୃଢ ନେତୃତ୍ୱରେ ଅନୁପ୍ରାଣୀତ ହୋଇ ମୋରଡା ନିର୍ବାଚନ ମଣ୍ଡଳୀର ଛାମୁଆ କଂଗ୍ରେସ ନେତା ମାନେ ବିଜେଡିରେ ଯୋଗ ଦେଇଛନ୍ତି । ବାରିପଦା ସହର ମୁର୍ଗାବାଡି ନିକଟରେ ବିଜେଡି ପକ୍ଷରୁ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ତଥା ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ମୋରଡା ବିଧାୟକ ରାଜକିଶୋର ଦାସ, ବାରିପଦା ନଗରପାଳ ତଥା ମୋରଡା ନିର୍ବାଚନମଣ୍ଡଳୀ ସଂଯୋଜକ କୃଷ୍ଣାନନ୍ଦ ମହାନ୍ତି, ଆମ ଓଡିଶା ନବୀନ ଓଡିଶା ସଂଯୋଜକ ସୁନୀଲ ଦାଶ, ବ୍ଲକ ସଂଯୋଜକ ମୀନକେତନ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୋରଡା ବ୍ଲକ ସଭାପତି ଘାସିରାମ ବେହେରାଙ୍କ ନେତୃତ୍ୱରେ ଗଡିଆ ଗ୍ରାମପଞ୍ଚାୟତ କଂଗ୍ରେସ ନେତା ଶ୍ରୀକାନ୍ତ ପାତ୍ର, ହଳଦୀପାଳ କଂଗ୍ରେସ ନେତା ଜୟନ୍ତ ବେହେରା, ମୋରଡା ବ୍ଲକ ପୂର୍ବତନ ଯୁବ ସଭାପତି ମୁନା ଧଳ ଓ ଚିତ୍ରଡାର ଜଗନ୍ନାଥ ରାୟବାବୁ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଓ ସମର୍ଥକ ମାନେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଛନ୍ତି ବୋଲି ମୋରଡା ସଂଯୋଜକ ଶ୍ରୀ ମହାନ୍ତି ପ୍ରେସ ବିବୃତ୍ତି ମାଧମରେ ସୂଚନା ଦେଇଛନ୍ତି । ଏଥିସହ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ କର୍ମୀ ମାନେ ବିଜେଡିରେ ଯୋଗଦାନ କରୁଥିବାରୁ ସଂଗଠନ ଅଧିକ ସୁଦୃଢ ହେବ ବୋଲି ମତପ୍ରକାଶ ପାଇଥିଲା ।

ରାଣୀଗୋଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ

ଅନୁଗୋଳ (ସବ୍ୟୁ): ସହର ଉପକଣ୍ଠ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପବିତ୍ର ଉତ୍କଳ ଦିବସ ସମାରୋହ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟତ୍ରୀ ସୁଷମା ଜେନା ସଭାପତିତ୍ୱ କରିଥିବା ବେଳେ ମୋ ସ୍କୁଲ ଅଭିଯାନ କମିଟି ତରଫରୁ ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ତ୍ରେତାନନ୍ଦ ସାମନ୍ତ, ନୀର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ବୈଠକ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଏବଂ ଫଟୋଚିତ୍ର ମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରା ଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ଦାସ, ଆଦ୍ୟାଶା ବେହେରା, ସାଇନା ସାମଲ, ଲକ୍ଷ୍ମୀପ୍ରିୟା ସାହୁ, ଜୋତିଶ୍ରୀ ସାହୁ, ପ୍ରଜ୍ଞ୍ୟାଞ୍ଜଳୀ ସାମନ୍ତ, ସୌମଶ୍ରୀ ବେହେରା, ଶୁଭଶ୍ରୀ ରାଓ, ଉତ୍କଳ ଦିବସ ଉପରେ ମନଛୁଆଁ ଅଭିଭାଷଣ ରଖିଥିଲେ । ମଞ୍ଚାସୀନ ଅତିଥିବୃନ୍ଦ ବରପୁତ୍ର ମାନଙ୍କ ନିସ୍ୱାର୍ଥପର ତ୍ୟାଗ, ସେବା, ସ୍ୱପ୍ନ, ଆବେଗ ଓ ନିଷ୍ପାପର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରି ଆଜିର ବଳିଷ୍ଠ ଓଡିଶା ଓ ସଶକ୍ତ ଓଡିଶା ଗଠନ ପାଇଁ ପ୍ରତ୍ୟେକ ଓଡିଆ ନିଷ୍ପାପର ଭାବରେ ରାଜ୍ୟର ଉନ୍ନତି ପାଇଁ ସଂକଳ୍ପବଦ୍ଧ ଉଦ୍ୟମ ଜାରି ରଖିବାକୁ ଅନୁରୋଧ ରଖିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ନିରୋଦ କୁମାର ସେନାପତି, ନିରୁପମା ସାହୁ, ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ, ବବିତା ସାହୁ, ବିନୋଦିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ । ସର୍ବ ଶେଷରେ ବରିଷ୍ଠ ଶିକ୍ଷକ ନିରୋଦ କୁମାର ସେନାପତିଙ୍କ ଧନ୍ୟବାଦ ଅର୍ପଣ ପରେ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ ହୋଇଥିଲା ।

ହିନ୍ଦୋଳ ଓକିଲ ସଂଘ ନିର୍ବାଚନ

ମନୋଜ ସଭାପତି, ସଞ୍ଜୟ ସମ୍ପାଦକ

ହିନ୍ଦୋଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଓକିଲ ସଂଘର ନବ ନିର୍ବାଚିତ ସଭାପତି ଭାବେ ଆଇନଜିବୀ ମନୋଜ ମହାଳିକ ଓ ସମ୍ପାଦକ ଭାବେ ସଞ୍ଜୟ ପଟ୍ଟନାୟକ ନିର୍ବାଚିତ ହୋଇଥିବା ନେଇ ଓକିଲ ସଂଘର ସମ୍ପାଦକଙ୍କ ପକ୍ଷରୁ ସୂଚନା ମିଳିଛି । ଗତ ୩୦ତାରିଖ ଶନିବାର ଦିନ ଓଡ଼ିଶା ରାଜ୍ୟ ବାର ଆସୋସେଶନଙ୍କ ନିଷ୍ପତି କ୍ରମେ କୋର୍ଟ ପରିସରରେ ସଂଘର ବରିଷ୍ଠ ଆଇନ ଜିବୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ । ନିର୍ଦିଷ୍ଟ ସମୟ ମଧ୍ୟରେ କେହି ନାମାଙ୍କନ ପତ୍ର ଦାଖଲ ନକରିବାରୁ ଏକ ମାତ୍ର ପାର୍ଥୀ ଭାବେ ଆଇନ ଜୀବି ମନୋଜ କୁମାର ମହାଳିକଙ୍କ ପାର୍ଥୀ ପତ୍ର କାୟମ ରହିଥିଲା । ସେହିଭଳି ଦେବାନନ୍ଦ ପଟ୍ଟନାୟକ ଉପସଭାପତି ପଦ ପାଇଁ ସଞ୍ଜୟ ପଟ୍ଟନାୟକ ସମ୍ପାଦକ ଏବଂ ପ୍ରକାଶ ଚନ୍ଦ୍ର ନାୟକ ସହ ସମ୍ପାଦକ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବାରୁ ସେମାନଙ୍କର କୌଣସି ପ୍ରତିପକ୍ଷ ପାର୍ଥୀ ନାମାଙ୍କନ ଦାଖଲ ନକରିବାରୁ ଶେଷରେ ନିର୍ବାଚନ ଅଧିକାରୀ ଚାରି ଜଣଙ୍କୁ ନିର୍ବାଚିତ ହୋଇ ଥିବା ନେଇ ଘୋଷଣା କରିଥିଲେ । ପରବର୍ତ୍ତୀ ସମୟରେ ସଂଘର କୋଷାଧ୍ୟକ୍ଷ ପଦବୀ ଓ କାର୍ଯ୍ୟକାରି କମିଟି ସଦସ୍ୟ ସଂଘର ନିଷ୍ପତି କ୍ରମେ ମନୋନୟନ କରାଯିବ ବୋଲି ନବନିର୍ବାଚିତ ସଭାପତି ମନୋଜ ମହାଳିକ ଜଣାଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୮୯ତମ ଉତ୍କଳ ଦିବସ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ବ୍ରହ୍ମପୁର ଡାଇମଣ୍ଡ୍ କୁବୁଲି ଟାଉନ୍ ହଲ୍ ପରିସରରେ ଆଜି ସନ୍ଧ୍ୟାରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଏକ ଭବ୍ୟ ବାତାବରଣ ମଧ୍ୟରେ ଆମନ୍ତ୍ରିତ ଅତିଥିଗଣ ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଧୁନିକ ଓଡ଼ିଶା ନିର୍ମାଣର ବରଣ୍ୟ ବରପୁତ୍ରମାନଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପାବନ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ ଉପ–ଆୟୁକ୍ତ ଆଶୀର୍ବାଦ ପରିଡ଼ା ମୁଖ୍ୟଅତିଥି ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗଦେଇ ଓଡ଼ିଶାର ପ୍ରବାଦପୁରୁଷମାନଙ୍କ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ରଶ୍ମିତା ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଦେବୀପ୍ରସାଦ ସାହୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ. ଓଝା ତାଙ୍କ ବକ୍ତବ୍ୟରେ ଓଡ଼ିଶା ପ୍ରଦେଶ ଓ ଓଡ଼ିଆ ଭାଷାର ମୌଳିକତା ଉଲ୍ଲେଖ ପୂର୍ବକ ଅତୀତର ସୁମହାନ୍ ଭିତ୍ତି, ସାଂପ୍ରତିକ ସ୍ଥିତି ଓ ଭବିଷ୍ୟତ ପରିଯୋଜନା ସଂପର୍କରେ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ପିଢ଼ିର ପିଲାମାନେ ବିଭିନ୍ନ ସ୍ତରରେ ମାତୃଭାଷା ଓଡ଼ିଆ, ଜାତୀୟ ଭାଷା ହିନ୍ଦୀ, ଆନ୍ତର୍ଜାତିକ ଭାଷା ଇଂରାଜୀ ଓ ଦେବଭଷା ସଂସ୍କୃତ ସମେତ ଏକାଧିକ ଭାଷା ଶିଖିବା ସହ ବହୁଭାଷୀ ଦକ୍ଷତା ପ୍ରଦର୍ଶନ କରିବାକୁ ଏହି ଅବସରରେ ଡ. ଓଝା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ରହ୍ମପୁର ସ୍କେଟିଂ କ୍ଲବ୍ ଗୁରୁଙ୍କ ମାର୍ଗଦର୍ଶନରେ କୁନି କୁନି ପିଲାମାନେ 'ଓଡ଼ିଶା ମୋ ଓଡ଼ିଶା, କେଡ଼େ ସୁନ୍ଦର ରାଇଜ ମୋର, କେଡ଼େ ମିଠା ମୋ ଭାଷା' ଗୀତରେ ରଙ୍ଗାରଙ୍ଗ ସ୍କେଟିଂ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଡିଏଭି ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ଗୋଡ଼ିବନ୍ଧ, (ସବ୍ୟୁ) : ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକୋତ୍ସବ ମହା ସମାରୋହରେ ପାଳିତ ହେଇଯାଇଛି । ସ୍କୁଲର ଅଧକ୍ଷ ସମୀର କୁମାର କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହେଇଛି । ତାଳଚେର ତାପଜ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ପରିଚାଳିତ ଏହି ସ୍କୁଲର ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାପଜ ବିଦ୍ୟୁତ ପ୍ରକଳ୍ପର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଓ ଧର୍ମପତ୍ନୀ ବିପାଶା ଦେବ, ସମ୍ମାନିତ ଅତିଥି ଭାବେ ଡିଏଭି ଅନୁଷ୍ଠାନର ଓଡ଼ିଶାର ନିର୍ଦ୍ଦେଶକ କେସି ଶତପଥୀ ଓ ଜୋନ ଡି ଆଞ୍ଚଳିକ ସହକାରୀ ଅଧିକାରୀ ଏସ କେ ଭୋଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଦେବ ଗୁଣାତ୍ମକ ଶିକ୍ଷାଦାନ, ଅନୁଶାସନ,ଆଧାତ୍ମିକ ଏବଂ ଶାରିରୀକ କୌଶଳ ପାଇଁ ଆଜି ଡିଏଭି ପବ୍ଲିକ ସ୍କୁଲ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କହି ଭୂୟସୀ ପ୍ରଶଂସା କରିଥିଲେ । ଅନୁରୂପ ଭାବେ ସମ୍ମାନିତ ଅତିଥି ଶ୍ରୀ ଶତପଥୀ ରାଜ୍ୟ ଓ ରାଜ୍ୟ ବାହାରେ କାହିଁକି ଦେଶ ବିଦେଶରେ ଏହି ସ୍କୁଲର ଛାତ୍ରଛାତ୍ରୀ ମାନେ ଅନେକ ପ୍ରଶଂସା ଆଣିଦେଇଛନ୍ତି ବୋଲି କହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସଫଳତାର ଶ୍ରେୟ ଦେଇଥିଲେ। ପ୍ରତେକ ବର୍ଷ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତମ ଗ୍ରେଡରେ ପାସ କରି ସ୍କୁଲର ମାନ ଓ ଏହାର ସଫଳତା ଗୁଣାତ୍ମକ ଶିକ୍ଷା ପ୍ରଦାନ ବୋଲି କହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ପରେ ବିଭିନ କ୍ଷେତ୍ରରେ ପାରଙ୍ଗମ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଶହଶହ ଅଭିଭାବକ ଏହି ଭବ୍ୟ ସମାରୋହରେ ଯୋଗଦେଇ ଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସମାରୋହର ଶାନ୍ତିପୂର୍ଣ୍ଣ ସହଯୋଗରେ ସଫଳ ହେଇଥିଲା ।

ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ ଏ.ଚନ୍ଦନ ଚର୍ଚ୍ଚିତ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବକୁ ଲୋକଗୀତ ଗାୟକ ପଦ୍ମଶ୍ରୀ ଗୋପିନାଥ ସ୍ୱାଇଁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ନାଟ୍ୟକାର ମେଜର ରମା ରମଣ ପାଢୀ, ମୁଖ୍ୟବକ୍ତା ଭାବେ ବୁଗୁଡା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବନମାଳୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରାମର୍ଶଦାତା ସୁରେଶ ଚନ୍ଦ୍ର ଦାଶ ଓ ଟ୍ରଷ୍ଟି ଏ. ଜାନକୀରାଣୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବର ପ୍ରାରମ୍ଭରେ ପ୍ରିନ୍ସିପାଲ ବାଲଗୋପାଲ୍ ଶତପଥୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପରିଶେଷରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱାରଶୁଣି ଘାଟିରେ ଜଳିଗଲା ପିଆଜ ବୋଝେଇ ଟ୍ରକ୍

ବାରିପଦା, (ସବ୍ୟୁ) : ଦୁଆରଶୁଣି ଘାଟିରେ ପୁଣି ସଡ଼କ ଦୁର୍ଘଟଣା ଘଟି ହୁତୁହୁତୁ ହୋଇ ପିଆଜ ଟ୍ରକ ଜଳି ଯାଇଛି। କିଛି ଦିନର ବ୍ୟବଧାନ ପରେ ପୁଣି ଏକ ଟ୍ରକ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଓଲଟିବାରୁ ଦୁର୍ଘଟଣା ହୋଇଛି। ନିଆଁକୁ ଆୟତ୍ତ କରିବା ପାଇଁ ବାଙ୍ଗିରିପୋଷି ଓ ବିଶୋଇ ଅଗ୍ନିଶମ ବିଭାଗର ଚାରି ଗୋଟି ଦମକଳ ପ୍ରକ୍ରିୟା ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ସୋମବାର ପୂର୍ବାହ୍ନ ସମୟରେ ଉକ୍ତ ଦୁର୍ଘଟଣା ଘଟିଛି। ଏକ ପିଆଜ ବୋଝେଇ ଟ୍ରକଟି ମହାରାଷ୍ଟ୍ର ରାଜ୍ୟର ନାସିକ ଅଞ୍ଚଳରୁ କଲିକତା ଅଭିମୁଖେ ଯାଉଥିଲା। ଏହି ସମୟରେ ଘାଟି ରାସ୍ତାର ବାଙ୍କ ନିକଟରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଉକ୍ତ ପିଆଜ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ନିଆଁ ଲାଗିଯାଇଛି। ତେବେ ଟ୍ରକର ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ଦମକଳ ଦଳ ନିଆଁକୁ ଆୟତ୍ତ କରିଥିବାବେଳେ ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ଦିଗଦର୍ଶନ ଯୁଥ କ୍ଲବ ପକ୍ଷରୁ ଉତ୍କଳ ଦିବସ

ରମ୍ଭା, (ସବ୍ୟୁ): ଗଞ୍ଜାମ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିଥିବା ପୂଜ୍ୟ ଜନ ନାୟକ ମାନଙ୍କ ସ୍ମୃତି ଚାରଣ କରି ସେହି ମହାନ ଜନ ନାୟକମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନ୍ମ ମାଟିର ସେବା କରିବା ନିମନ୍ତେ ମତବ୍ୟକ୍ତ କରିଥିଲେ। ସହର ସ୍ଥିତ ଭାରତୀ ବିଦ୍ୟାପୀଠ ପରିସରରେ ମଧୁବାବୁ, ମଧ୍ୟଖଣ୍ଡ ସାହି ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ, ସମନ୍ତରା ସାହି ଛକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରା, ସମ୍ପାଦିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ରୁପାଲୀ ମହାପାତ୍ର, ମହା ପ୍ରସାଦ ମହାପାତ୍ର, ସୁଦର୍ଶନ ପାଢ଼ୀ, ସୁନିଲ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

ତାଳଚେର ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳିତ

ତାଳଚେର , (ସବ୍ୟୁ) : ଚଳିତବର୍ଷ ତାଳଚେର ଉପଖଣ୍ଡରେ ଉତ୍କଳ ଦିବସ ୨୦୨୪ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ନିରାଡ଼ମ୍ବର ଭାବରେ ଆଜି ସ୍ଥାନୀୟ ଡ଼ିସିଆଇ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଭାବେ ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥିଭାବେ ଗୋଷ୍ଠୀଉନ୍ନୟନ ଅଧିକାରିଣୀ ଚିନ୍ମୟୀ ଚେତନା ଦାସ, ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଡ଼େପୁଟି କଲେକ୍ଟର ବିକାଶ ରଞ୍ଜନ ସବର, ଆସିଷ୍ଟାଣ୍ଡ କଲେକ୍ଟର, ନିବେଦିତା ନାଏକ, ଲୋକସମ୍ପର୍କ ଅଧିକାରୀ ପୁଷ୍ପିତା ମଧୁମତି ଦେହୁରୀ ଓ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ସକାଳ ୬.୩୦ମିନଟ୍‌ରେ ପ୍ରଭାତ ଫେରି କାର୍ଯ୍ୟକ୍ରମ କରିବା ସହ ତାଳଚେର ଅଂଚଳରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଉତ୍କଳ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସହ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ କରିବାକୁ ସମସ୍ତଙ୍କୁ ମୁଖ୍ୟ ଅତିଥି ଆହ୍ୱାନ କରିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମ ସଙ୍ଗ ହୋଇଥିଲା।

ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜନ୍ମ ଉତ୍ସବ

ବଇଣ୍ଡା , (ସବ୍ୟୁ) : ବଇଣ୍ଡା ର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୪ଶତମ ଜନ୍ମ ଉତ୍ସବ ତଥା ଉତ୍କଳ ଦିବସ ସୋମବାର ପାଳିତ ହୋଇଯାଇଛ । ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ପୁରୁଶୁମାଳର ବିଜ୍ଞାନ ଶିକ୍ଷକ ରଜନୀକାନ୍ତ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଗଳ୍ପ, ଗୀତ, ଚିତ୍ରାଙ୍କନ, ଡିବେଟ, କାର୍ଯ୍ୟକ୍ରମରେ ଶ୍ରୀୟାଂଶି ସାହୁ, ଆଦ୍ୟାଶା ବେହେରା, ଅମ୍ରିତା ମେହେର, ରିୟା ଇସ୍ପିତା ସାହୁ, ଋତୁପ୍ରିୟା ପ୍ରଧାନ ଙ୍କୁ ସଭାପତି ଜୟନନ୍ଦ ସାହୁ, ସମ୍ପାଦକ ସ୍ୱପ୍ନେଶ୍ୱର ନନ୍ଦ ଓ ରଜନୀକାନ୍ତ ଦେହୁରୀ ଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଜେମାମଣୀ ନନ୍ଦ, ବିନୋଦିନୀ ମାଝୀ, ସରିତା ମଞ୍ଜରୀ ଦାସ, ସନ୍ଧ୍ୟାରାଣୀ ପ୍ରଧାନ, ସସ୍ମିତା ପ୍ରଧାନ, ସୁଜାତା ପ୍ରଧାନ, ଜୟନ୍ତୀ ସାହୁ, ଅଧକ୍ଷ ପ୍ରଦୀପ କୁମାର ଦାସ ପରିଚାଳନା ରେ ସହଯୋଗ କରିଥିଲେ ।

ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ଼ , (ସବ୍ୟୁ) : ଚଳିତ ବର୍ଷ ଦେଇଥିବା ନବୋଦୟ ପ୍ରବେଶିକା ପରୀକ୍ଷା ରେ ବଇଣ୍ଡା ଅଞ୍ଚଳ ପ୍ରବେଶିକା ପରୀକ୍ଷା ରେ ଉତ୍ତିର୍ନ୍ନ ହୋଇଥିବା ଛାତ୍ରୀ ଛାତ୍ର ଙ୍କୁ ସୋମବାର ଦିନ ସମ୍ବର୍ଦ୍ଧିତ କରାଯାଇଛି । ଏ ନେଇ କଦଳୀମୁଣ୍ଡା ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଲେଖ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବରେ ସାମ୍ବାଦିକ ପରୀକ୍ଷିତ ସାହୁ , ଦୀପକ କୁମାର ସାହୁ , ବାବୁଲାଲ ସାହୁ , ଟଙ୍କଧର ସାହୁ , ସାରଥି ପ୍ରଧାନ , ମୃତଞ୍ଜୟ ସାହୁ , ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରବେଶିକା ପରୀକ୍ଷାରେ ଉର୍ତ୍ତିଣ୍ଣ ହୋଇଥିବା ଛାତ୍ର ଜଗଦୀଶ ପ୍ରଧାନ, ଆରୀୟନ ପ୍ରଧାନ,ରାହୁଲ କୁମାର ସାହୁ, ତୃପ୍ତି ମୟ ପ୍ରଧାନ, ପ୍ରିୟଂଝଶି ପ୍ରିୟ ଦର୍ଶନୀ ସାହୁ, ନଦ୍ୟାସ୍ମିତା ସାହୁ,ଲୋକେସ ମାନ ପ୍ରବୀଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିକ୍ଷକ ଦୀପକ ସାହୁ , ସରୋଜ କୁମାର ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । କଠିନ ପରିଶ୍ରମ କରିଲେ ସଫଳତା ଶୀର୍ଷରେ ପହଁଚିବେ ବୋଲି ଅତିଥି ମାନେ କହିଥିଲେ ।

ବିଷ ପିଇ ମହିଳା ମୃତ

ଠାକୁରମୁଣ୍ଡା , (ସବ୍ୟୁ) : ମହୁଲଡ଼ିହା ଥାନା ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼ବେଡା ଗ୍ରାମର ଜଣେ ମହିଳା ସୋମବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।ଆତ୍ମହତ୍ୟା କରିଥିବା ମହିଳା ଜଣକ ସେହି ଗ୍ରାମର ମାଗୁଆ ହୋ ଙ୍କ ସ୍ତ୍ରୀ ସୁଶିଳା (୨୫) ବୋଲି ଜଣାପଡିଛି।ପାରିବାରିକ କଳହ ଯୋଗୁଁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି।ସକାଳେ ସୁଶିଳା ଜଙ୍ଗଲକୁ ଯାଇ ସେଠାରେ ଥିବା ଚେରମୂଳି ବିଷକୁ ଆଣି ପିଇ ଦେଇଥିଲେ।ବିଷ ପିଇବା ପରେ ସୁଶିଳା ର ଅବସ୍ଥା ଗୁରୁତର ହୋଇପଡିଥିଲା।ପରିବାର ଲୋକେ ସ୍ଥାନୀୟ ଅଞ୍ଚଳର ଏକ ଗାଡିରେ ଗୁରୁତର ଅବସ୍ଥାରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁଶିଳାଙ୍କ ସ୍ୱାମୀ ରାଜ ମିସ୍ତ୍ରୀ କାମ କରୁଥିବା ବେଳେ ତାଙ୍କର ୫ ବର୍ଷର ଗୋଟିଏ ଝିଅ ଓ ୨ ବର୍ଷ ର ପୁଅ ଥିବାର ଜଣାଯାଇଛି।ମହୁଲଡ଼ିହା ଥାନା ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛି ।

ବିଦ୍ୟୁତ ଆଘାତରେ ବାଳକଙ୍କ ମୃତ୍ୟୁ

ଠାକୁରମୁଣ୍ଡା , (ସବ୍ୟୁ) : ପୋଖରୀର ପାଣି ଶୁଖାଇ ମାଛ ଧରିବାକୁ ଲଗା ଯାଇଥିବା ଏକ ପାଣି ପମ୍ପ ବିଦ୍ୟୁତ୍ ତାରରେ ଲାଗି ଶନିବାର ଜଣେ ବାଳକର ମୃତ୍ୟୁ ଘଟିଛି।ମୃତ ବାଳକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧିରଲ ଗ୍ରାମର ଗୋବିନ୍ଦ ମୁର୍ମୁଙ୍କ ପୁଅ ମାସାଙ୍ଗ (୬)ବୋଲି ଜଣାପଡିଛି।ମିଳିଥିବା ସୂଚନା ଅନୁଯାୟୀ ଗ୍ରାମରେ ଥିବା ଏକ ସରକାରୀ ପୋଖରୀ କୁ ନିଲାମ ରେ ନେଇ ମାଛ ଚାଷ କରିଥିବା ଲୋକ ମାନେ ମାଛ ଧରିବାକୁ ସକାଳ ସମୟରେ ପୋଖରୀ ପାଣିକୁ ଶୁଖାଉ ଥିଲେ।ପୋଖରୀ ପାଣି ନିଷ୍କାସନ ପାଇଁ ଏକ ପାଣି ମଟର ଲଗାଇ ଥିଲେ।ମଟରକୁ ବିଦ୍ୟୁତ ସଂଯୋଗ କରିବାକୁ ପୋଖରୀ ନିକଟରେ ଥିବା ଜୈନେକ ବ୍ୟକ୍ତିଙ୍କ ଘରୁ ବିଦ୍ୟୁତ୍ ତାର ଲଗାଇ ପାଣି ପମ୍ପ ରେ ସଂଯୋଗ କରିଥିଲେ।ସକାଳ ପ୍ରାୟ ୯ ଟା ସମୟରେ ମାସାଙ୍ଗ ସାଙ୍ଗ ମାନଙ୍କ ସହିତ ପୋଖରୀ କୂଳରେ ଖେଳୁଥିବା ବେଳେ ମାଟି ଉପରେ ଦେଇ ପାଣି ପମ୍ପକୁ ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ।ଖବର ପାଇ ମୃତ ବାଳକ ବାପା ପରିବାର ଲୋକେ ଏକ ବାଇକ ଯୋଗେ ଗୁରୁତର ମାସାଙ୍ଗ କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଠାକୁରମୁଣ୍ଡା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ।ଠାକୁରମୁଣ୍ଡା ଥାନା ପୋଲିସ ଘଟଣା ର ତଦନ୍ତ କରୁଛି।

ବିଭିନ୍ନ ସ୍ଥାନରେ ପଞ୍ଚୁଦୋଳ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ସ୍ଥାନରେ ଯଥା କଣାସ, ଦୋକନ୍ଦା, ସିରେଇ, ଅଣ୍ଡାରସିଂହ ଓ ଜଙ୍କିଆ ଗ୍ରାମରେ ପଞ୍ଚୁଦୋଳ ମେଳଣ ଧୁମ୍ ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳନରେ ହଜାର ହଜାର ଲୋକମାନଙ୍କର ଭିଡ ଜମିଥିବା ଦେଖିବାକୁ ମିଳିଛି । ଜଙ୍କିଆ ମେଳଣ ୪୦୦ବର୍ଷରୁ ଉର୍ଦ୍ଧ ହେବ ଏହି ପରମ୍ପରା ଚାଲିଆସିଛି।ଶନିବାର ଠାରୁ ଆରମ୍ଭ ହୋଇ ସୋମବାର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ମେଳଣରେ ଜଙ୍କିଆ ଗ୍ରାମର କପିଳେଶ୍ୱର ଦେବ ଆୟୋଜକ ଥିବା ବେଳେ ନନ୍ଦ ଠାକୁର ସଭାପତି ରହିଥାନ୍ତି , ସ୍ଥାନପତି ନନ୍ଦିଗୋଦା ଗ୍ରାମର ନୀଳକଣ୍ଠଶ୍ୱର, ମୁଖ୍ୟ ଅତିଥି ଓଲ୍ଲ ଗ୍ରାମର ଆରାଧ ଦେବତା ଇନ୍ଦ୍ରଶ୍ୱର ଦେବ। ଶନିବାର ଦିନ ରାତିରେ ଜମାଣ କାଯ୍ୟ ଆରମ୍ଭ ହୋଇଥିଲା ଏଥିରେ କପିଳେଶ୍ୱର, ନୀଳକଣ୍ଠଶ୍ୱର, ନନ୍ଦ ଠାକୁର, ଭାଗବତ ବାସୁଦେବ ଜଙ୍କିଆ ଗ୍ରାମରେ ପାଟୁଆରରେ ବାହାରିଥିଲେ ।ଚାରି ଠାକୁରଙ୍କ ପାଖରେ ନୀତି ଭୋଗ ଅନୁଷ୍ଠିତ ହୋଇଥିଲା । ଆତସବାଜି, ମେଢ଼, ନାଗାନାଚ, ବଗବଗୁଲି ନାଚ, ପରିନାଚ, ବାଘ ବାଘୁଣୀ ନାଚ,ଘୋଡା ନାଚ,ସିଙ୍ଗ ବାଦ୍ୟ,ନାମ ସଂକରିତନ ସହିତ ଗ୍ରାମ ପରିକ୍ରମା କରି ଭୋର ୪ଟା ରେ ଦୟାନଦୀ କୂଳରେ ଥିବା ମେଳଣ ପଡିଆକୁ ଯାଇ ଖୁଣ୍ଟି ଲାଗି ହୋଇଥିଲେ । ରବିବାର ଦିନ ଓଲ୍ଲ ଗ୍ରାମର ଆରାଧ ଠାକୁର ଶ୍ରୀଇନ୍ଦ୍ରଶ୍ୱରଦେବ ତାଙ୍କ ପୀଠରୁ ବାହାରି ସୁକଳ ଦେଇ ବିଭିନ୍ନ ଛକରେ ପହଞ୍ଚି ପନ୍ତି ଭୋଗ ଲାଗି ହୋଇଥିଲା । ପରେ ବେଣାଗାଁ,ଗଡ଼ସାହି, ମର୍ଧାପଲ୍ଲୀ, ଜଙ୍କିଆ ଗ୍ରାମରେ ଭୋଗ ଲାଗି ହେବା ପରେ ମେଳଣ ପଡ଼ିଆରେ ପହଞ୍ଚି ଥିଲେ।ଏହି ମେଳଣରେ ହଜାର ହଜାର ଲୋକମାନଙ୍କର ସମାଗମ ହୋଇଥିଲା ।ଶାନ୍ତି ଶୃଙ୍ଖଳା ପାଇଁ କଣାସ ଥାନା ପାଖରୁ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଅନନ୍ୟା ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।।

ସତ୍ୟବାଦୀରେ ଉତ୍କଳ ଦିବସ ପାଳିତ

ସାକ୍ଷୀଗୋପାଳ , (ସବ୍ୟୁ) : ସୋମବାର ୮୯ ତମ ଉତ୍କଳ ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ସାରଥୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କ ଜନ୍ମ ପୀଠରେ ପ୍ରତିଷ୍ଠିତ ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱକୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବୁଦ୍ଧିଜୀବୀ ଧିରେନ୍ଦ୍ର କୁମାର ଦାସ, ରବିନ୍ଦ୍ର ନାଥ ଦାସଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ । ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାର ପରିସରରେ ଉତ୍କଳ ଦିବସ ମହାସମାରୋହରେ ପାଳନ ହୋଇଛି । ଏଥିରେ ବିକାଶ ପରିଷଦ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପୁରୀ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ଦାସ ଯୋଗ ଦେଇ ଉତ୍କଳ ଦିବସ ଅନୁଚିନ୍ତା ଉପରେ ଆଲୋଚନା କରିଥିଲେ । ସମ୍ପାଦକ ଆଇନଜୀବୀ ଅମର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଆଇନଜୀବୀ ପୁଷ୍କର ମହାପାତ୍ର , ଶିକ୍ଷାବିତ ଜୟନ୍ତ କୁମାର ତ୍ରିପାଠୀ ,ବନମାଳୀ ବେହେରା , ବୁଦ୍ଧିଜୀବୀ ଭୀମସେନ ମହାପାତ୍ର ଓ ଧଡ଼ିଆ ପ୍ରଧାନ ପ୍ରମୁଖ ଶତାଧିକ ଲୋକ ଯୋଗ ଦେଇଥିଲେ । ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ବରିଷ୍ଠ ନାଗରିକ ପ୍ରମାଣ ପତ୍ର ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ବରାଳ ଲୋକଙ୍କୁ ପ୍ରଦାନ କରିଥିଲେ।ଶେଷରେ ବରିଷ୍ଠ ସାମ୍ବାଦିକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମିଳିତ ଭାବେ ଉତ୍କଳ ଦିବସ ପାଳନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ ଶିକ୍ଷୟତ୍ରୀ ବୈଜୟନ୍ତି ମିଶ୍ର,ତପସ୍ୱିନୀ ତ୍ରିପାଠୀ ଉତ୍କଳ ଦିବସ ପରିପ୍ରେକ୍ଷୀରେ ଉଦ୍ବୋଧନ ଦେଇଥିଲେ। ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମନେ ଉପସ୍ଥିତ ଥିବା ବେଳେ ଶିକ୍ଷୟତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ସେହିପରି ସେଣ୍ଟ ଜାଭିୟର ସ୍କୁଲରେ ଉତ୍କଳ ଦିବସ ସମାରୋହ ମିଶନ ସତ୍ୟବାଦୀ ପକ୍ଷରୁ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ସତ୍ୟବାଦୀ ର ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଶିକ୍ଷାବିତ ସତ୍ୟବାଦୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡକ୍ଟର ଅଭିମନ୍ୟୁ ବରାଳ ,ସମ୍ମାନିତ ଅତିଥି ପ୍ରଫେସର ଡକ୍ଟର ବୃନ୍ଦାବନ ରଥ ,ମୁଖ୍ୟ ବକ୍ତା ଡକ୍ଟର ରଶ୍ମିରଞ୍ଜନ ମହାପାତ୍ର , ଅନ୍ୟତମ ଅତିଥି ଭାବେ ଦେବଦତ୍ତ ସାମନ୍ତରାୟ , ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦୀପିକା ସାମନ୍ତରାୟ ନବଘନ ଶତପଥୀ, ଶିକ୍ଷାବିତି ବିଜୟ କୁମାର ପରିଡା , ନିହାର ରଞ୍ଜନ ସ୍ୱାଇଁ ଓ ଅନ୍ୟମାନେ ଯୋଗ ଦେଇଥିଲେ ।

ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ : ଯୁବକ ଗିରଫ

ଦଶପଲ୍ଲା , (ସବ୍ୟୁ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପୁରୁଣା ଦଶପଲ୍ଲାରେ ଜଣେ ଦ୍ୟିାଙ୍ଗ ମହିଳା ଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତ୍ତିକରି ପୋଲିସ ଜଣେ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଙ୍କ ନାଁ ଦିବାକର ପରିଡା (ଲିପୁ)। ସୂଚନା ଅନୁଯାୟୀ, ପୁରୁଣା ଦଶପଲ୍ଲା ଗ୍ରାମର ଜଣେ ଦ୍ୟିାଙ୍ଗ (ଅନ୍ଧୁଣି)ମହିଳା ଗ୍ରାମ ନିକଟ ପୋଖରୀ କୁ ଶୌଚ ହେବାକୁ ଯାଇଥିଲେ । ମହିଳା ଜଣକ ଶୌଚ କାମ ସାରି ଘରକୁ ଫେରୁଥିବା ବେଳେ ପୋଖରୀ ନିକଟରେ ଏକ ଅଜବେଷ୍ଟ ଘରେ ମଦ ପିଉଥିବା ୩ ଜଣ ଯୁବକ ତାଙ୍କୁ ଅଟକାଇଥିଲେ । ଏହି ସମୟ ରେ ଦିବାକର ମହିଳାଙ୍କୁ ଅଶ୍ଳୀଳ କଥା କହିବା ସହ ମହିଳାଙ୍କୁ ଘରଭିତରକୁ ନେଇ ଯାଇଥିଲେ । ଦିବ୍ୟାଙ୍ଗ ମହିଳା ଜଣକ ପାଟିକରିବାରୁ ତାଙ୍କୁ ମାଡ଼ ମାରି ତାର ଦାନ୍ତ ଭାଙ୍ଗି ଦେବା ସହ ପିନ୍ଧିଥିବା ଲୁଗା ଭିଡି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମହିଳା ଙ୍କ ପାଟି ଶୁଣି ନିଟସ୍ଥ ଗ୍ରାମବାସୀ ପହଂଚି ଯିବାରୁ ଦିବାକର ଓ ମଦପିଉଥିବା ତାର ସାଙ୍ଗମାନେ ଦୌଡି ପଳାଇଥିଲେ । ପରେ ଦ୍ୟିାଙ୍ଗ ଭାଇ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦିବାକର(ଲିପୁ)କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଦଶପଲ୍ଲା,(ସବ୍ୟୁ) : ସୋମବାର ସକାଳ ସମୟ ରେ ଦଶପଲ୍ଲା ଥାନା ସୁବଳୟା ୫୭ ନଂ ଜାତୀୟ ରାଜପଥ ଉପରେ ଜଣେ ସାଇକେଲ ଚାଳକଙ୍କୁ କାର ଧକ୍କା ଦେବାରୁ ସାଇକେଲ ଚାଳକଙ୍କ ମୃତ୍ୟ ହୋଇଛି ।ମୃତ ସାଇକେଲ ଚାଳକ ଙ୍କ ନାଁ ବସନ୍ତ ଦାସ (୫୨) ଓ ତାଙ୍କ ଘର ସୁବଳୟା ଗ୍ରାମରେ ।, ବସନ୍ତ ସାଇକେଲ ରେ ଟମାଟୋ ଧରି ବିକ୍ରୟ କରିବା ନିମନ୍ତେ ଯାଉଥିବା ବେଳେ ନୟାଗଡ଼ ରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଓଡ଼ି୦୨ ବିକ୍ୟୁ ୨୦୩୨ କାର ବସନ୍ତଙ୍କୁ ଧକ୍କାଦେଇଥିଲା । ଫଳରେ ବସନ୍ତ ଗୁରୁତର ଆହତ ହୋଇଥିଲେ ।ଆହତ ଅବସ୍ଥାରେ ବସନ୍ତ ଙ୍କୁ ଉଧାର କରାଯାଇ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିବା ବେଳେ ବସନ୍ତ ଙ୍କ ମୃତ୍ୟୁ ହୋଇଥିଲା । କାର ବେଗ ଅଧିକ ଥିବାରୁ କାର ଟି ବସନ୍ତଙ୍କୁ ଧକ୍କା ଦେଇ ଏକ ସିମେଣ୍ଟ ବିଦ୍ୟୁତ ପୋଲରେ ଧକ୍କା ହୋଇଥିଲା। ଫଳରେ ସିମେଣ୍ଟ ପୋଲ ଟି ଭାଙ୍ଗି ଯାଇଥିବା ବେଳେ କାର ର ସମୁଖ ପାର୍ଶ୍ୱ ଭାଙ୍ଗିଜାଇଥିଲା । ଏହି ଘଟଣାରେ କାର ଡ୍ରାଇଭର ଆହତ ହୋଇଛନ୍ତି । ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଥିଲା। ଏହି ଘଟଣାରେ ପୋଲିସ ଏକ ଏକ ମାମଲା ରୁଜୁକରି କାର ଡ୍ରାଇଭର ସହ କାର ରେ ଥିବା ଅନ୍ୟ ଜଣଙ୍କୁ ଗିରଫ କରି ଅଟକ ରଖିଛି ।

ଉତ୍କଟ ହେଉଛି ଜଳକଷ୍ଟ, ବାପଘର ପଳାଉଛନ୍ତି ନବବଧୂ

ଆନନ୍ଦପୁର , (ସବ୍ୟୁ) : ଖରା ଆରମ୍ଭରୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କାଠକଟା ଚତୁରିସାହିରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଗାଁରେ ଥିବା ତିନିଟିନିଟି ନଳକୂପ ଅଚଳ ହୋଇଯାଇଥିବାରୁ ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଗାଁର ମହିଳାମାନେ ଦୁଇ କିଲୋମିଟର ଦୂରରେ ଥିବା ଏକ କୂଅରୁ ପାଣି ଆଣୁଛନ୍ତି। ସ୍ନାନଶୌଚ ପାଇଁ ମଧ ପାଣିର ସୁବିଧା ନାହିଁ। ତେଣୁ ଗାଁକୁ ବାହା ହୋଇ ଆସିଥିବା ନବବଧୂମାନେ ବାପଘରକୁ ପଳାଉଛନ୍ତି। କାଠକଟା ପଞ୍ଚାୟତ ଚତୁରିସାହିରେ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରୁଛନ୍ତି। ଲୋକସଂଖ୍ୟା ୩୦୦ରୁ ଉର୍ଦ୍ଧ୍ୱଛ ଗ୍ରାମରେ ୩ଟି ନଳକୂପ ଥିଲେ ମଧ ଖରାଦିନେ ସେଥିରୁ ପାଣି ବାହାରୁନି। ଗାଁଠାରୁ କିଛି ଦୂରରେ ଥିବା ଏକ ନଳକୂପରୁ ଲୋକେ ପାନୀୟଜଳ ସଂଗ୍ରହ କରୁଥିବା ବେଳେ ଦୁଇ କିଲୋମିଟର ଦୂରରେ ଥିବା ଏକ ଖୋଲାକୂଅରୁ ସ୍ନାନଶୌଚ ପାଇଁ ପାଣି ଆଣିଥାନ୍ତି।ବେଳେ ବେଳେ ନଳକୂପରୁ ପାଣି ନବାହାରିଲେ କୂଅର ଦୂଷିତ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ପାଣି ସମସ୍ୟା ପାଇ ଗାଁର ଦୁଇଜଣ ନବବଧୂ ଶାଶୂଘର ଛାଡ଼ି ବାପଘରକୁ ପଳାଇଥିବା ମାଳତୀ ଖଟୁଆ, ନିହାରିକା ସୋରେନ, ଉଲୁଙ୍ଗି ମାଝୀ, ହୀରାମଣି ମାଝୀ, ଜବାନୀ ମାଝୀ ପ୍ରମୁଖ କହିଛନ୍ତି।

ଅବସରକାଳୀନ ସମ୍ବର୍ଦ୍ଧନା ସଭା

ନୂଆଗାଁ ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ନୂଆଗାଁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଜୟକୃଷ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଇଂରାଜୀ ଶିକ୍ଷକ ମହେଶ୍ୱର ପ୍ରଧାନ , ଓଡିଆ ଅଧାପକ ବିଜୟ କୁମାର ସାହୁ, ଅର୍ଥଶାସ୍ତ୍ର ଅଧାପିକା ମଧୁଲତା ପଟ୍ଟନାୟକ, ରାଜନୈତିକ ବିଜ୍ଞାନ ଅଧାପକ ସତ୍ୟସ୍ୱାଗତ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କ ଚାକିରୀ ଜୀବନର ସଂଘର୍ଷମୟ ଜୀବନୀ ଉପରେ ବର୍ଣ୍ଣନା କରିବା ସହିତ ସେ ଜଣେ ଛାତ୍ର ବତ୍ସଳ ପରୋପକାରୀ ମେଳଝପି କର୍ତ୍ତବ୍ୟ ନିଷ୍ଠ ବ୍ୟକ୍ତି ଥିଲେ। ପରିଶେଷରେ ଶ୍ରୀ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର, ପୁଷ୍ପଗୋଛ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

ପଞ୍ଚବଟୀ ଦୋଳ ମେଳଣ ଉଦ୍‌ଯାପିତ

ଫୁଲନଖରା, (ସବ୍ୟୁ) : ପାହାଳ ଥାନା ଅନ୍ତର୍ଗତ ଜୟର ଶାସନ ପଞ୍ଚବଟୀ ପଞ୍ଚଦୋଳ ମେଳଣ ଓ ସଂର୍କୀନ ସମାରୋହ ଶନିବାର ରାତିରେ ଉଦଯାପିତ ହୋଇଛି । ଦୁଇ ଦିନ ଧରି ଆୟୋଜିତ ଏହି ମେଳଣର ପ୍ରଥମ ରାତିରେ ଜୟର ଶାସନର ବାବା ବଟେଶ୍ୱର ସୁସଜ୍ଜିତ ବିମାନରେ ତ୍ରିନାଥ ବଜାରରେ ପହଞ୍ଚିଥିଲେ । ସେଠାରେ ଗୁଆଳି, ଜଗନ୍ନାଥପୁର , ଗୋହଳ ଓ ଚାରିଘରିଆ ଗ୍ରାମର ବିମାନ ଗୁଡ଼ିକ ଶୋଭାଯାତ୍ରାରେ ତ୍ରିନାଥ ବଜାରରେ ବାହାରି ଜୟର ଶାସନ ପଞ୍ଚବଟୀସ୍ଥିତ ଶ୍ରୀ ବଟେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପହଞ୍ଚିଥିଲେ । ଶନିବାର ସଂଧାରେ ସେଠାରେ ଠାକୁରଙ୍କ ସମ୍ମୁଖସ୍ଥ ମଣ୍ଡପରେ ବିଭିନ୍ନ ଅଞ୍ଚଳରୁ ଆମନ୍ତ୍ରିତ ୨୫ ମଣ୍ଡଳଙ୍କ ଦ୍ୱାରା ଓଡ଼ିଶୀ ନାମ ସଂର୍କୀନ ପରିବେଷଣ କରାଯାଇଥିଲା । ରାତିରେ ଆତସବାଜି ପଦର୍ଶିତ ହୋଇଥିଲା । ଏହି ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା ବେଳେ ମୀନା ବଜାରରେ ଶତାଧିକ ଅସ୍ଥାୟୀ ଦୋକାନ ଖୋଲିଥିଲା । ଗ୍ରାମବାସୀ , ଗ୍ରାମର ମୁରବି,ସମସ୍ତ ଠାକୁରଙ୍କ ମାର୍ଫତଦାର ଓ ସଂର୍କୀନ ମଣ୍ଡଳୀ ମହନ୍ତ କାର୍ଯକ୍ରମ ପରିଚାଳନା କରିଥିଲେ।

ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ୨୦୨୪ ପାଳିତ

ପାଞ୍ଚପୀଢ ,(ସବ୍ୟୁ) : କରଞ୍ଜିଆର ବିଭିନ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟ ଗୁଡ଼ିକରେ ସୋମବାର ଦିନ ୮୯ ତମ ଓଡ଼ିଶା ଦିବସ ୨୦୨୪ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଉପଖଣ୍ଡ ସ୍ତରୀୟ ୮୯ ତମ ଓଡିଶା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବଡ଼ି ସକାଳୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସମଗ୍ର ସହରରେ ପରିବେଷଣ କରାଯାଇଥିଲା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ପରେ ପରେ ପାଞ୍ଚପୀଢ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ଦାଶ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ର ମହାତ୍ମା ଗାନ୍ଧୀ,ଉତ୍କଳମଣି ଗୋପବନ୍ଧୁ ଦାସ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି,ନେତାଜୀ ଛକ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି, କରଞ୍ଜିଆ କଚେରୀ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ କରଞ୍ଜିଆ ଗୋଲେଇ ଠାରେ ଥିବା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ସଭା ଆୟୋଜିତ ହୋଇଥିଲା।ସଭାର ଅଧକ୍ଷତା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ କରିଥିବା ବେଳେ ନିମନ୍ତ୍ରିତ ଅତିଥି ମାନଙ୍କ ମଧରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶ, ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଓକିଲ ସଂଘ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଓ କର୍ଣ୍ଣାର୍ଜୁନ ସାହା ତହସିଲଦାର ବିଦ୍ୟାଧର ପତି ଉପସ୍ଥିତ ରହି ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଓ ଇତିହାସ ସମ୍ବନ୍ଧିତ ପ୍ରସଙ୍ଗରେ ନିଜ ନିଜର ଅଭିଭାଷଣ ରଖିଥିଲେ।ଅତିଥି ମାନେ ବ୍ୟବସାୟୀ ମାନଙ୍କୁ ନିଜ ନିଜ ବ୍ୟବସାୟୀକ କେନ୍ଦ୍ର, କାର୍ଯ୍ୟାଳୟ ଓ ଦୋକାନ ଗୁଡ଼ିକର ନାମ ଫଳକ ଓଡ଼ିଆରେ ଲେଖିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଗ୍ରନ୍ଥାଗାରୀକ ଅରୁଣ ପାଣିଗ୍ରାହୀ, ପ୍ରଦୀପ୍ତ ସେନାପତି,ଶ୍ରୀହରି ଦାସ କରିଥିଲେ।

ଓଡ଼ିଶା ଦିବସ ଭଦ୍ରକ ଜିଲ୍ଲାସ୍ତରରେ ପାଳିତ

ଭଦ୍ରକ,(ସବ୍ୟୁ):ଭଦ୍ରକ ପୌରାଞ୍ଚଳରେ ପ୍ରାତଃ ଉତ୍କଳ ବନ୍ଦନା ଡାକବାଜି ଯନ୍ତ୍ର ଦ୍ୱାରା ପରିବେଷଣ ପୂର୍ବକ ପରିକ୍ରମା କାର୍ଯ୍ୟକ୍ରମରୁ ଭଦ୍ରକ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ଆରମ୍ଭ କରାଯାଇଥିଲା। ସକାଳେ ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଆଧାରରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଏହି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଭବନରେ ପୂର୍ବାହ୍ନରେ ଉକ୍ତ ଦିବସ ପାଳନ ଉପଲକ୍ଷେ ଏକ ସାଧାରଣ ସଭା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଭା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ବିଶେଷ ଅବଦାନ ରଖିଥିବା ମହାପୁରୁଷ ମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆମ ଦେଶରେ ଅନନ୍ୟ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ମୁଖ୍ୟ ବକ୍ତା, ଉପଜିଲ୍ଲାପାଳ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ, ଓଡ଼ିଆ ଭାଷାର ମହତ୍ତ୍ୱ ଓ କଳାସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏହି କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆଦର୍ଶ ଆଚରଣ ବିଧି ଉଲଙ୍ଘନ କରାନଯିବା ଆଧାରରେ ୧୮ ବର୍ଷ ବୟସରୁ କମ୍ କେବଳ ସ୍କୁଲ ପିଲାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସକାଳେ ମାଲ୍ୟାର୍ପଣ କରାଯାଇଥିବା ସମସ୍ତ ପ୍ରତିମୂର୍ତ୍ତି ଓ ଜିଲ୍ଲା କାର୍ଯ୍ୟାଳୟ କୋଠା କୁ ସୁନ୍ଦର ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ସଂପୃକ୍ତ ବିଭାଗୀୟ କର୍ମଚାରୀ ମୀନାକ୍ଷୀ ଗରାବଡ୍ଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

ଉତ୍କଳ ଦିବସ ପାଳିତ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଦିବସପାଳିତ ହୋଇଛି। ଏ ନେଇ କଟାପଡ଼ାସ୍ଥିତ କାର୍ଯାଳୟରେ ଏକ କାର୍ଯକ୍ରମ ଆୟୋଜନ ହୋଇଥିଲା।ଏଥିରେ ମଞ୍ଚସଭାପତି ପଦ୍ମନାଭ ମହାନ୍ତି, ସମ୍ପାଦକ ଫଣିଭୂଷଣ ମହାନ୍ତି, କେଦାରନାଥ ମିଶ୍ର, ଦିଲୀପକୁମାର ମହାନ୍ତିପ୍ରମୁଖ ବରିଷ୍ଠ ନାଗରିକମାନେ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଫଟୋଚିତ୍ରରେ ମାଲାର୍ପଣ କରିଥିଲେ। ଭାଷା ଭିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତତ୍କାଳୀନମହାପୁରୁଷ ଓ ସ୍ୱାଧିନତା ସଂଗ୍ରାମୀଙ୍କ ତାଗ, ଅବଦାନ, ଭୂମିକା ତଥା ବଳିଦାନ ସମ୍ପର୍କରେ ବିଶେଷଆଲୋଚନା ହୋଇଥିଲା।

କାଦରାବାଦରେ ବସନ୍ତ ଉତ୍ସବ



ବାଲେଶ୍ୱର,(ସବ୍ୟୁ) : ରବିବାର ସନ୍ଧ୍ୟାରେ କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ କାଦରାବାଦର ବସନ୍ତ ଉତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ ଦେବେନ୍ଦ୍ରନାଥ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଦେବାଶିଷ ଦାଶ ମଂଚ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ରଞ୍ଜନ ବାଗ ଯୋଗଦେଇ କହିଥିଲେ ଯେ ବସନ୍ତ ଋତୁରେ କୋଇଲିର ରାବ ନାହିଁ କି ହଳଦୀବସନ୍ତ ଚଢେଇର ଦେଖା ନାହିଁ । ପରିବେଶ ସନ୍ତୁଳନ ନହେବା ଦ୍ୱାରା ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସେ କହିଥିଲେ । ସେଥିପାଇଁ ସମୟ ଆସିଛି ଆଜିର ଦିନରେ ପରିବେଶକୁ ସନ୍ତୁଳନ ରଖିବା ନିମନ୍ତେ ସମସ୍ତେ ଶପଥ ନେବା । ସମ୍ମାନୀତ ଅତିଥିଭାବେ ଯୁବ ଉଦ୍ୟୋଗୀ ମୌସମ କୁମାର ସିଂ ବସନ୍ତ ଉତ୍ସବର ଆୟୋଜକ ମାନଙ୍କୁ ପ୍ରଶଂସା କରିବା ସହ ଗ୍ରାମବାସୀମାନଙ୍କ ମଧରେ ଭାଇଚାରା ସୃଷ୍ଟି କରିବାକୁ କହିଥିଲେ । ଅନ୍ୟତମ ଅତିଥିଭାବେ ୫ନମ୍ବର ୱାର୍ଡର କାଉନସିଲର ଗୀତା ପଟ୍ଟନାୟକ, ସାରଗାଁ ପଞ୍ଚାୟତର ସରପଞ୍ଚ ସାବିତ୍ରୀ ଶତପଥି ବସନ୍ତ ଉତ୍ସବ ଉପରେ ବକ୍ତବ୍ୟ ରଖିଥିଲେ । ଉତ୍ସବରେ ଯୁବଉଦ୍ୟୋଗୀ ଏବଂ ସମାଜସେବୀ ମୌସମ କୁମାର ସିଂ ଶିଳ୍ପୀଭାବେ ନବକୁମାର ବାରିକ, ପଣ୍ଡିତ ମଧୁସୂଦନ ପଣ୍ଡା ସ୍ୱର୍ଗତଃ ନବକୁମାର ବେହେରାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲେ । ସଫଳ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିବା ବେଳେ ଶେଷରେ ସହସମ୍ପାଦକ ଶଙ୍କର୍ଷଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବସନ୍ତ ଉତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ-୨୦୨୪



ବାଲେଶ୍ୱର, (ସବ୍ୟୁ) : ପ୍ରତିବର୍ଷ ପରି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସୂଚନା ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ନିରଞ୍ଜନ ବେହେରା, ଶୁଭଶ୍ରୀ ରଥ ଉପସ୍ଥିତ ରହି ବାଲେଶ୍ୱର ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ତ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦେଶ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା । ଏହାପରେ ମଂଚାସୀନ ଅତିଥିମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ୮୮ବର୍ଷ ତଳେ ହୋଇଥିଲା ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଆ ଜାତି ଓ ଭାଷାର ସୁରକ୍ଷା ପାଇଁ ଯେଉଁ ବରପୁତ୍ରମାନେ ସଂଘର୍ଷ କରିଛନ୍ତି ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ସେଠୀ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, କାର୍ତ୍ତିକ ବେହେରା, ମାଳତୀ କିସ୍କୁ, ସୁଚିସ୍ମିତା ପରିଡ଼ା ପ୍ରମୁଖ ସହଯୋଗ କରିଥିବା ବେଳେ ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ପାଳନ କରିବା ସହ ଓଡ଼ିଶା ଦିବସ ପାଳନ କରାଯାଇଥିଲା ।

ରାଧାକୃଷ୍ଣ ଲୋକନାଟ୍ୟ ପକ୍ଷରୁ ଗୁରୁପୂଜନ, କଳାକାର ସମ୍ମାନ ଉତ୍ସବ

କଣିହାଁ,(ସବ୍ୟୁ) : ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ବଡତ୍ରିବିଡ଼ା ରାଧାକୃଷ୍ଣ ଲୋକନାଟ୍ୟ ପକ୍ଷରୁ ଗୁରୁପୂଜନ ଓ କଳାକାର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକନେତା ସୌଭାଗ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଲୋକନାଟ୍ୟ ଗୁରୁ ତଥା ନିର୍ଦ୍ଦେଶକ ରବି ବିଶ୍ୱାଳ, ବଡ଼ତ୍ରିବିଡ଼ା ପଞ୍ଚାୟତ ସରପଞ୍ଚ ଶାନ୍ତନୁ ପ୍ରଧାନ, ଗ୍ରାମ ସଭାପତି ଛବିନ୍ଦ୍ର ବେହେରା, ଦିଗମ୍ବର ବେହେରା, ଆଶୋକ ବେହେରା, ଅର୍ଜୁନ ସାମଲ ଓ ଅଭିରାମ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଲୋକନାଟ୍ୟ କଳାକାର ପକ୍ଷରୁ ଗୁରୁ ରବି ବିଶ୍ୱାଳ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଗୁରୁପୁଜନ କରିବାସହ ଅନ୍ୟ ଅତିଥି ମାନଙ୍କୁ ସମ୍ମାନୀତ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା କଳାକାର ମାନଙ୍କୁ ସମ୍ମାନିତ କରାଯିବା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଲୋକନାଟ୍ୟ ମ୍ୟାନେଜର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ପ୍ରଶାନ୍ତ ବେହେରା ସଭା ପରିଚାଳନା ଓ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଲୋକନାଟ୍ୟର କଳାକାର ମାନଙ୍କ ଦ୍ୱାରା ଲୁହରୁ ଆରମ୍ଭ ଲୁହରେ ଶେଷ ନାଟକ ପରିବେଷଣ କରାଯାଇଥିଲା ।

(ଶ୍ରୀମଭଗବଦ୍ ଗୀତା ୪/୩୮)
–କର୍ମଯୋଗଃ–
(ଶ୍ରୀଭଗବାନୁବାଚ)

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାପତି ବିଦତି ।।୩୮।।

ଜ୍ଞାନ ପରି ପବିତ୍ର ଆଉ କିଛି ନାହିଁ (ତେବେ ସମସ୍ତେ କାହିଁକି ଆତ୍ମଜ୍ଞାନ ଅଭ୍ୟାସ କରୁନାହାନ୍ତି? ଏହାର ଉତ୍ତରରେ କହୁଛନ୍ତି– କର୍ମଯୋଗରେ ସିଦ୍ଧିପ୍ରାପ୍ତ ବ୍ୟକ୍ତି ଆତ୍ମବିଷୟକ ସେହି ଜ୍ଞାନ ଯଥା ସମୟରେ ନିଜେ ଅନାୟାସରେ ପ୍ରାପ୍ତ ହୁଅନ୍ତି ।।୩୮।।

ସମ୍ପାଦକୀୟ

ବୟସ୍କ ଜନସଂଖ୍ୟା ବୃଦ୍ଧି !

ଲାନସେଟ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଆସନ୍ତା ତିନି ଦଶନ୍ଧି ମଧ୍ୟରେ ଭାରତ ଏକ ବୟସ୍କଙ୍କ ସମାଜରେ ପରିଣତ ହେବ । ବୟସ୍କ ଲୋକ ଯେକୌଣସି ସମାଜ ପାଇଁ ଏକ ମୂଲ୍ୟବାନ ଉତ୍ସ । ସୁଯୋଗ ଏବଂ ଆହ୍ୱାନ ସହିତ ବାର୍ଦ୍ଧକ୍ୟ ଏକ ପ୍ରାକୃତିକ ଘଟଣା । ଜନଗଣନା ୨୦୧୧ ଅନୁଯାୟୀ, ଭାରତରେ ୧୦୪ ନିୟୁତ ବୟସ୍କ ବ୍ୟକ୍ତି (୬୦ ବର୍ଷ) ଥିଲେ , ଯାହା ସମୁଦାୟ ଜନସଂଖ୍ୟାର ୮.୬ ପ୍ରତିଶତ ଅଟେ । ନିକଟରେ ଲାନସେଟରେ ପ୍ରକାଶିତ ଏକ ରିପୋର୍ଟ ଦର୍ଶାଯାଇଛି ଯେ' ଭାରତର ଟିଏଫ୍‌ଆର୍ – ଜଣେ ମହିଳାଙ୍କ ଠାରୁ ଜନ୍ମ ହୋଇଥିବା ହାରାହାରି ଶିଶୁଙ୍କ ସଂଖ୍ୟା ୨୦୫୦ ରେ ୧.୨୯ କୁ ଖସିଯିବ । ୨୦୫୦ ମସିହା ସୁଦ୍ଧା, ଷାଠିଏ ବର୍ଷ ବୟସରୁ ଅଧିକ ବୟସର ଲୋକ ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ଥିବେ । ଲାନସେଟ୍ ପ୍ରଥମ ନୁହେଁ, ଗତ ବର୍ଷ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନପିଏଫ) 'ଇଣ୍ଡିଆ ଏଜିଂ ରିପୋର୍ଟ'ରେ ଦର୍ଶାଯାଇଛି ଯେ ଭାରତରେ ବୟସ୍କଙ୍କ ସଂଖ୍ୟା ୨୦୨୨ ମସିହାରେ ୧୪୯ ନିୟୁତରୁ ଶତାବ୍ଦୀର ମଧ୍ୟଭାଗରେ ୩୪୭ ମିଲିୟନକୁ ବୃଦ୍ଧି ପାଇବ । ଯଦିଓ ଏହି ଅବସ୍ଥା ଆସିବାକୁ ଆହୁରି କିଛି ଦଶନ୍ଧି ଲାଗିବ, କିନ୍ତୁ ଏହିପାଇଁ ଆଗୁଆ ପ୍ରସ୍ତୁତି କରିବା ଦେଶ ପକ୍ଷେ ମଙ୍ଗଳଦାୟକ ହେବ । ଲାନସେଟ୍ ରିପୋର୍ଟ ହେଉଛି ଏକ ବାର୍ତ୍ତା ଯେ ଭାରତର ଜନସଂଖ୍ୟାର ବିଭିନ୍ନ ଅଂଶ (ବୟସ ଅନୁସାରେ) ଚିରସ୍ଥାୟୀ ନୁହେଁ । ଦେଶର ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ବିଶ୍ୱସ୍ତରୀୟ ଅଭିଜ୍ଞତା ଉଦାହରଣ ହୋଇପାରେ । ଉଦାହରଣ ସ୍ୱରୂପ, ଚାଇନାରେ ୧୯୮୭ରେ କାର୍ଯ୍ୟ ବୟସ ଜନସଂଖ୍ୟାର ଅନୁପାତ ୫୦ ପ୍ରତିଶତ ଅତିକ୍ରମ କରି ଗତ ଦଶନ୍ଧିର ମଧ୍ୟଭାଗରେ ଶୀର୍ଷରେ ପହଞ୍ଚିଥିଲା । ଏହା ମଧ୍ୟ ସେହି ସମୟ ଥିଲା ଯେତେବେଳେ ଦେଶ ପ୍ରଭାବଶାଳୀ ଅର୍ଥନୈତିକ ଅଭିବୃଦ୍ଧି ପଞ୍ଜିକୃତ କରିଥିଲା । ଗତ ବର୍ଷ ସୁଦ୍ଧା ଚାଇନାର ଟିଏଫ୍‌ଆର୍ ଏକ ରେକର୍ଡ ତଳକୁ ଖସି ଆସିଛି ଏବଂ ଏହାର କାର୍ଯ୍ୟ ବୟସ ଜନସଂଖ୍ୟା ୪୦ ନିୟୁତରୁ ଅଧିକ ସଂକୁଚିତ ହେଇଥିଲା ଯାହା ଚୀନର କଳକାରଖାନା ପାଇଁ ଅସୁବିଧା ସୃଷ୍ଟି କରିପାରେ ଏବଂ ମାନବ ସମ୍ବଳର ଅଭାବ ଦେଖା ଦେଇପାରେ । ଅବଶ୍ୟ ଚୀନ ଜନସଂଖ୍ୟା ଅଭିବୃଦ୍ଧି ପାଇଁ ସରକାର ଚେଷ୍ଟା କରିଚାଲିଛନ୍ତି । ଅଧିକ ଜନ୍ମକୁ ଉତ୍ସାହିତ କରିବା ପାଇଁ, ସ୍ଥାନୀୟ ସରକାର ୨୦୨୧ ପରଠାରୁ ଟିକସ ରିହାତି, ଅଧିକ ମାତୃତ୍ୱ ଛୁଟି ଏବଂ ଘର ପାଇଁ ସବ୍‌ସିଡି ପରି କେତେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ସରକାରଙ୍କ ଜନସଂଖ୍ୟା–ଅଭିବୃଦ୍ଧି ପଦକ୍ଷେପ କାର୍ଯ୍ୟ କରୁନଥିବା ପରି ମନେ ହେଉଛି । ବାସ୍ତବରେ, ବିକଶିତ ରାଷ୍ଟ୍ରଗୁଡିକର ଗତ ୬୦ ବର୍ଷର ଇତିହାସ ଅନୁସାରେ, ଥରେ ପ୍ରଜନନ ହାର ବଦଳ ହାରଠାରୁ କମ୍ ହୋଇଗଲେ, ପୂର୍ବବସ୍ଥାକୁ ଫେରାଇବା ପ୍ରାୟ ଅସମ୍ଭବ ହେଇଯାଏ । ଭାରତର ଟିଏଫ୍‌ଆର୍ ବର୍ତ୍ତମାନ ୧.୯ ଯାହା ବଦଳ ହାରଠାରୁ କମ୍ ଅଛି ଏବଂ ୟୁଏନ୍‌ପିଏଫ୍ ଗଣନା ଅନୁଯାୟୀ ୨୦୩୦ ଦଶକ ଶେଷଭାଗରେ ଏବଂ ୨୦୪୦ ଦଶକ ପ୍ରଥମଭାଗରେ ଦେଶର କାର୍ଯ୍ୟ ବୟସ ଜନସଂଖ୍ୟାର ଅଂଶ ଶୀର୍ଷରେ ପହଞ୍ଚିବ । ନୀତି ନିର୍ମାତାମାନେ ନିଶ୍ଚିତ ଭାବରେ ଏହି ସମୟର ସଦୁପଯୋଗ କରି ଭାରତର ଜନସଂଖ୍ୟାଗତ ଡିଭିଡେଣ୍ଡକୁ ବଢାଇବା ଦରକାର ଯାହା ଚୀନ୍ ୧୯୮୦ ଦଶକର ଶେଷ ଭାଗରୁ ଗତ ଦଶନ୍ଧିର ପ୍ରାରମ୍ଭ ବର୍ଷ ପର୍ଯ୍ୟନ୍ତ କରିଚାଲିଥିଲା । ଭାରତ ମଧ୍ୟ ବର୍ତ୍ତମାନ ଠାରୁ ଏ ସଂକ୍ରାନ୍ତରେ ଚିନ୍ତାକରିବା ଦରକାର ଏବଂ ସମୟ ନଷ୍ଟ ନ କରିବା ଆବଶ୍ୟକ । କୃଷି ବ୍ୟତୀତ ଅନ୍ୟ କ୍ଷେତ୍ରରେ ରୋଜଗାର ପାଇଁ ମାଧ୍ୟମ ସୃଷ୍ଟି କରିବା ମଧ୍ୟ ଆହ୍ୱାନ ହେବ । ଆଗକୁ ବଢିବାକୁ ଥିବା ବୟସ୍କଙ୍କ ଜନସଂଖ୍ୟା ପାଇଁ ନୀତି ନିର୍ଣ୍ଣୟକାରୀମାନେ ପର୍ଯ୍ୟାପ୍ତ ସାମାଜିକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପଡିବ ଏବଂ ସେମାନଙ୍କ ଦକ୍ଷତାକୁ ଫଳପ୍ରଦ ଭାବରେ ବ୍ୟବହାର କରିବାର ସୁଯୋଗ ସୃଷ୍ଟି କରିବାକୁ ପଡିବ । ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଟିଏଫ୍‌ଆର୍ ହାର ଦେଶର ଯୋଜନାକାରୀଙ୍କ ସାମ୍ନାରେ ଅନେକ ଆହ୍ୱାନ ସୃଷ୍ଟି କରିପାରେ– ବାସ୍ତବରେ ଦକ୍ଷିଣ ଭାରତ ଏବଂ ପଶ୍ଚିମ ଭାରତର କିଛି ଅଂଶ ଦେଶର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଅଧିକ ପ୍ରଭାବିତ ହେଉଛି । ନୀତି ନିର୍ଣ୍ଣୟକାରୀମାନେ ସେହି ଅନୁସାରେ କାର୍ଯ୍ୟପନ୍ଥା ଏବେଠାରୁ ସ୍ଥିର କରିବାକୁ ପଡିବ ।

ପ୍ରାର୍ଥୀ ଚୟନ ଚାଲିଛି ...!

ଲୋକସଭା ଓ କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ନେଇ ରାଜନୈତିକ ଦଳଗୁଡିକ ଆରମ୍ଭ କରିଥିବା ପ୍ରସ୍ତୁତି ବର୍ତ୍ତମାନ ପ୍ରାୟ ଶେଷ ପର୍ଯ୍ୟାୟରେ । ଟିକେଟ ବଣ୍ଟନ ବା ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚାଲିଛି ଯାହା ସବୁ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । କାରଣ ହେଲା, ପ୍ରତ୍ୟେକ ଅଞ୍ଚଳରେ ବିଗତ ବର୍ଷମାନଙ୍କରେ ଅନେକ ନୂଆ ନେତା ତିଆରି ହେଇଛନ୍ତି ଏବଂ ଅଶାୟୀଙ୍କ ସଂଖ୍ୟା ଆଶାତୀତ ଭାବରେ ବଢିଯାଇଛି । ଏହା ଗୋଟିଏ ଚିରାଚରିତ ପ୍ରକ୍ରିୟା । ପ୍ରତ୍ୟେକ ନିର୍ବାଚନରେ ନୂଆ ନେତାଙ୍କ ଆର୍ବିଭାବ ହୁଏ ଯାହା ଦଳକୁ ପ୍ରାର୍ଥୀ ଚୟନ ସମୟରେ ଅସୁବିଧାରେ ପକାଏ । ଗୋଟିଏ ନେତାଙ୍କ ଅଧୀନରେ ବା ଗୋଟିଏ ଦଳର କର୍ମୀ ଭାବରେ, ଦଳରେ ବା ନେତାଙ୍କ ଅଧୀନରେ କାର୍ଯ୍ୟ କରିବା ପରେ, ଅଭିଜ୍ଞତା ହାସଲ କରି କେତେକ କର୍ମୀ ବା ନେତା ନିଜକୁ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ କରି ସାରିଥାଆନ୍ତି । ଅନେକ ସମୟରେ ଦଳର ପ୍ରତିଶ୍ରୁତି ମଧ୍ୟ ଥାଏ । ପ୍ରତ୍ୟେକ ମଣିଷ ଚାହେଁ, ଆଗକୁ ବଢିବା । ନିଜର ପେଶାରେ ଉନ୍ନତି ଆଣିବା ଏବଂ ସମାଜରେ ନିଜକୁ ପ୍ରତିଷ୍ଠା କରିବା । ସେହି ଧାରା ମଧ୍ୟ ରାଜନୀତି ପାଇଁ ସମାନ । ଅନେକ ରାଜନୀତି ପାଇଁ ନିଜକୁ ବର୍ଷ ବର୍ଷ ଧରି ପ୍ରସ୍ତୁତ କରିଥାନ୍ତି ଯେଉଁଥିପାଇଁ ହୁଏତ ସେମାନଙ୍କୁ ଅନେକ ଶ୍ରମ, ସମୟ ଏବଂ ଅର୍ଥ ସାରିବାକୁ ପଡିଥାଏ ଏବଂ ଟିକେଟ ନ ପାଇଲେ ବା ପ୍ରାର୍ଥୀ ଚୟନରେ ସେମାନଙ୍କୁ ସୁଯୋଗ ନ ମିଳିଲେ ସେମାନେ ଖୁବ୍ ନିରାଶ ହେଇଥାନ୍ତି । କାରଣ ଥରେ ନିର୍ବାଚନ ସରିଲେ ସାଧାରଣତଃ ଆଉ ପାଞ୍ଚ ବର୍ଷକୁ ଅପେକ୍ଷା । ତା' ଭିତରେ, ପ୍ରତିଯୋଗୀଙ୍କ ସଂଖ୍ୟା ହୁଏତ ଆହୁରି ବଢ଼ିଯାଇଥିବ ବା ରାଜନୈତିକ ପରିସ୍ଥିତିରେ ଅନେକଟା ପରିବର୍ତ୍ତନ ଆସିଥିବ । ଆଜି ଯେଉଁ ଦଳ ନିର୍ବାଚନରେ ଜିତିବା ନେଇ ସବୁଠାରୁ ଆଗରେ ଅଛି କାଲି ହୁଏତ ପଛକୁ ଚାଲିଯାଇଥିବ । ତେଣୁ ଏହା ଏମିତି ଏକ ପେଶା (ବର୍ତ୍ତମାନ ସମୟରେ) ଯାହାର ଆଦିଅନ୍ତ ନାହିଁ । ତେଣୁ ରାଜନୀତିରେ କାର୍ଯ୍ୟ କରୁଥିବା ବ୍ୟକ୍ତି 'ଆଜି' ଉପରେ ହିଁ ଅଧିକ ଭରସା କରୁଥିବାର ଦେଖାଯାଏ । ତେଣୁ କଳେବଳେ କୌଶଳେ ଟିକେଟ ଖଣ୍ଡିଏ ହାତେଇବା ପାଇଁ ସବୁ ପ୍ରକାର ପ୍ରୟାସ କରିଥାନ୍ତି ରାଜନୀତିରେ ଲିପ୍ତ ଥିବା ବ୍ୟକ୍ତି । ସେ ପୁଣି କ୍ଷମତାରେ ଥିବା ଦଳରୁ ବା କ୍ଷମତାରେ ଆସିବା ନେଇ ସମ୍ଭାବନା ଥିବା ଦଳରୁ ଟିକେଟ ପାଇବା ପାଇଁ ଅନେକ ଆଶା କରିଥାନ୍ତି । ୨୦୨୪ ଲୋକସଭା ନିର୍ବାଚନ ଏବଂ ଆମ ରାଜ୍ୟ ବିଧାନସଭା ନିର୍ବାଚନ ଦୃଶ୍ୟପଟ କିଛିଟା ଅଲଗା । କେନ୍ଦ୍ରରେ ବିଜେପି ସରକାର ୧୦ ବର୍ଷ ରାଜୁତି କରିସାରିଥିବାବେଳେ ରାଜ୍ୟରେ ବିଜେପି ୨୪ ବର୍ଷ ରାଜୁତି କରିସାରିଛି । ଏତେ ଲମ୍ବା ସମୟର ଶାସନ ମଧ୍ୟରେ, ସବୁ ଆସନ ପାଇଁ (ଲୋକସଭା ଆସନ ହେଉ ବା ବିଧାନସଭା ଆସନ ହେଉ) ଏକାଧିକ ଆଶାୟୀ ସୃଷ୍ଟି ହେଇସାରିଛନ୍ତି । ରାଜନୈତିକ ଦଳ ପାଇଁ ଏହା ସବୁଠାରୁ ବଡ ପରୀକ୍ଷାର ସମୟ । ପ୍ରାର୍ଥିଚୟନରେ ଅଙ୍କ ଭୁଲଭାଲ ହେଇଗଲେ ସବୁ କିଛି ଓଲଟପାଲଟ ହେଇଯିବ । ପ୍ରାର୍ଥୀ ଚୟନ ପାଇଁ ଅଧିକାଂଶ ରାଜନୈତିକ ଦଳ ବିଭିନ୍ନ ରଣନୀତି ଆପଣାଇଥାନ୍ତି । ପ୍ରାର୍ଥୀ ଚୟନ ପାଇଁ ସର୍ଭେ କରିବାଠାରୁ ଆରମ୍ଭକରି ନିର୍ବାଚନମଣ୍ଡଳୀର କେତେକ ପରିସଂଖ୍ୟାନ ଯଥା ଜାତି, ଗୋଷ୍ଠୀ, ମହିଳା, ପୁରୁଷଙ୍କ ସଂଖ୍ୟା ଉପରେ ରାଜନୈତିକ ଦଳଗୁଡିକ ଗୁରୁତ୍ୱ ଦେଇଥାନ୍ତି । ଏସବୁ ଦୃଷ୍ଟିରୁ ଚିନ୍ତାକରି ପ୍ରାର୍ଥୀ ଚୟନ କଲାପରେ ମଧ୍ୟ ଯିଏ ଟିକେଟ ନ ପାଇଲେ, ସେମାନେ ବିଦ୍ରୋହ କରିବେ, ସ୍ୱାଧୀନ ଭାବରେ ଛିଡା ହେଇ ନିଜ ଦଳର ପ୍ରାର୍ଥୀଙ୍କୁ ହରାଇବାକୁ ଚେଷ୍ଟା କରିବେ ବା ଅନ୍ୟ ଦଳରେ ଯୋଗଦେଇ ନିଜ ଦଳର ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ ବା ନିର୍ବାଚନରେ ଦଳର ପ୍ରାର୍ଥୀଙ୍କୁ ସହଯୋଗ କରିବେ ନାହିଁ, ଏମିତି ଅନେକ କିଛି ସମ୍ଭାବନା ଥାଏ । ତେଣୁ ପ୍ରାର୍ଥୀ ଚୟନ ସବୁଠାରୁ କଷ୍ଟସାଧ୍ୟ କାର୍ଯ୍ୟ ଏବଂ ୨୦୨୪ ନିର୍ବାଚନରେ ଏହା ଜାତୀୟ ସ୍ତରରେ ହେଉ ବା ରାଜ୍ୟ ସ୍ତରରେ ହେଉ, ପ୍ରାର୍ଥୀ ଚୟନ ଅନେକ ଦ୍ୱନ୍ଦ ଓ ବିବାଦ ସୃଷ୍ଟି କରିଚାଲିଛି । ଏହାର ପ୍ରଭାବରେ ପ୍ରତ୍ୟେକ ଦିନ ଦଳବଦଳ ଚାଲିଛି ଏବଂ ସମସ୍ୟା ବଢିଚାଲିଛି । ଦଳବଦଳ ଦରକାର ହୁଏ ଯେତେବେଳେ ଗୋଟିଏ ଦଳ ନିଜେ ଏହାର ନୀତି ଓ ଆଦର୍ଶରୁ ଦୂରେଇଯାଏ ବା ନେତାଟିଏ ଦଳରେ ନିଜର ଭବିଷ୍ୟତକୁ ନେଇ ଅନ୍ଧାରରେ ରୁହେ ବା କୌଣସି ସମସ୍ୟା, ଘଟଣା ବା ଇସ୍ୟୁ ଉପରେ ଦଳର ଆଭିମୁଖ୍ୟ ସହ ବ୍ୟକ୍ତି ବା ନେତା ଏକମତ ହୋଇପାରେ ନାହିଁ । କିନ୍ତୁ ଆଜିର ସମୟରେ, ଏସବୁ ପଛରେ ଏବଂ ସ୍ୱାର୍ଥ ଆଗରେ । ବର୍ଷ ପରେ ବର୍ଷ ଆମେ ଅନୁଭବ କରୁଛେ ଯେ' ରାଜନୀତି କିପରି ନୀତି ଓ ଆଦର୍ଶରୁ ଦୂରେଇ ଯାଉଛି ଏବଂ ରାଜନୈତିକ ଦଳ ମଧ୍ୟରେ ଥିବା ବନ୍ଧନ ଦୁର୍ବଳ ହେବାରେ ଲାଗିଛି ଯାହାଦ୍ୱାରା ଦଳ ଅପେକ୍ଷା ବ୍ୟକ୍ତିର ଗୁରୁତ୍ୱ ବଢୁଛି । ଅନ୍ୟପକ୍ଷରେ ଭୋଟଦାତାଙ୍କ ମଧ୍ୟରେ ଦଳ ଓ ନେତାଙ୍କ ପାଇଁ ଥିବା ସମ୍ମାନ କ୍ରମଶଃ ହ୍ରାସ ହେବାରେ ଲାଗିଛି । ଏହା ନିଶ୍ଚୟ ଯେ ବର୍ତ୍ତମାନର ରାଜନୀତି ଏହାର ମୂଳମନ୍ତ୍ର ଓ ମୂଲ୍ୟବୋଧ ଠାରୁ ଦୂରେଇ ଯିବାରେ ଲାଗିଛି ।

ଗରିମାମୟ ଉତ୍କଳ

ବୈଷ୍ଣବ ଚରଣ ଦାଶ

ବିଭିନ୍ନ ମୂର୍ତ୍ତୀ, ଲତା, ବୃକ୍ଷ, ନାଗ, ଅପସରା, ଗନ୍ଧର୍ବ, କିନ୍ନର ଆଦି ମୂର୍ତ୍ତିଗୁଡିକୁ ପଥର ଦେହରେ ଏଭଳି ସ୍ଥାପନ କରାଯାଇଛି ତାହା ଦର୍ଶକର ମନରେ ପ୍ରାଣରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି । କଳା କାରିଗରୀ କ୍ଷେତ୍ରରେ ଓଡିଶାର ସୁନାମ ସାରା ବିଶ୍ୱରେ ରହି ଆସିଛି । ଉତ୍କଳର ସଂସ୍କୃତି ଓ ପରମ୍ପରା ବେଶ୍ ସମୃଦ୍ଧ । ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠି ସମସ୍ତେ ମିଳିମିଶି ପର୍ବ ପର୍ବାଣୀ ପାଳନ କରିଥାନ୍ତି । ଏଠାରେ ଶୈବ, ଶାକ୍ତ, ବୈଷ୍ଣବ, ସୌର, ଶିଖ୍, ମୁସଲମାନ ମାନଙ୍କ ନିର୍ଦ୍ୱନ୍ଦ ସମାବେଶ ଦେଖିବାକୁ ମିଳେ ।

ଓ କୃଷ୍ଣ କଳାର ଦେଶ ଉତ୍କଳ । ମହାଭାରତ ଯୁଗରୁ ଏହି ଭୂଖଣ୍ଡର ଗୁରୁତ୍ୱ ରହି ଆସିଛି । ପୂର୍ବରୁ ଏହି ରାଜ୍ୟ କଳିଙ୍ଗ ନାମରେ ବିଖ୍ୟାତ ଥିଲା । ଏହା ଏକ କୃଷି ପ୍ରଧାନ ରାଜ୍ୟ । ଏହି ରାଜ୍ୟର ମୂଳ ଭାଷା ଥିଲା ଉଡ୍ର । ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରରେ ଉଡ୍ର ଭାଷାର ସୂଚନା ମିଳେ । ଏହି ଭୂମିର ବୀର ପୁତ୍ରମାନେ ସାହସୀ ଥିଲେ । ଏମାନଙ୍କ ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ଓ ସାହସ ତଥା ମାତୃଭୂମି ପ୍ରତି ମମତା ପ୍ରଗାଢ଼ ଥିଲା । ଏହି ଗୁଣଗୁଡିକ ମଗଧ ସମ୍ରାଟଙ୍କ ମନରେ ଏକ ବିରାଟ ପରିବର୍ତ୍ତନ ଜନ୍ମେଇ ପାରିଥିଲା, ଯାହା ତାଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରିତ କରି ପାରିଥିଲା । ଇତିହାସରୁ ଜଣାପଡ଼େ କଳିଙ୍ଗର ସମ୍ରାଟ ମହାମେଘ ବାହନ ଐର ଖାରବେଳ ମଗଧକୁ ପରାଜିତ କରି ସେଠାରୁ ଜୈନଙ୍କ ଆସନ ଆଣି ଭୁବନେଶ୍ୱର ସ୍ଥିତ ଉଦୟଗିରିରେ ସ୍ଥାପନ କରିଥିଲେ ।

ଖଣ୍ଡଗିରିର ହାତୀଗୁମ୍ଫା ଓ ରାଣୀଗୁମ୍ଫାରେ ଥିବା ଶିଳାଲେଖଗୁଡିକରୁ ଖାରବେଳଙ୍କ ବିଜୟ ଗାଥା ଦେଖିବାକୁ ମିଳେ । ସେତେବେଳେକୁ ବୌଦ୍ଧ ଓ ଜୈନ ଧର୍ମର ପ୍ରଭାବ ବହୁଳ ମାତ୍ରାରେ ଥିଲା ପରେ ସନାତନ ଧର୍ମ ଅଭ୍ୟୁଦୟ ଓ ଶଙ୍କରାଚାର୍ଯ୍ୟଙ୍କ ଆଗମନ ଫଳରେ ଓଡ଼ିଶାରେ ଅନେକ ମନ୍ଦିର ତୋଳି ଉଠିଲା । ଏହି ମନ୍ଦିରମାନଙ୍କ ମଧ୍ୟରେ ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଯାଜପୁରର ବିରଜା, ଖିଂଚିର କୀଚକେଶ୍ୱରୀ ମନ୍ଦିର ପ୍ରଭୃତି ଅନ୍ୟତମ । ଏ ସମସ୍ତ ମନ୍ଦିରଗୁଡ଼ିକରେ ଉତ୍କଳୀୟ କଳା ଓ ଭାସ୍କର୍ଯ୍ୟ ଫୁଟି ଉଠିଥିଲାବେଳେ କୋଣାର୍କ ମନ୍ଦିରରେ ସର୍ବୋତ୍କୃଷ୍ଟ ସ୍ଥାପତ୍ୟର ନିଦର୍ଶନ ଦୃଷ୍ଟିଗୋଚର ହୁଏ । ବିଭିନ୍ନ ମୂର୍ତ୍ତୀ, ଲତା, ବୃକ୍ଷ, ନାଗ, ଅପସରା, ଗନ୍ଧର୍ବ, କିନ୍ନର ଆଦି ମୂର୍ତ୍ତିଗୁଡିକୁ ପଥର ଦେହରେ ଏଭଳି ସ୍ଥାପନ କରାଯାଇଛି, ତାହା ଦର୍ଶକର ମନରେ ପ୍ରାଣରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଛି । କଳା କାରିଗରୀ କ୍ଷେତ୍ରରେ ଓଡିଶାର ସୁନାମ ସାରା ବିଶ୍ୱରେ ରହି ଆସିଛି । ଉତ୍କଳର ସଂସ୍କୃତି ଓ ପରମ୍ପରା ବେଶ୍ ସମୃଦ୍ଧ । ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠି ସମସ୍ତେ ମିଳିମିଶି ପର୍ବ ପର୍ବାଣୀ ପାଳନ କରିଥାନ୍ତି । ଏଠାରେ ଶୈବ, ଶାକ୍ତ, ବୈଷ୍ଣବ, ସୌର, ଶିଖ୍, ମୁସଲମାନ ମାନଙ୍କ ନିର୍ଦ୍ୱନ୍ଦ ସମାବେଶ ଦେଖିବାକୁ ମିଳେ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ଏକତ୍ର ସେବନ କରିବା ଦୃଶ୍ୟ ବାସ୍ତବରେ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । ଉତ୍କଳରେ ଅନେକ ତୀର୍ଥକ୍ଷେତ୍ର ବିଦ୍ୟମାନ । ଶଙ୍ଖ, ଚକ୍ର, ଗଦା, ପଦ୍ମ, ତୁଳସୀ, ଆଦି କ୍ଷେତ୍ର ସଂଯୁକ୍ତ ଉତ୍କଳରେ ଦଶାଶ୍ୱମେଧ ଘାଟ, ତୀର୍ଥରାଜ ମହୋଦଧି ପ୍ରକଟିତ । ଓଡିଶା ଏକ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅଞ୍ଚଳ । ତାରି ଦେହରେ ଅନେକ ନଦ – ନଦୀ–ଝରଣା– ପାହାଡ଼, ପର୍ବତ ଆଦି ବିଦ୍ୟମାନ । ଏହି ପ୍ରାକୃତିକ ପରିବେଶ ସଂଯୁକ୍ତ ଶ୍ୟାମଳ ବନାନୀରେ ଆଚ୍ଛାଦିତ ଭୂଖଣ୍ଡ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । କେବଳ ସେତିକି ନୁହେଁ ଏହି ବୀର ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି । ଏହି ସୁପୁତ୍ରମାନେ ଓଡିଶାର ନାମକୁ ସମୃଦ୍ଧ କରିଅଛନ୍ତି । ସାହିତ୍ୟ ଦର୍ପଣର ପ୍ରଣେତା ବିଶ୍ୱନାଥ କବିରାଜ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବି ସୂର୍ଯ୍ୟ ବଳଦେବ, ବ୍ୟାସ କବି ଫକୀରମୋହନ, କବିବର ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଭୃତି ମହାପୁରୁଷମାନଙ୍କୁ ଏ ମାଟି ଜନ୍ମ ଦେଇ ଆଜି ଗର୍ବିତ । ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ, ପାରଳା ରାଜା, ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳ ହେବ, ଖଲ୍ଲିକୋଟର ରାଜ ହରିହର ମର୍ଦ୍ଦରାଜ ପ୍ରମୁଖ ବୀରମାନେ ବିଟ୍ରିଶ କବଳରୁ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ଅନେକ ଯୋଗଦାନ ଦେଇ ଆସିଛନ୍ତି । ଆଦିବାସୀ ପ୍ରବଣ ରାଜ୍ୟ ଓଡ଼ିଶାର ବିର୍ସାମୁଣ୍ଡା, ଲକ୍ଷ୍ମଣ ନାୟକ, ବାଜି ରାଉତ, ଚକରା ବିଷୋୟୀ ପ୍ରମୁଖ କର୍ଣ୍ଣଧାରମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ଓଡ଼ିଶାର ଚିରସ୍ମରଣୀୟ ହୋଇ ପାରିଛନ୍ତି । ସାହିତ୍ୟ, ସଙ୍ଗୀତ, ନାଟକ, କଳାଦି କ୍ଷେତ୍ରରେ ଓଡ଼ିଶା ସର୍ବଜନ ପରିଚିତ । ଏହାର ଓଡ଼ିଶୀ ସଙ୍ଗୀତ ଓ ନାଟକର ଶାସ୍ତ୍ରୀୟ ଝଙ୍କାର ଓଡିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି ।

ଏତଦ୍ ଭିନ୍ନ ସମ୍ବଲପୁରୀ ଗୀତ ଓ ନୃତ୍ୟ, ବୈଷ୍ଣବ ପାଣିଙ୍କ ପୁରୀ, କୋଣାର୍କ ଗୀତିନାଟ୍ୟ ମୟୂରଭଞ୍ଜର ଛଉ, କଳାହାଣ୍ଡିର ଘୁମୁରା ଆଦି ନୃତ୍ୟର ଏକ ସ୍ୱତନ୍ତ୍ର ଚାହିଦା ରହିଛି । କାରିଗରୀ କୌଶଳ କ୍ଷେତ୍ରରେ ମଧ୍ୟ ଓଡିଶା ସ୍ୱତନ୍ତ୍ର । ଓଡିଶାର ପଟ୍ଟଚିତ୍ର, ସମ୍ବଲପୁର ବସ୍ତ୍ର, ବ୍ରହ୍ମପୁର ପାଟ, କଟକର ତାରକସି କାମ, ବେଲଗୁଣ୍ଠାର ପିତ୍ତଳ ମାଛ, କଣ୍ଟିଲୋର କଂସା ବାସନ ଆଦି ମଧ୍ୟ ଓଡିଶାର ଗୌରବକୁ ବଜାଇ ରଖିପାରିଛି । ପ୍ରକୃତରେ ଦେଖିବାକୁ ଗଲେ କଳା, କାରିଗରୀ, ସଙ୍ଗୀତ, ନାଟକ, ସଂସ୍କୃତି ପରମ୍ପରାର ସମୃଦ୍ଧକରଣ ସହ ଆତ୍ମ ପରିଚୟ ସୃଷ୍ଟି କରିବାରେ ଓଡିଶାର ସ୍ଥାନ ସମ୍ମୁଖରୁ ଆଗରେ । ତେଣୁ କପିଳ ସଂହିତାରେ କୁହାଯାଇଛି––

'' ପୃଥିବ୍ୟାଂ ଭାରତଂ ଶ୍ରେଷ୍ଠଂ ଭାରତେ
ଉତ୍କଳଃ ସ୍ମୃତଃ, ଉତ୍କଳସ୍ୟ ସମୋ ଦେଶଃ
କ୍ୱଚିନାସ୍ତି ମହୀତଳେ ।''

ବୀର ଧନଞ୍ଜୟ ପୁର, ବୁଗୁଡ଼ା, ଗଞ୍ଜାମ
ମୋ–୯୭୭୬୫୩୪୯୩୦

ଲାଲମାଟିର ଗଡ଼ ଖୋର୍ଦ୍ଧା

ବିଶ୍ୱବିଜୟୀ ଦାଶ

୧୯୯୩ ମସିହା ଅପ୍ରେଲ ପହିଲା ଦିନ ଖୋର୍ଦ୍ଧା ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା । ୧ ଅପ୍ରେଲ ୧୯୯୩ ପୂର୍ବରୁ ଏହା ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା । ଖୋର୍ଦ୍ଧା ଜିଲ୍ଲା ଏକ ପର୍ଯ୍ୟଟନ କ୍ଷେତ୍ର, ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଏହି ଜିଲ୍ଲା ।

ଇତିହାସର ସ୍ମୃତିକୁ ଜାବୁଡ଼ି ଧରିଥିବା ବୀର ଲାଲ ମାଟି ଖୋର୍ଦ୍ଧା, ଯାହାର ମାଟିକୁ ଚିପୁଡିଲେ ରକ୍ତ ବାହାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ୧୮୧୭ରେ ଏହି ମାଟିରୁ ସଙ୍ଗଠିତ ହୋଇଥିଲା । ପୁଣି ଏହି ମାଟିର ଇତିହାସ ଗାଏ ବୀରତ୍ୱର ଗାଥା । କହେ ସଂହତି ଓ ସଂଘର୍ଷର କଥା । ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଆରମ୍ଭ ହୋଇଥିବା ସଂଗ୍ରାମର ମୂକସାକ୍ଷୀ ହୋଇ ରହିଛି ଅନେକ ସ୍ଥାନ । ଏଠାରେ କ୍ଷରିଛି ସଂଗ୍ରାମୀଙ୍କ ରକ୍ତ । ସେହି ରକ୍ତ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିଛି ଭାରତକୁ ସେପରି କିଛି ବୀରପୁରୁଷଙ୍କ ପାଇଁ ଖୋର୍ଦ୍ଧାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ବର୍ଷତମାମ ପାଳନ କରିବା ପାଇଁ ସୁଯୋଗ ମିଳିଛି । ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ ଭାବେ ପରିଚିତ ଏ ମାଟି ଶସ୍ୟଶ୍ୟାମଳା । ସମୃଦ୍ଧ ପବିତ୍ର ମାଟିର ପ୍ରତିଭା, ପାଇକପଟଳ, ସାହିତ୍ୟ, ସଂସ୍କୃତି, ସଂହତି, ଐତିହ୍ୟ, କଳାକାର, ସମରକଳା, ସ୍ଥପତି ଓ ସ୍ଥାପତ୍ୟ ସମଗ୍ର ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଛନ୍ତି । ନୈସର୍ଗିକ ଶୋଭା ପସରା ବେଷ୍ଟିତ ବରୁଣେଇ ପାହାଡ଼ ପାଦଦେଶରେ ଦୁର୍ଭେଦ୍ୟ ଖୋର୍ଦ୍ଧା ଗଡ଼ ନିର୍ମାଣ କରି ତତ୍କାଳୀନ ଖୋର୍ଦ୍ଧା ରାଜା ଗଜପତି ରାମଚନ୍ଦ୍ର ଦେବଙ୍କ ଅକ୍ଷୟ କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଇତିହାସ ପୃଷ୍ଠା ମଣ୍ଡନ କରିଛି । ଦୁର୍ଦ୍ଧର୍ଷ ଯବନ କଳାପାହାଡର ଆକ୍ରମଣ ଯୋଗୁ ଓଡ଼ିଶାର ନୀଳ ଆକାଶରେ ଯେତେବେଳେ ଆତଙ୍କର କଳାବାଦଲ ଘୋଟି ଯାଇଥିଲା ସେତେବେଳେ ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ପ୍ରଧାନସେବକ ଗଜପତି ଓ ପୂଜକମାନେ ନେଇ ଆଶ୍ରୟ ଦେଇଥିଲେ ଘଞ୍ଚ ଅରଣ୍ୟ ପରିବେଷ୍ଟିତ ବରୁଣେଇ ପାହାଡ ପାଦଦେଶସ୍ଥ ଖୋର୍ଦ୍ଧା ଗଡ଼ରେ । ଶ୍ରୀମନ୍ଦିରରୁ ଦାରୁ ଦେବତାଙ୍କୁ ଅପସାରିତ କରିବା ଅବସରରେ ଶ୍ରୀବିଷ୍ଣୁ ଭକ୍ତ ତଥା ମୃଦଙ୍ଗବାଦକ ବିଶର ମହାନ୍ତି ମୃଦଙ୍ଗ ଗର୍ଭରେ ଶ୍ରୀଜୀଉମାନଙ୍କ ବ୍ରହ୍ମ ନେଇ ରଖିଥିଲେ କୁଜଙ୍ଗ ଜମିଦାରଙ୍କ ଓଳିଆ ଉପରେ । ଖୋର୍ଦ୍ଧାର ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗରୁ ବ୍ରହ୍ମଙ୍କୁ ଅଣାଇ ଖୋର୍ଦ୍ଧାଗଡରେ ବନଯାଗ ପୂର୍ବକ ମୂର୍ତ୍ତି ନିର୍ମାଣ କରାଇ ୧୫୭୫ରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ରତ୍ନ ସିଂହାସନରେ ବିଜେ କରାଇବା ଗୌରବର କଥା । ଜାଗୁଳେଇପାଟଣାରେ ବିଜେ ହାତଗୋଡ ଥିବା ଅନନ୍ତ ପୁରୁଷୋତ୍ତମ ଦେବ ଜଗନ୍ନାଥ) ଗଜପତି ଦିବ୍ୟସିଂହଦେବ ତୃତୀୟଙ୍କୁ ଚତୁର୍ଦ୍ଧାମୂର୍ତ୍ତି ରୂପେ ଦର୍ଶନ ଦେଇଥିବାରୁ ଏଠାକାର ଦାରୁମୂର୍ତ୍ତି ପୂର୍ଣ୍ଣାବୟବରେ ପୂଜିତ । ବ୍ରହ୍ମାଣ୍ଡ ଠାକୁର କାଳିଆ ସାଆନ୍ତଙ୍କ ନବକଳେବର ପାଇଁ ଉଦ୍ଦିଷ୍ଟ ଦେବଲାଗି ଦାରୁ ଖୋର୍ଦ୍ଧା ନିକଟ ଚମ୍ପାଝର ଓ ଦମା ଗାଡିଆ ପରି ପବିତ୍ର ମୃତ୍ତିକାରେ ବର୍ଦ୍ଧିତ ହୋଇ ଶ୍ରୀଜୀଉଙ୍କ ମୂର୍ତ୍ତି ଗଠନରେ ବ୍ୟବହୃତ ହେବା ଅତୀବ ଗୌରବର ବିଷୟ । ଶ୍ରୀକ୍ଷେତ୍ର ସହିତ ଖୋର୍ଦ୍ଧାର ସମ୍ପର୍କ ବହୁ ପୁରାତନ ଓ ନିବିଡ ।

ଖୋର୍ଦ୍ଧା କହିଲେ ଅତୀତରେ ଖୋର୍ଦ୍ଧା ରାଜ୍ୟକୁ ବୁଝାଉଥିଲା, ଯାହାର କେନ୍ଦ୍ରାଞ୍ଚଳ ରାଜଧାନୀ ଗଡ଼ଖୋର୍ଦ୍ଧା ନାମରେ ପରିଚିତ । ଖୋର୍ଦ୍ଧାଗଡ଼ ଭାରତର ଶେଷ ସ୍ୱାଧୀନ ଦୁର୍ଗ ଭାବରେ ସର୍ବବିଦିତ । ତେବେ ଗଡ଼ଖୋର୍ଦ୍ଧାକୁ ଛାଡିଦେଲେ ବର୍ତ୍ତମାନର ଖୋର୍ଦ୍ଧା ସହର । ସେତେବେଳେ ବଣଜଙ୍ଗଲରେ ଭରପୂର ଥିଲା । କାଳକ୍ରମେ ବଣଜଙ୍ଗଲକୁ ସଫା କରି ଜନବସତି ଗଢ଼ିଉଠିଥିଲା । ଅନ୍ୟପକ୍ଷେ ଖୋର୍ଦ୍ଧାଗଡ଼ ୧୫୬୮ରେ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ପରେ ୨୩୫ ବର୍ଷ ଧରି ୧୮୦୪ ଡିସେମ୍ବର ପର୍ଯ୍ୟନ୍ତ ଗଜପତିମାନେ ଶାସନ କରି ଆସୁଥିଲେ । ୧୮୦୪ ଡିସେମ୍ବର ଶେଷ ସପ୍ତାହରେ ଖୋର୍ଦ୍ଧାଗଡ଼ ବ୍ରିଟିଶମାନଙ୍କ ଦଖଲକୁ ଯାଇଥିଲା । ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ ଓ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇଥିଲା, ଯାହାକି ବ୍ରିଟିଶମାନଙ୍କୁ ଭୟଭୀତ କରାଇଥିଲା । ଜୟୀ ରାଜଗୁରୁଙ୍କୁ ବ୍ରିଟିଶମାନେ ପଶ୍ଚିମବଙ୍ଗର ମେଦିନପୁରଠାରେ ବରଗଛର ଦୁଇ ଡାଳକୁ ଟାଣି ଆଣି ଫାଶୀ ଦେଇଥିଲେ । ସେ ସମୟରେ ଆନ୍ଦୋଳନର ନେତୃତ୍ୱ ନେଉଥିବା ବୀରମାନଙ୍କୁ ସମ୍ମାନ ଜଣାଇ ଗଡ଼ଖୋର୍ଦ୍ଧା ଛକରେ ୧୬ ନଂ. ଜାତୀୟ ରାଜପଥ କଡରେ ପଞ୍ଚପାଇକ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ତାପଙ୍ଗ ଦଳବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି ।

ଖୋର୍ଦ୍ଧା ରାଜ୍ୟରେ ଭୋଇବଂଶର ଶାସନ ଚାଲିଥିଲା । ଏଣୁ ୧୫୬୮ରୁ ୧୮୧୭ ଇତିହାସ ହିଁ ଭୋଇବଂଶର । ଇତିହାସ ପ୍ରଥମ ଗଜପତି ଭାବେ ରାମଚନ୍ଦ୍ର ଦେବ (୧୫୬୮–୧୬୦୦) ରାଜ୍ୟ ଶାସନ କରିଥିଲେ । ପରେ ପୁରୁଷୋତ୍ତମ ଦେବ (୧୬୦୦ରୁ ୧୬୨୧), ନରସିଂହଦେବ (୧୬୨୧ରୁ ୧୬୪୭), ଗଙ୍ଗାଧର ଦେବ (ସ୍ୱଳ୍ପ ସମୟ ରାଜୁତି), ବଳଭଦ୍ର ଦେବ (୧୬୪୭ରୁ ୧୬୫୬), ପ୍ରଥମ ମୁକୁନ୍ଦଦେବ (୧୬୫୭ ରୁ ୧୬୮୯), ପ୍ରଥମ ଦିବ୍ୟସିଂହଦେବ (୧୬୮୯ ରୁ ୧୭୧୬), ହରେକୃଷ୍ଣ ଦେବ (୧୭୧୬ ରୁ ୧୭୨୦),ଗୋପୀନାଥଦେବ (୧୭୨୦ ରୁ ୧୭୨୭), ଦ୍ୱିତୀୟ ରାମଚନ୍ଦ୍ର ଦେବ (୧୭୨୭ ରୁ୧୭୩୬), ବୀରକେଶରୀଦେବ (୧୭୩୭ ରୁ ୧୭୯୩), ଦ୍ୱିତୀୟ ଦିବ୍ୟସିଂହଦେବ (୧୭୯୩ ରୁ୧୭୯୮) ପର୍ଯ୍ୟନ୍ତ ରାଜ୍ୟ ଶାସନ କଲେ । ଗଜପତି ଦ୍ୱିତୀୟ ମୁକୁନ୍ଦଦେବ ଶେଷ ରାଜା, ଯିଏକି (୧୭୯୮ ରୁ ୧୮୧୭) ପର୍ଯ୍ୟନ୍ତ ଶାସନ କରିଥିଲେ ।

ଖୋର୍ଦ୍ଧା ଜିଲ୍ଲାର ମା' ବରୁଣେଇ ପୀଠ,ଅଟ୍ରି ସ୍ଥିତ ବାବା ହଟକେଶ୍ୱର ମନ୍ଦିର, ଚଣ୍ଡେଶ୍ୱର ସ୍ଥିତ ବାବା ଚଣ୍ଡିହର ଦେବ ମନ୍ଦିର,ହରିପୁର ସ୍ଥିତ ବାବା ପ୍ରତାପେଶ୍ୱର ଦେବ ମନ୍ଦିର,ଜୀବନଦେଇପୁର ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର, ଜୀବନଦେଇପୁର ସ୍ଥିତ ମା' ସର୍ବମଙ୍ଗଳା ମନ୍ଦିର,ବାଣପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ମନ୍ଦିର, ମା' ବିରଜାଇ ମନ୍ଦିର,ଚିଲିକା ସ୍ଥିତ ମା' କାଳିଜାଈ ମନ୍ଦିର, ଭାଟପଡ଼ା ସ୍ଥିତ ମା' ସିଦ୍ଧେଶ୍ୱରୀ ମନ୍ଦିର, ମା' ନାରାୟଣୀ ମନ୍ଦିର,ବାଣପୁର ସ୍ଥିତ ମା' ଟିକିରାଇ ମନ୍ଦିର,ଧୂଆଁନଳୀ ସ୍ଥିତ ମା' ତାରିଣୀ ମନ୍ଦିର,ବାଣପୁର ସ୍ଥିତ ପ୍ରଭୁ ଶ୍ରୀରଙ୍ଗନାଥ ଦେବ ମନ୍ଦିର,ବଡ଼ହନ୍ତୁଆଡ଼ ସ୍ଥିତ ପ୍ରଭୁ ଶ୍ରୀଚରଣ ଚକାଦେବ ମନ୍ଦିର,ବାଣପୁର ସ୍ଥିତ ପ୍ରସିଦ୍ଧ ଶ୍ରୀଶ୍ରୀଦକ୍ଷେଶ୍ୱର ଦେବ ମନ୍ଦିର,ଶ୍ରୀସ୍ୱପ୍ନେଶ୍ୱର ଦେବ ମନ୍ଦିର,ପଙ୍କାଳ ସ୍ଥିତ ମା' ଖିଲାମୁଣ୍ଡା ମନ୍ଦିର, ସୁନାଖଳା ସ୍ଥିତ ବାବା ନୀଳକଣ୍ଠଶ୍ୱର ଦେବ ମନ୍ଦିର, ନାଚୁଣୀ ସ୍ଥିତ ମା' ପାଣ୍ଡବାଶୁଣୀ ଦେବୀ ମନ୍ଦିର, ବରପାଟଣା ସ୍ଥିତ ବାବା ବାଙ୍କନିଧି ଦେବ ମନ୍ଦିର ଆଦି ଅନେକ ଶୈବ ପୀଠ, ବିଷ୍ଣୁ ମନ୍ଦିର, ଶକ୍ତିପୀଠ ରହିଛି ।

ଚିଲିକା ହ୍ରଦ ଖୋର୍ଦ୍ଧା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ,ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପ୍ରାୟତଃ ସବୁଦିନ ପର୍ଯ୍ୟଟକମାନେ ଆସିଥାନ୍ତି,ବିଶେଷତଃ ଶୀତ ଋତୁରେ ଚିଲିକାକୁ ବହୁତ ପର୍ଯ୍ୟଟକମାନେ ଆସିଥାନ୍ତି,କାରଣ ଶୀତ ଋତୁରେ ବହୁ ଦୂରଦୂରାନ୍ତରୁ ବିଭିନ୍ନ ପ୍ରଜାତିର ପକ୍ଷୀମାନେ ଚିଲିକାକୁ ଆସିଥାନ୍ତି, ଚିଲିକାର ନଳବଣ ଠାରେ ପକ୍ଷୀ ବିହାର ହୋଇଥାଏ, ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ, ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ବାଣପୁର ସ୍ଥିତ ଶାଳିଆ ଡ୍ୟାମ ଅନ୍ୟ ଏକ ପର୍ଯ୍ୟଟନ ସ୍ଥଳୀ । ଏସିଆ ମହାଦେଶର ସର୍ବବୃହତ୍ ଶାଳ ଶାଗୁଆନ୍ ଜଙ୍ଗଲ ଏହି ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ଦାମିଆ ବରବରା ଠାରେ ଅବସ୍ଥିତ । ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏହି ଜିଲ୍ଲାରେ ଅବସ୍ଥିତ ।ଶିକ୍ଷାକୁ ନେଇ ସମୃଦ୍ଧ ଖୋର୍ଦ୍ଧା ଜିଲ୍ଲା । ଉଚ୍ଚ ଶିକ୍ଷା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ ଆଇନ ମହାବିଦ୍ୟାଳୟ, ମଧ୍ୟ ଅଛି । ବୈଷୟିକ ଶିକ୍ଷା ପାଇଁ ମଧ୍ୟ ଅନେକ କଲେଜ ରହିଛି । ଏହି ଜିଲ୍ଲାରେ ଅନେକ ମହାପୁରୁଷ ଜନ୍ମ ନେଇ ଏହି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ସେହିପରି ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବଚନ୍ଦ୍ର ରାଉତରାୟ ଏହି ମାଟିର ଗର୍ବ ଓ ଗୌରବ । ଯଶସ୍ୱୀ କବୟତ୍ରୀ କୁନ୍ତଳା କୁମାରୀ ସାବତ ଏହି ମାଟିର ଗର୍ବ । ଛୋଟ ମୋର ଗାଁଟି ର କବି ଜ୍ଞାନପୀଠ ବିଜେତା ଗୁରୁଜଙ୍ଗର ପଦ୍ମଶ୍ରୀ ସଚ୍ଚି ରାଉତରାୟ ଏହି ମାଟିର ଗୌରବ ।

ପାଇକ ବିଦ୍ରୋହର ଶିଖା ବାଣପୁରରେ ପ୍ରଜ୍ଜ୍ୱଳିତ ହୋଇଥିଲା ଓ ଏହାର ନେତୃତ୍ୱ ନେଇଥିଲେ ବିପ୍ଳବୀ ବୀର କୃତିବାସ ପାଟଶାଣୀ । ବିପ୍ଳବୀ ବୀର ପାଟଶାଣୀଙ୍କ ନେତୃତ୍ୱରେ ପାଇକ ଯୋଦ୍ଧାମାନଙ୍କୁ ନେଇ ବାଣପୁର ପଲଟଣ ପଡ଼ିଆ ଇଂରେଜମାନଙ୍କ ମଧ୍ୟରେ ସଶସ୍ତ୍ର ସଂଗ୍ରାମ ହୋଇଥିଲ । ସେହି ସଂଗ୍ରାମରେ ଇଂରେଜ ସେନାଧ୍ୟକ୍ଷ ବେଲ ସାହେବଙ୍କୁ ପରାସ୍ତ କରିଥିଲେ ପାଟଶାଣୀ । ପାଟଶାଣୀଙ୍କ ସଂଗ୍ରାମ ଦେଖି ଇଂରେଜମାନଙ୍କ ଭିତରେ ହୃଦ୍ କମ୍ପନ ଜାତ ହେଲା,କିନ୍ତୁ କିଛି କୁଚକ୍ରୀ ଗୋଷ୍ଠୀ ଇଂରେଜ ସହିତ ହାତ ମିଳାଇ ବିପ୍ଳବୀ ବୀର ପାଟଶାଣୀଙ୍କୁ ଇଂରେଜ ହାତରେ ଧରେଇ ଦେଲେ, ଇଂରେଜମାନେ ବୀର ପାଟଶାଣୀଙ୍କୁ ଆଣ୍ଡାମାନ ଦୀପପୁଞ୍ଜକୁ ନେଇ କାରାଗାରରେ ରଖିଲେ ।

ଏହି ମାଟିରେ ଜନ୍ମ ନେଇଛନ୍ତି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର, କବି ନିଆଁଖୁଣ୍ଟା ଗୋଦାବରୀଶ ମହାପାତ୍ର, ବିପ୍ଳବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର ପର୍ଶୁରାମ ହରିଚନ୍ଦନ ଭଳି ଅନେକ କବି, ଯାହାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା କବିତା ଯୁଗେ ଯୁଗେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ । ପଣ୍ଡିତ ରଘୁନାଥ ମିଶ୍ର, ପ୍ରାଣନାଥ ପଟ୍ଟନାୟକ ଆହୁରି ଅନେକ ଖୋର୍ଦ୍ଧା ଜିଲ୍ଲାର ଗର୍ବ ଓ ଗୌରବ । ଖୋର୍ଦ୍ଧାର ଷ୍ଟେପଲ ଲୁଙ୍ଗି, ଜର୍ଦ୍ଦା ଗାମୁଛାର ବାଣପୁରର ବେତ କାର୍ଯ୍ୟର ସ୍ୱତନ୍ତ୍ର ପରିଚୟ ମଧ୍ୟ ରହିଛି ।

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ମୋନ – ୬୩୭୦୨୦୮୪୨୮

ଦୁଃଖର କାରଣ...

ସୁଖର ପ୍ରାପ୍ତି ଆଉ ଦୁଃଖର ନିଷେଧର ମଧ୍ୟ ଗୋଟିଏ ପାରସ୍ପରିକ ସମ୍ବନ୍ଧ ହୋଇପାରେ । ମାନବ ଜୀବନରେ ଦୁଃଖର ନିରାକରଣ ପାଇଁ ପ୍ରାଚୀନ କାଳରୁହିଁ ଆମ ଜିଜ୍ଞାସାର ଗୋଟିଏ ପ୍ରମୁଖ କାରଣ ରହିଛି । ବିଭିନ୍ନ କାରଣରୁ ଉତ୍ପନ୍ନ ଦୁଃଖକୁ ଆମେ ନିମ୍ନ ପ୍ରକାରରେବୁଝି ପାରିବା । ଶାରୀରିକ କଷ୍ଟ–ଏଥିରେ ରୋଗ ଆଉ ଶାରୀରିକ କଷ୍ଟ ଥାଏ ।

ମାନସିକ ଆଉ ଭାବନାତ୍ମକ ଦୁଃଖ–ଏହା ମନ ଆଉହୃଦୟର ପୀଡା ଅଟେ । ଯାହା ହାନୀ, ଶୋକ ଆଉ ମନୋବୈଜ୍ଞାନିକ ବିକାରର କାରଣ ହୋଇଥାଏ । ସାମାଜିକ ଦୁଃଖ–ପ୍ରାୟତଃ ସାମାଜିକ ସଂରଚନାରେ ନିହିତ, ଏହି ଦୁଃଖରେ ଗରିବୀ, ଭେଦଭାବ ଆଉ ଉତ୍ପୀଡନ ସଂଲଗ୍ନ ଥାଏ । ଅସ୍ତିତ୍ୱ ସମ୍ବନ୍ଧୀ ଦୁଃଖ–ମାନବ ନିଜର ଅସ୍ତିତ୍ୱ ଏବଂ ସ୍ୱାଭିମାନ ବନେଇ ରଖିବା ପାଇଁ ବିଭିନ୍ନ ପ୍ରକାରର ଉପକ୍ରମ ଆଉ ସଂଘର୍ଷ କରିଥାଏ। ଯାହାର ଅନ୍ତର୍ଗତ ଅସଫଳତାର ସାମନା କରିବାକୁ ପଡିଥାଏ ଆଉ ଯାହା ଆମର ଦୁଃଖର କାରଣ ହୋଇଥାଏ ।

ଆମର ବିଦ୍ୱାନମାନେ ଦୁଃଖର ଗୋଟିଏ ପ୍ରମୁଖ କାରଣ ଆମର ପୂର୍ବଜନ୍ମର ସଂଚିତ କର୍ମକୁ ବତେଇଛନ୍ତି । ଆମର ଋଷିମାନେ ଆମକୁ ବିଭିନ୍ନ ପ୍ରକାରର ଅନୁଷ୍ଠାନର ମାଧ୍ୟମରେ ଦିବ୍ୟ ଶକ୍ତିଙ୍କ ସ୍ତୁତିର ମାର୍ଗ ବତେଇଛନ୍ତି । ଯାହା ଦ୍ୱାରା ଆମେ ନିଜର ଦୁଃଖର ନିବାରଣ କରିପାରିବା । ଆମର କିଛି ଦାର୍ଶନିକମାନେ ସଂଯମ ଆଉ ସରଳତାର ଅନୁସନ୍ଧାନ ତଥା ମେଡିଟେସନର ମାଧ୍ୟମରେ ଶାରୀରିକ ଦୁଃଖକୁ ଦୂର କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି ।

ମହାତ୍ମା ବୁଦ୍ଧ ଦୁଃଖର ନିବାରଣ ପାଇଁ ଅଷ୍ଟାଂଗିକ ମାର୍ଗର ପ୍ରସ୍ତାବ ରଖିଥିଲେ । ମହର୍ଷି ପାତଞ୍ଜଳି ଆମକୁ ଯୋଗ ଦର୍ଶନର ମାର୍ଗ ବତେଇଥିଲେ ଯାହା ଦ୍ୱାରା ଆମେ ନିଜକୁ ନିଜେ ଶାରୀରିକ ଆଉ ମାନସିକ ରୂପରେ ସୁସ୍ଥ ରଖିକରି ଦୁଃଖ ଉପରେ ନିୟନ୍ତ୍ରଣ ପ୍ରାପ୍ତ କରିପାରିବା । ପ୍ରସିଦ୍ଧ ଗ୍ରନ୍ଥ ଭଗବତଗୀତାରେ ଫଳର ଇଚ୍ଛା ରଖିବାହିଁ ଦୁଃଖର କାରଣ ବତେଇଛନ୍ତି ତଥା କର୍ମ ଉପରେ ବଳ ଦେଇଛନ୍ତି । ଏହିପ୍ରକାର ଆମେ ଫଳର ଇଚ୍ଛାକୁ ତ୍ୟାଗ କରିକି ଦୁଃଖରୁ ମୁକ୍ତି ପାଇ ପାରିବା ।

ଅତଃ ଦୁଖର ଅସ୍ତିତ୍ୱ ମାନବ ଜୀବନରେ ନିରନ୍ତର ଛାଇହୋଇ ରହିବ । ତଥାପି ଆମର ଋଷିମୁନି, ବିଦ୍ୱାନ ଆଉ ଦାର୍ଶନିକମାନେ ଏହାର ନିବାରଣ ପାଇଁ ବିବିଧ ସମାଧାନ ସମ୍ମୁଖରେ ରଖିଛନ୍ତି, ଯାହାକୁ ଆମେ ଆପଣେଇ କରି ନିଜର ଜୀବନ ସୁଖମୟ ଏବଂ ଆନନ୍ଦମୟ ବନେଇ ପାରିବା ।

ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍,
ଭୁବନେଶ୍ୱର,ମୋ–୭୯୭୮୮୩୦୬୧୧

ସମୟ
ମଙ୍ଗଳବାର ୦୨ ଏପ୍ରିଲ ୨୦୨୪

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତିହାର...

ସଠିକ୍ ଉତ୍ତର ଦେଉନାହାନ୍ତି । ସେ ତଦନ୍ତକୁ ବାଟବଣା କରିବାକୁ ଚେଷ୍ଟା କରୁଛନ୍ତି । ଯଦି ଭବିଷ୍ୟତରେ ଆଉକେବେ ହେପାଜତକୁ ନେବାକୁ ପଡିବ ତେବେ ଆମେ ଆବେଦନ କରିବୁ । ଇତିଅବସରରେ କେଜରିୱାଲଙ୍କ ଓକିଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ୩ ବହି ଜେଲ୍‌କୁ ନେବାପାଇଁ ଆବେଦନ କରିଥିଲେ । କେଜରିୱାଲ ଭଗବତ ଗୀତା, ରାମାୟଣ ଏବଂ ହାଓ ପ୍ରାଇମିନିଷ୍ଟର ଡିସାଇଡେଡ୍ ବାଇ ଜର୍ଣ୍ଣାଲିଷ୍ଟ ନିରଜ ଚୌଧୁରୀ ପୁସ୍ତିକାକୁ ନେବାକୁ ଚାହିଁଥିଲେ । ତେବେ ଦିଲ୍ଲୀ ହାଇକୋର୍ଟ ଇଡିକୁ ଏହି ମାମଲାରେ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାରେ ରାୟ ଶୁଣାଣି କରି କହିଛନ୍ତି । ବିରୋଧୀ ମେଣ୍ଟ ଇଣ୍ଡିଆର ବୃହତ ରାଲି ପରେ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ କୋର୍ଟରେ ଉପସ୍ଥାପନ କରାଯାଇଥିଲା । ରାମଲୀଳା ମୈଦାନରେ ଗତକାଲି ଲୋକତନ୍ତ୍ର ବଞ୍ଚାଅ ରାଲିରେ କଂଗ୍ରେସ ନେତା ମଲ୍ଲିକାର୍ଜୁନେ ଖଡ୍‌ଗେ, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ଅଖିଳେଶ ଯାଦବ, ପିଡିପିର ମେହେବୁବା ମୁକ୍ତି, ଉଦ୍ଧବ ଠାକରେ, ସଞ୍ଜୟ ରାଉତ, ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ସମେତ କେଜରିୱାଲଙ୍କ ପତ୍ନୀ ସୁନିତା କେଜରିୱାଲ, ଝାଡଖଣ୍ଡ ପୂର୍ବ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ପତ୍ନୀ କଳ୍ପନା ସୋରେନ୍ ଉଦ୍‌ବୋଧନ ଦେଇଥିଲେ । କେନ୍ଦ୍ର ସରକାରଙ୍କ ଏହି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଥିଲେ ।

ନୀରବିଲେ...

ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ଶାନ୍ତିଲତା ବାରିକ ଛୋଟରାୟ ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ପରମ ଭକ୍ତ । ଭକ୍ତି ସଂଗୀତ କ୍ଷେତ୍ରରେ ସେ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିଲେ । 'ଅକାମନ ଚାଲ ଯିବା', 'ଜଗନ୍ନାଥ ତୁମେ ବଡ଼ ଛଳିଆ' ଆଦି ଗୀତ ପାଇଁ ସେ ବେଶ ଲୋକପ୍ରିୟ ହୋଇଥିଲେ । ନିଜ କଣ୍ଠର ଯାଦୁଗରୀରେ ଅପୂର୍ବ ଭକ୍ତିଭାବନା ଯୋଡ଼ି ସେ ଯେଉଁ ସଂଗୀତ ପରିବେଷଣ କରୁଥିଲେ ତାହା ଶ୍ରୋତାଙ୍କ ଭିତରେ ଭକ୍ତି, ସମର୍ପଣ ଓ ବିଭୁ ଚେତନାକୁ ସୃଷ୍ଟି କରୁଥିଲା । ତାଙ୍କ ଭଜନ ଓଡ଼ିଶାର କଳା, ସଂସ୍କୃତି ଓ ଶ୍ରୀ ଜଗନ୍ନାଥଙ୍କ ସହ ଲୋକଙ୍କୁ ଯୋଡ଼ିବାରେ ସକ୍ଷମ ହୋଇଥିଲେ । ସେ ତାଙ୍କ ଜୀବନକାଳ ଭିତରେ ଅନେକ ଲୋକପ୍ରିୟ ଭଜନ ଗାଇଥିଲେ । ୨୦୧୧ ମସିହାରେ ସେ ଅସୁସ୍ଥ ହୋଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କ୍ୟାନସର ହୋଇଥିଲେ ପରିବାର ଲୋକ ଜାଣିବାକୁ ପାଇଥିଲେ । ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲ ମୁମ୍ବାଇରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ନଥିଲେ ମଧ୍ୟ ସେ ନିୟମିତ ଔଷଧ ଖାଉଥିଲେ । ୨୦୨୨ରେ କୋଭିଡ ପରେ ସେ ପୁଣି ଅସୁସ୍ଥ ହୋଇଥିଲେ । ପୁଣି ତାଙ୍କୁ ମୁମ୍ବାଇ ନିଆଯାଇଥିଲା । ତେବେ ଓଡ଼ିଶାର ବିଭିନ୍ନ ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ୧୯୬୦ ଅକ୍ଟୋବର ପହିଲାରେ ଭୁବନେଶ୍ୱରରେ ସେ ଜନ୍ମଗ୍ରହଣ କରିଥିଲେ । ଉତ୍କଳ ସଂଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ସଂଗୀତରେ ଆଚାର୍ଯ୍ୟ କରିଥିବା ଶାନ୍ତିଲତା ବିଶିଷ୍ଟ ସଂଗୀତ ଗୁରୁ ବାଳକୃଷ୍ଣ ଦାସ, ମାର୍କଣ୍ଡେୟ ମହାପାତ୍ର, ସିଂହାରୀ ଶ୍ୟାମସୁନ୍ଦର କର, ଗୋପାଳ ପଣ୍ଡା ପ୍ରମୁଖଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ । ଶିଶୁ ସଂସାର ସିଧା ପ୍ରସାରଣରୁ ଆକାଶବାଣୀ ସହ ସଂପୃକ୍ତ ଓ ଆକାଶବାଣୀର ସ୍ୱୀକୃତି କଳାକାର ହୋଇଥିଲେ । ୧୯୭୫ରେ ପ୍ରଥମ ଗ୍ରାମ୍ୟ ଫୋନ ରେକର୍ଡ଼ରେ 'ହେ ଚକାନୟନ', 'ମଲିଫୁଲ ଗଜରା ମାଳ' ବାଳକୃଷ୍ଣ ଦାସଙ୍କ ଦ୍ୱାରା ସ୍ୱରବଦ୍ଧ ହୋଇ ଇନ୍‌ରୋକୋ କମ୍ପାନୀ ଦ୍ୱାରା ଗୃହୀତ ଓ ପ୍ରସାରିତ ହୋଇଥିଲା । ଓଡ଼ିଆ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟନ ମଧ୍ୟରେ 'ବାସନ୍ତୀ ଅପା'ର ମା ମଙ୍ଗଳା ଗୀତ ପୁରପଲ୍ଲୀରେ ବେଶ ଆଦୃତ ହୋଇଥିଲା । ଭଜିଭଜି ତୋ ନାମ ହେ ଚକାନୟନ, ବାଲିରେଣୁ ମହାବନ୍ଧ ସୁଜନେ ହେ, ଦେଖ ଉଡୁଛି ବାନା ଆଦି ତାଙ୍କର କେତେକ ଲୋକପ୍ରିୟ ଭଜନ ଥିଲା । ଓଡ଼ିଶା ସଂଗୀତ ଏକାଡେମୀ ପକ୍ଷରୁ ୨୦୧୭ରେ ଓଡ଼ିଶୀ କଣ୍ଠ ସଂଗୀତ ପାଇଁ ସମ୍ମାନିତା ଓ ସମ୍ବର୍ଦ୍ଧିତା ହୋଇଥିଲେ । ୨୦୨୩ ଫେବ୍ରୁଆରୀ ୧୩ରେ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇଥିଲେ ।

ସାରା...

ସ୍ଥାନରେ ସ୍ୱାଭାବିକଠୁ କମ୍ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇପାରେ ।

ସେହିପରି ଭାରତର ଅଧିକାଂଶ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକା ରହିପାରେ । ଉତ୍ତର-ପୂର୍ବ ଓ ଉତ୍ତର-ପଶ୍ଚିମ ଭାରତର ସ୍ଥାନେ ଦୁଇସ୍ଥାନେ ରାତିର ତାପମାତ୍ରା କମ୍ ରହିପାରେ ।

ଏପ୍ରିଲ, ମେ'ଓ ଜୁନ୍ ମାସରେ ଦକ୍ଷିଣ ଦ୍ୱୀପପୁଞ୍ଜ, କେନ୍ଦ୍ରୀୟ ଓ ପୂର୍ବ ଭାରତ ଏବଂ ଉତ୍ତର-ପଶ୍ଚିମ ଭାରତର ବହୁ ସ୍ଥାନରେ ଗ୍ରୀଷ୍ମପ୍ରବାହ ଦେଖାଦେବ । ଦକ୍ଷିଣ ଦ୍ୱୀପପୁଞ୍ଜ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ କେନ୍ଦ୍ରୀୟ ଭାରତ, ପୂର୍ବ ଭାରତର କିଛିଅଂଶ ଏବଂ ଉତ୍ତର-ପଶ୍ଚିମ ଭାରତର ସମତଳ ଅଞ୍ଚଳର ବହୁ ସ୍ଥାନରେ ଗ୍ରୀଷ୍ମଲହରୀ ଦିନସଂଖ୍ୟା ବଢ଼ିବ ।

ସେହିପରି ଏପ୍ରିଲ୍‌ରେ କାଳବୈଶାଖୀ ବର୍ଷା ପାଇଁ ଆକଳନ କରାଯାଇଛି ଯେ, ସାରା ଦେଶରେ ହାରାହାରି ବର୍ଷା ହେବାକୁ ଥିବାବେଳେ ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ୮୮ରୁ ୧୧୨% ବର୍ଷା ହୋଇପାରେ । ଉତ୍ତର-ପଶ୍ଚିମ ଭାରତର ବହୁ ସ୍ଥାନରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକା ବର୍ଷା ହେବାର ସମ୍ଭାବନା ଅଛି । କେନ୍ଦ୍ରୀୟ ଭାରତର ଅଧିକାଂଶ ସ୍ଥାନ, ଉତ୍ତର ଦ୍ୱୀପପୁଞ୍ଜ, ପୂର୍ବ ଓ ଉତ୍ତର-ପୂର୍ବ ଭାରତର କିଛି ସ୍ଥାନରେ ଅଧିକା ବର୍ଷା ହୋଇପାରେ । ପୂର୍ବ ଓ ପଶ୍ଚିମ ଉପକୂଳ, ପୂର୍ବ ଓ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳ ଏବଂ ପଶ୍ଚିମ କେନ୍ଦ୍ରୀୟ ଭାରତରେ ସ୍ୱାଭାବିକ କିମ୍ବା ତା'ଠାରୁ କମ୍ ବର୍ଷା ରେକର୍ଡ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ।

୪ରୁ...

ଆସନ୍ତାକାଲି(ମଙ୍ଗଳବାର) ରାତିର ତାପମାତ୍ରା ମାତ୍ରାଧିକ ବୃଦ୍ଧି ପାଇପାରେ । ଏହା ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିବ । ତେବେ ୪ ତାରିଖରୁ ରାଜ୍ୟରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାର ସମ୍ଭାବନା ରହିଛି । ଯାଜପୁର, ଭଦ୍ରକ, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଓ କଟକ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହ ହୋଇପାରେ । ଏହା ସହିତ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୟାଗଡ଼, ଖୋର୍ଦ୍ଧା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ରାତିର ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇପାରେ । ଏଥିପାଇଁ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୫ ତାରଖରେ ଯାଜପୁର, ଭଦ୍ରକ, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଓ କଟକ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାର ସମ୍ଭାବନା ରହିଛି ।

ସେହିପରି ସୋମବାର ଟାଇବାଲିରେ ୩୯.୭ଡିଗ୍ରୀ ଥିବା ବେଳେ ଭୁବନେଶ୍ୱରରେ ୩୯.୪ ଡିଗ୍ରୀ, ଝାରସୁଗୁଡାରେ ୪୦.୪ ଡିଗ୍ରୀ, ବାଲେଶ୍ୱରରେ ୩୮.୫ ଡିଗ୍ରୀ, ସମ୍ବଲପୁରରେ ୩୮.୮ ଡିଗ୍ରୀ, ହୀରାକୁଦରେ ୩୮.୬ ଡିଗ୍ରୀ, କେନ୍ଦୁଝରରେ ୩୮ ଡିଗ୍ରୀ, ରାଉରକେଲାରେ ୩୮.୩ ଡିଗ୍ରୀ, ପୁରୀରେ ୩୩.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ନିର୍ବାଚନ...

କଂଗ୍ରେସ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ପ୍ରତିଶ୍ରୁତି ମିଳିଛି । କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ଅଭିଷେକ୍ ମନୁସିଂଭି କହିଥିଲେ ଯେ ଯାହା ବକେୟା ଦର୍ଶାଯାଉଛି ତାହା ୧୯୯୪-୯୫ର ହିସାବକୁ ନେଇ ୨୦୦୭ରେ ନୋଟିସ୍ ହୋଇଥିଲା । ଆୟକର ବିଭାଗ ୧୩୫ କୋଟି ଟଙ୍କା ନେବାସହ ସମ୍ପତ୍ତି ବି ଜବତ କରିଛନ୍ତି । ଆମେ କୌଣସି ଲାଭ ସୃଷ୍ଟିକାରୀ ସଂଗଠନ ନୁହେଁ । ଏହା କେବଳ ଗୋଟିଏ ରାଜନୈତିକ ଦଳ । ଆମ ମାମଲାରେ ମିଳୁଥିବା ଚାନ୍ଦା ଟିକସ ପରିସରଭୁକ୍ତ ନୁହେଁ । ୧୭୦୦ କୋଟି ଟଙ୍କା ୨୦୨୧ରେ ଦାବି କରାଯାଇଥିଲା । ଗୋଟିଏ ସପ୍ତାହ ପରେ ପ୍ରଥମ ପର୍ଯ୍ୟାୟର ଲୋକସଭା ନିର୍ବାଚନ ଆରମ୍ଭ ହେଉଛି । କଂଗ୍ରେସକୁ ପୁଣି ନୋଟିସ ମିଳିଥିଲା । ଏହି ପୁରୁଣା ମାମଲାରେ ନୋଟିସ୍ ହୋଇଥିବାରୁ କଂଗ୍ରେସ ଏହାକୁ ଟିକସ ଆତଙ୍କବାଦ ବୋଲି ବର୍ଣ୍ଣନା କରିଥିଲା । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହି ଆତଙ୍କବାଦ ଚଳାଇଛନ୍ତି ବୋଲି ସେମାନେ ଦର୍ଶାଇଛନ୍ତି ।

ବର୍ଷକରେ...

ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଦେଇଥିବା ତଥ୍ୟ ଅନୁସାରେ, ଜିଲ୍ଲାରେ ପାଣିରେ ବୁଡ଼ି ଗତ ତିନିବର୍ଷରେ ୫୨ଜଣ ପ୍ରାଣ ହରାଇଛନ୍ତି। ୨୦୨୦ରେ ୫ଜଣ, ୨୦୨୧ରେ ୨୭ଜଣ ଓ ୨୦୨୩ରେ ୨୨ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ନଦୀନାଳ ଘେରା କେନ୍ଦ୍ରାପଡ଼ା ଜିଲ୍ଲାର ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟାଠାରୁ କେନ୍ଦୁଝର ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ଢେର ଅଧିକ। କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ବ୍ରାହ୍ମଣୀ, ଲୁଣା, ଚିତ୍ରୋତ୍ପଳା, କରାଣ୍ଡିଆ, ଖରସ୍ରୋତା ଭଳି ନଦୀ ବହିଯାଇଛିଛ ଏସବୁ ନଦୀରେ ବର୍ଷତମାମ ପାଣି ରହିଥାଏ। ସେହିପରି ଏହି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରାୟ ସମସ୍ତଙ୍କ ବାଡ଼ିରେ ପୋଖରୀ ଥାଏ।ତୁଳନାତ୍ମକ ଭାବେ ବଣପାହାଡ଼ ଘେରା କେନ୍ଦୁଝର ଜିଲ୍ଲାରେ ସେଭଳି ସ୍ଥିତି ନାହିଁ। ଏଠାରେ ନଦୀଗୁଡ଼ିକ ସାଧାରଣତଃ ବର୍ଷାଦିନ ପରେ ଶୁଖିଲା ପଡ଼ିଥାଏ।ଏହାଛଡ଼ା ଗ୍ରାମାଞ୍ଚଳରେ କମ ସଂଖ୍ୟାରେ ପୋଖରୀ ଦେଖିବାକୁ ମିଳିଥାଏ।ଏସବୁ ସତ୍ତ୍ୱେ ଏହି ଜିଲ୍ଲାରେ ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟା ବେଶ୍ ଚିନ୍ତାଜନକ। ଗ୍ରାମାଞ୍ଚଳରେ ଲୋକେ ନିଶା ସେବନ କରି ନଦୀନାଳରେ ଗାଧୋଇବା ଏହା ପଛର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଆଦିବାସୀ ଶ୍ରେଣୀର ଲୋକେ ମଦ ପିଇ ପୋଖରୀ ଓ ନଦୀନାଳକୁ ଗାଧୋଇବାକୁ ଯାଇଥାନ୍ତି। ନିଶାସକ୍ତ ଅବସ୍ଥାରେ ପାଣିରେ ବୁଡ଼ିଗଲେ ଆଉ ଉଠିପାରନ୍ତି ନାହିଁ।ଫଳରେ ସେମାନଙ୍କ ମୃତ୍ୟୁ ଘଟିଥାଏ। ସେହିପରି ବର୍ଷାଦିନେ ଏଠାକାର ନଦୀର ସ୍ରୋତ ପ୍ରଖର ଥାଏ।ବିଭିନ୍ନ ସମୟରେ ଲୋକେ ନଦୀ ପାର ହେଉଥିବା ବେଳେ ଭାସି ଯାଇଥାନ୍ତି।ସେହିପରି କେନ୍ଦୁଝର ଜିଲ୍ଲାର ଅଧିକଂଶ ପର୍ଯ୍ୟଟନସ୍ଥଳୀରେ ଝରଣା ଓ ଜଳପ୍ରପାତ ରହିଛି। ଏହାଛଡ଼ା ଅନେକ ଜଳଭଣ୍ଡାର ରହିଛି। ଏଠାରେ ମଧ୍ୟ ଅନେକ ବୁଡ଼ିଯାଇ ପ୍ରାଣ ହରାଇଥାନ୍ତି। ଏଭଳି ଏକ ପର୍ଯ୍ୟଟନସ୍ଥଳୀ ହେଉଛି ଭୀମକୁଣ୍ଡ। ଯେଉଁଠି ବ୍ୟାପକ ସଚେତନତା ସତ୍ତ୍ୱେ ପର୍ଯ୍ୟଟକଙ୍କ ଅସାବଧାନତା ହିଁ ସେମାନଙ୍କ ମୃତ୍ୟୁର କାରଣ ହୋଇଥାଏ ବୋଲି ଜଣାପଡ଼ିଛି ।



ଭାପୁର : ଆଦିବାସୀ ମହିଳା ମାନେ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଜାଳେଣି ପାଇଁ ନେଉଛନ୍ତି ଆଦିବାସୀ ମହିଳା

ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ଇସିଙ୍କ ନିକଟରେ ବିଜେଡିର ଫେରାଦ

ଭୁବନେଶ୍ୱର, ୧।୪ (ସବ୍ୟୁ) : ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ବିଜେଡି ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି । ବିଜେଡିର ଏକ ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ନାଚିନ୍ଦା, ଅରୁହୁଆବୃତ୍ତି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ସୌର ରଶ୍ମୀ ଲାଇଟ୍ ପୋଷ୍ଟ ପ୍ରତିଷ୍ଠା ସାଂସଦ ଶ୍ରୀ ଷଡଙ୍ଗୀ କରିଥିବା ନେଇ ଆପତ୍ତି କରିଛନ୍ତି । ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ବଳପୂର୍ବକ ଭାବେ ସେଠାରେ ଏହା ସ୍ଥାପନ କରାଯାଇଛି ଓ ସାଂସଦ ଶ୍ରୀ ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଛି

ବୋଲି ଅଭିଯୋଗ କରାଯାଇଛି । ବାଲେଶ୍ୱର ସାଂସଦ ଏହାକୁ ସ୍ଥାପନ କରିଛନ୍ତି । ଯଦି କେହି କେବେ ଏହି ସ୍ଥାପନକୁ ତାର ଜୀବନ ବିପଦ ଥିବା ନେଇ ଅଭିଯୋଗ କରେ ତାହା ପ୍ରତି ଧ୍ୟାନ ଦେବା ଦରକାର । ଏହା ଅତି ତରବରିଆ ଓ ବେଆଇନ୍ ଭାବେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଏହା କରାଯାଇଛି । ୫ ବର୍ଷ ଧରି ଏଠାରେ କିଛି କାର୍ଯ୍ୟ କରାଯାଇନଥିଲା । ଏବେ ଏହାକୁ ତରବରିଆ ଭାବେ କରାଯାଇଛି । ଏହି କାର୍ଯ୍ୟରେ କିଛି ଘରୋଇ ଠିକାଦରାରଙ୍କୁ ନିୟୋଜିତ କରାଯାଇଛି । ଏହା ହେଉଛି ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ । ବାଲେଶ୍ୱର ସାଂସଦ ଓ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରାଯାଇଛି । ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ମୁଖପାତ୍ର ପ୍ରିୟବ୍ରତ ମାଝୀ, ମଧୁସ୍ମିତା ନାୟକ, ମହିରି ରାୟ ପ୍ରମୁଖ ସାମିଲ ହୋଇଥିଲେ ।

ଏନଏମଏସିସିର ରେକର୍ଡ, ଗୋଟିଏ ବର୍ଷରେ ୭୦୦ ସୋ' ଦେଖିଲେ ୧ ନିୟୁତରୁ ଅଧିକ ଦର୍ଶକ

ଭୁବନେଶ୍ୱର (ସବ୍ୟୁ) : ନୀତା ମୁକେଶ ଅମ୍ବାନି ସାଂସ୍କୃତିକ କେନ୍ଦ୍ର (ଏନଏମଏସିସି) ଏହାର ପ୍ରଥମ ବାର୍ଷିକୀ ପାଳନ କରୁଛି । ପ୍ରଥମ ବର୍ଷରେ ଏନଏମଏସିସି କଳା ଜଗତରେ ଅନେକ ରେକର୍ଡ ସ୍ଥାପନ କରିଛି । ଏନ୍ଏମ୍ଏସିସିରେ ଗତ ୩୬୬ ଦିନ ମଧ୍ୟରେ ୬୭୦ ଜଣ କଳାକାର ୭୦୦ରୁ ଅଧିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି । ଏହି ସୋ'ଗୁଡ଼ିକୁ ଦର୍ଶକମାନେ ବହୁତ ଭଲ ପାଇବା ମଧ୍ୟ ଦେଇଛନ୍ତି । ଏହି ସୋ'ଗୁଡ଼ିକୁ ଦେଖିବା ପାଇଁ ୧୦ ଲକ୍ଷରୁ ଅଧିକ ଦର୍ଶକ ଏନଏମଏସିସିରେ ପହଂଚିଥିଲେ । ଏହି ଧାରାରେ ସଭ୍ୟତାରୁ ରାଷ୍ଟ୍ର' ଭଳି ଭାରତୀୟ ନାଟକଠାରୁ ଆରମ୍ଭ କରି 'ଦ ସାଉଣ୍ଡ ଅଫ୍ ମ୍ୟୁଜିକ୍' ଭଳି ଆଇକନିକ୍ ବ୍ରଡୱେ ମ୍ୟୁଜିକାଲ୍ ପର୍ଯ୍ୟନ୍ତ ସବୁକିଛି ଥିଲା ।

ପ୍ରଥମ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ଏନଏମଏସିସିରେ ଲଗାତାର ଚାରି ଦିନ ଧରି ସ୍ୱତନ୍ତ୍ର ଶୋ' ଆୟୋଜନ କରାଯାଇଛି । ପ୍ରଥମ ଦିନରେ ଅମିତ

ତ୍ରିବେଦୀ ଭାରତର ଲୋକଯାତ୍ରା' ଶୀର୍ଷକରେ ଚମତ୍କାର ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କ ସହ ମଞ୍ଚରେ ସାରା ଭାରତର କଣ୍ଠଶିଳ୍ପୀ ଓ ସଙ୍ଗୀତକାରମାନେ ଉପସ୍ଥିତ ଥିଲେ ।

ବାର୍ଷିକୀ ଅବସରରେ ଏନଏମଏସିସିର ଅଧକ୍ଷା ନୀତା ଅମ୍ବାନୀ କହିଛନ୍ତି ଯେ, ଗତ ଏକ ବର୍ଷ ମଧ୍ୟରେ ଏନଏମଏସିସି ବିଭିନ କଳା ପରମ୍ପରାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରିଛି । ଆମେ ଯୁବ ଉଦୀୟମାନ କଳାକାରମନଙ୍କୁ ସମର୍ଥନ କରୁଛୁ । ଭାରତ ତଥା ବିଶ୍ୱର ଶ୍ରେଷ୍ଠ ଶାସ୍ତ୍ରୀୟ ଓ ଲୋକସଙ୍ଗୀତଠାରୁ ଆରମ୍ଭ କରି ସ୍ମରଣୀୟ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଛି । ଏହା ଆମ ପାଇଁ ଖୁସିର ବିଷୟ ଯେ ଏନଏମଏସିସି କଳା, କଳାକାର ଏବଂ ଦର୍ଶକଙ୍କ ପାଇଁ ଏକ ଅସାଧାରଣ ସ୍ଥାନ ଭାବରେ ଉଭା ହୋଇଛି ।

ମୁକେଶ ଏବଂ ମୁଁ ଏକାଠି ଏକ ସ୍ୱପ୍ନ ଦେଖିଥିଲୁ ଯେ ଆମେ ଏକ କେନ୍ଦ୍ର ସୃଷ୍ଟି କରିବା ଉଚିତ ଯାହା କଳା, ସଂସ୍କୃତି ଏବଂ ଜ୍ଞାନର ତ୍ରିମୂର୍ତ୍ତି ସଂଗମ ହେବ । ଯେଉଁଠି ସଙ୍ଗୀତ ଏକ ନୂତନ ସ୍ୱର ପାଇଥାଏ, ନୃତ୍ୟ ଏକ ନୂତନ ତାଳ ପାଇଥାଏ, କଳା ଏକ ନୂତନ ଘର ପାଇଥାଏ ଏବଂ କଳାକାରମାନେ ଏକ ନୂତନ ଆକାଶ ପାଇଥାନ୍ତି । ଆଜି ଅତ୍ୟନ୍ତ ନମ୍ରତା ଏବଂ ଆତ୍ମବିଶ୍ୱାସର ସହ ମୁଁ କହିପାରିବି ଯେ ସେହି ସ୍ୱପ୍ନ ଏବେ ବାସ୍ତବରେ ପରିଣତ ହୋଇଛି ।

ସକାଳୁଆ ହେଲା ଅଙ୍ଗନବାଡ଼ି

ଭୁବନେଶ୍ୱର (ସବ୍ୟୁ): ପ୍ରବଳ ଗ୍ରୀଷ୍ମପ୍ରବାହ ପାଇଁ ଅଙ୍ଗନବାଡି କେନ୍ଦ୍ର ସକାଳୁଆ ଖୋଲିବ । ଚଳିତବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟ ସମୟକୁ ପରିବର୍ତ୍ତନ କରାଯାଇଛି । ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ନିମନ୍ତେ ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟସମୟକୁ ସକାଳ ୭ଟାରୁ ୧୧.୩୦ ଯାଏ ଧାର୍ଯ୍ୟ କରାଯାଇଛି । ଏନେଇ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଖରା ଓ ଗରମକୁ ଦୃଷ୍ଟିରେ ରଖି ଅଙ୍ଗନବାଡି କେନ୍ଦ୍ରରେ ଶୁଦ୍ଧ ପାନୀୟ ଜଳ ସହ ଯଥେଷ୍ଟ ପରିମାଣର ଓଆର୍‌ଏସ୍ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି ।

ସୂଚନାଯୋଗ୍ୟ କି ରାଜ୍ୟରେ କ୍ରମାଗତ ଭାବେ ବଢୁଥିବା ତାପମାତ୍ରାକୁ ଆଖି ଆଗରେ ରଖି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ପ୍ରତିକାର ଓ ମୁକାବିଲା କରାଯିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଦାଦନ ଶ୍ରମିକ ଡ଼ମ୍ବୁ ମୁଦୁଲିର ମୃତ୍ୟୁ ଘଟଣା

୨ ଲକ୍ଷ କ୍ଷତିପୂରଣ ଦେବାକୁ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଦୁଆରସୁଣୀ ଚେପ୍ଟାଘାଟ ଗାଁ ର ୨୬ ବର୍ଷୀୟ ଯୁବକ ଡ଼ମ୍ବୁ ମୁଦୁଲି ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ କେରଳ ରାଜ୍ୟ ଜିଲା ଓଲଲୁର ଥାନା ଅଂଚଳ ରେ କୋଠା ନିର୍ମାଣ କାମରେ ନିୟୋଜିତ ଥିଲେ । କାର୍ଯ୍ୟରତ ସମୟରେ କୋଠା ଛାତରୁ ଖସିପଡି ମୃତ୍ୟୁବରଣ କରିବା ଘଟଣା ସମ୍ବନ୍ଧରେ ଜାତୀୟ ମାନବ ଅଧିକାର କମିଶନ ୪ ସପ୍ତାହ ମଧ୍ୟରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଥ୍ରୀସୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଡ଼ମ୍ବୁ ମୁଦୁଲି ୧୯ ସେପ୍ଟେମ୍ବର ୨୦୨୩ ରେ ଠିକାଦାର ଶ୍ରୀ ରାଜେଶଙ୍କ କାର୍ଯ୍ୟରେ ନିୟୋଜିତ ହୋଇ ଏମ ଜି ରୋଡ ଅଂଚଳରେ ଶ୍ରୀ ରୀନ ଜୟସନଙ୍କ ନିର୍ମାଣାଧୀନ କୋଠା ଛାତରୁ ଖସିପଡି ମୃତ୍ୟୁ ବରଣ କରିଥିଲେ । ଏହି ବିଷୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବ ଅଧିକାର କର୍ମୀ ଦିଲ୍ଲିପ କୁମାର ଦାସ, ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତଙ୍କ ପରିବାରକୁ କ୍ଷତିପୂରଣ ଏବଂ ଠିକାଦାର କମ୍ପାନୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । କମିଶନ ଏହି ମାମଲାକୁ କେଶ ନମ୍ବର ୬୦୮ /୧୧ /୧୩ / ୨୦୨୩ ଭାବରେ ପଞ୍ଜିକରଣ କରି ଥ୍ରୀସୁର ଜିଲ୍ଲାପାଳ ଏବଂ ପୋଲିସ କମିଶନରଙ୍କୁ ରିପୋର୍ଟ ତଲବ କରିଥିଲେ । ପୋଲିସ କମିଶନର ୧୬ ଫେବୃଆରୀ ୨୦୨୪ ରେ ସବିଶେଷ ରିପୋର୍ଟ ଦାଖଲ କରି ଜଣାଇ ଦେଇଥିଲେ ଯେ ଏହି ଘଟଣାରେ କେରଳ ରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନା- ୨୦୧୦ ଅନୁଯାୟୀ ୨ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳିବ ବ୍ୟବସ୍ଥା ରହିଛି । ଆହୁରି ମଧ୍ୟ ସୂଚନା ପ୍ରଦାନ କରିଛନ୍ତି ଯେ, ମୃତ ଶରୀର କୁ ନିଜ ଗାଁ କୁ ପଠାଇବା ପାଇଁ ସମସ୍ତ ୬୦ ହଜାର ଟଙ୍କା ଠିକାଦାର ରାଜେଶ ବହନ କରିଛନ୍ତି । ଏହି ରିପୋର୍ଟ ପାଇଲା ପରେ ମାନବ ଅଧିକାର କମିଶନ ୨୬ ମାର୍ଚ୍ଚ ୨୦୨୪ ରେ ଶୁଣାଣି କରିଥିଲେ ଏବଂ କେରଳ ରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନା ଅଧୀନ ରେ ଡ଼ମ୍ବୁ ମୁଦୁଲିଙ୍କ ପରିବାରକୁ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବା ସହିତ କମିଶନଙ୍କ ପାଖରେ ରିପୋର୍ଟ ଦାଖଲ କରିବା ପାଇଁ ଥ୍ରୀସୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକଳ୍ପ ସରୁନି : ଗତ ଆର୍ଥିକ ବର୍ଷରେ ୧୧% ଅର୍ଥ ଫେରିଲା

ସୁନ୍ଦରଗଡ଼,(ସବ୍ୟୁ): ଗାଁକୁ ସଂଯୋଗ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା ମାଧ୍ୟମରେ ରାସ୍ତା, ସେତୁ ନିର୍ମାଣ କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ଅନୁଦାନ ବି ଦିଆଯାଉଛି। କିନ୍ତୁ ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା/ସେତୁ ନିର୍ମାଣ ହୋଇପାରୁନି। ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟାର ସମାଧାନ କରିପାରୁନାହାନ୍ତି। ଏମିତିକି ଶିଥିଳ ପଡ଼ିଥିବା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରୁନି। ଫଳରେ ସରକାରୀ ଅନୁଦାନ ଫେରିଯାଉଛି। ରାଉରକେଲା ଗ୍ରାମ୍ୟ ନିର୍ମାଣ ବିଭାଜନ(ଆରଡବ୍ଲ୍ୟୁ ଡିଭିଜନ)ରେ ଚଳିତ ଆର୍ଥିକ ବର୍ଷରେ ରାସ୍ତା ଓ ସେତୁ ପାଇଁ ଅନୁମୋଦିତ ଅର୍ଥର ୧୧% ଫେରିଯାଇଛି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଆରଡବ୍ଲ୍ୟୁ ଡିଭିଜନର ବିଭିନ୍ନ ରାସ୍ତା ନିର୍ମାଣ ପାଇଁ ୧୦ କୋଟି ୫୧ ଲକ୍ଷ ୩ ହଜାର ଟଙ୍କା। ଅନୁଦାନ ଆସିଥିବାବେଳେ ସେତୁ ନିର୍ମାଣ ପାଇଁ ୨୩ କୋଟି ୩୫ ଲକ୍ଷ ୪ ହଜାର ଟଙ୍କା, ମୋଟ୍ ୩୩ କୋଟି ୮୬ ଲକ୍ଷ ୭ ହଜାର ଟଙ୍କା ଅନୁମୋଦିତ ହୋଇଥିଲା। ତେବେ ଏଥିମଧ୍ୟରୁ କେବଳ ୩୦ କୋଟି ୨ ଲକ୍ଷ ୨୧ ହଜାର ୫୬୫ ଟଙ୍କା।(୮୮.୬୩%) ବିନିଯୋଗ ହୋଇଥିବାବେଳେ ୩ କୋଟି ୪୯ ଲକ୍ଷ ୭୩ ହଜାର ୩୭୪ ଟଙ୍କା।(୧୧.୩୨%) ଫେରସ୍ତ ହୋଇଯାଇଛି। ରାସ୍ତା ନିର୍ମାଣ ପାଇଁ ୩ ପର୍ଯ୍ୟାୟରେ ୧୦ କୋଟି ୫୧ ଲକ୍ଷ ୩ ହଜାର ଟଙ୍କା ଅନୁଦାନ ଆସିଥିଲା। ଏଥିମଧ୍ୟରୁ କେବଳ ୭ କୋଟି ୧ ଲକ୍ଷ ୫୬ ହଜାର ୯୮୪ ଟଙ୍କା ବ୍ୟୟ କରାଯାଇଥିବାବେଳେ ୩ କୋଟି ୧୫ ଲକ୍ଷ ୩୩ ହଜାର ୯୫୫ ଟଙ୍କା ଫେରିଯାଇଛି। ସେହିଭଳି ଗତ ଆର୍ଥିକ ବର୍ଷରେ କେବଳ ସେତୁ ନିର୍ମାଣ ପାଇଁ ରାଉରକେଲା ଆରଡବ୍ଲ୍ୟୁ ଡିଭିଜନକୁ ୨୩ କୋଟି ୩୫ ଲକ୍ଷ ୪ ହଜାର ଟଙ୍କା ଅନୁଦାନ ମିଳିଥିଲା। ଏଥିମଧ୍ୟରୁ ୩୦ କୋଟି ୨ ଲକ୍ଷ ୨୧ ହଜାର ୫୬୫ ଟଙ୍କା ବ୍ୟୟ ହୋଇଥିବାବେଳେ ୩୪ ଲକ୍ଷ ୩୯ ହଜାର ୪୧୯ ଟଙ୍କା ଫେରିଯାଇଛି। ପ୍ରକଳ୍ପର ଧୀମା ଗତି ଓ ଜମିଅଧିଗ୍ରହଣ ପ୍ରକ୍ରିୟା ଠିକ ସମୟରେ ସରୁନଥିବାରୁ ଅନୁଦାନ ଫେରିବାରେ ଲାଗିଛି। ବାସ୍ତବରେ ବିଭାଗୀୟ ଅଧିକାରୀଙ୍କ ଚିରାଚରିତ ଅବହେଳା ଯୋଗୁଁ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ ଓ ନିର୍ମାଣକାର୍ଯ୍ୟ ଶେଷ ହୋଇପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଲହଣ୍ଡା-ମିଟ୍ଠୁହୁରୀ ସେତୁଛ ରାଉରକେଲା ଉପକଣ୍ଠରେ ପ୍ରବାହିତ ଦେଓ ନଦୀ ଉପରେ ୭.୬୮ କୋଟି ବ୍ୟୟ ଅଟକଳରେ ସେତୁ ନିର୍ମାଣ ପାଇଁ ୨୦୧୭-୧୮ ମସିହାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୭ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଛି କିନ୍ତୁ ଶେଷ ହେବାର ନାଁ ନେଉନି। ନିର୍ମାଣାଧୀନ ସେତୁ ଉପରେ ଗୋଟିଏ ସ୍ଲାବ୍ ଓ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରୁନିଛ ମିଟ୍ଠୁହୁରୀଠାରେ ୨୭ ଡିସିମିଲ ଓ ଖୁଣ୍ଟଗାଁଠାରେ ୪୬ ଡିସିମିଲ, ମୋଟ୍ ୭୩ ଡିସିମିଲ୍ ଜମିକୁ ଏଯାଏ ଅଧିଗ୍ରହଣ ହୋଇପାରିନି। ଗୋଟିଏ ପଟରେ ଜମି ମାଲିକ ଉପଯୁକ୍ତ କ୍ଷତିପୂରଣ ଦାବି କରି ନିର୍ମାଣକାର୍ଯ୍ୟକୁ ବିରୋଧ କରୁଥିବାବେଳେ ଅପରପଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଯାଏ ଉପଯୁକ୍ତ କ୍ଷତିପୂରଣ ଦେବାରେ ବିଫଳ ହୋଇଛି। ଏହି ଅଞ୍ଚଳର ୧୦ରୁ ଉର୍ଦ୍ଧ ଗ୍ରାମବାସୀ କେତେବେଳେ ଜୀବନକୁ ବାଜି ଲଗାଇ ଅସ୍ଥାୟୀ ବାଉଁଶ ପୋଲ ତିଆରି ନଦୀ ପାର୍ ହେଉଛନ୍ତି ତ କେତେବେଳେ ୩୦ ଫୁଟ୍ ଲମ୍ବର ବାଉଁଶରେ ଅର୍ଦ୍ଧନିର୍ମିତ ବ୍ରିଜ୍ ଉପରକୁ ଚି ପାର୍ ହେଉଛନ୍ତି।

ଟିପିସିଓଡିଏଲ୍ ପକ୍ଷରୁ ଉତ୍କଳ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍?) ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କୁ ସ୍ମରଣ କରି ଉତ୍କଳ ଦିବସ ପାଳନ କରାଯାଇଛି । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା, ଯାହାକୁ ପ୍ରତିବର୍ଷ ଏପ୍ରିଲ୍ ପହିଲାରେ ଉତ୍କଳ ଦିବସ ଭାବେ ପାଳନ କରାଯାଉଛି । ଚମତ୍କାର ସ୍ଥାପତ୍ୟ, ଜୀବନ୍ତ କଳା, ସଙ୍ଗୀତ ଓ ନୃତ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା, ଏହାର ଲୋକମାନଙ୍କର ସହନଶୀଳତା, ଏକତା ଏବଂ ବୀରତ୍ୱ ପାଇଁ ପରିଚିତ।

ଟିପିସିଓଡିଏଲ୍?ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ ଉତ୍କଳ ଦିବସ ପାଳନ ଅବସରରେ ପାୱାର ହାଉସସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବରିଷ୍ଠ

ପରିଚାଳନା କର୍ତୃପକ୍ଷ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଯୋଗ ଦେଇଥିଲେ । ସର୍କଲ, ଡିଭିଜନ୍?, ସବ୍ ଡିଭିଜନ ଓ ସେକ୍ସନ୍ ଅଫିସର ସହଯୋଗୀମାନେ ଭର୍ଚୁଆଲ୍ ମାଧ୍ୟମରେ ଉତ୍ସବରେ ଯୋଗ ଦେଇଥିଲେ । ଟିପିସିଓଡିଏଲ୍?ର ବିଭିନ୍ନ କାର୍ଯ୍ୟାଳୟରେ ଦିନତମାମ ଉତ୍କଳ ଦିବସ ପାଳିତ ହୋଇଥିଲା । ଏଥିରେ ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଡିଭିଜନ୍?, ସବ୍ ଡିଭିଜନ୍ ଓ ସର୍କଲ ଅଫିସ୍ ସାମିଲ ଥିଲା। । ଟିପିସିଓଡିଏଲର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ ଓଡ଼ିଶା ଗଠନ ଉପରେ ଆଲୋକପାତ କରିବା ସହ ଏହାର ଅଗ୍ରଣୀ ଅବଦାନକୁ ସ୍ୱୀକୃତି ଦେଇ ଭାଷା ଓ ସାହିତ୍ୟ ମାଧ୍ୟମରେ ରାଜ୍ୟର ପରିଚୟ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାର ସ୍ଥାପତ୍ୟ, ଇତିହାସ, ଉପଭାଷା, ଜୀବନ୍ତ କଳା, ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଅବଦାନ ଉଲ୍ଲେଖନୀୟ । ଏହି ଭୂମିରେ ସୂର୍ଯ୍ୟ ଉଦୟ ହେବା ସହିତ ଐତିହ୍ୟରେ ଭରା ମନ୍ଦିରଗୁଡ଼ିକୁ ଆଲୋକିତ କରୁଛି । ଆନନ୍ଦମୟ ଉତ୍କଳ ଦିବସ ପାଇଁ ମୁଁ ଆମର ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।''

AFFIDAVIT

By virtue of an affidavit before notary public Balangir on dt. 28.03.2024 I Bui Kalasae, aged about (70). W/o-Late Hukudu Kalasae, Vill - Rengalibahal, Po-Karamtala, Ps- Saintala, Dist-Balangir do here by solemly affirm that I have changed my name from DURA KALASAI to BUI KALASAE. Henceforth I shall be known as BUI KALASAE for all purposes.

Sd/- BUI KALASAE

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-CHG-IC-248-2024

କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଚୟନିତ (Nominated) କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକରେ ପାଣି ଭରିବା ଏବଂ ଅନ୍ତିମ (Terminating) ଷ୍ଟେସନଗୁଡ଼ିକ ଠାରେ କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ (Interior) ସଫେଇ, କୋଚ୍‌ଗୁଡ଼ିକୁ ବନ୍ଦ କରିବା (Locking) ଏବଂ ଶୌଚାଳୟ ସଫେଇ ।

ବିଜ୍ଞାପିତ ମୂଲ୍ୟ (₹) : 5,28,81,895.40, EMD (₹) : 4,14,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.04.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.04.2024ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-1212/O/23-24

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ଶାନ୍ତିଲତାଙ୍କ ବିୟୋଗ ସଂଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶା ଭକ୍ତି ସଙ୍ଗୀତର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୋକବର୍ତ୍ତାରେ କହିଛନ୍ତି ଶାନ୍ତିଲତାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ ତାଙ୍କ ଗୀତରେ ଆଧ୍ୟାତ୍ମିକତାର ଆବେଗ ଓ ସମର୍ପଣ ଭାବନା ଥିଲା । ସେ ଭକ୍ତଙ୍କୁ ତାଙ୍କ ଭଜନରେ ଜଗନ୍ନାଥଙ୍କ ସହ ଯୋଡିଥିଲେ । ତାଙ୍କ ବିୟୋଗ ସଂଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

୩୨ତମ ଏକଲବ୍ୟ ପୁରସ୍କାର-୨୦୨୪ ନିମନ୍ତେ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର,(ସବ୍ୟୁ): ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚ୍ୟାରିଟେବଲ୍ ଟ୍ରଷ୍ଟ' ତରଫରୁ ସମ୍ମାନଜନକ ୩୨ତମ 'ଏକଲବ୍ୟ ପୁରସ୍କାର ୨୦୨୪' ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ କରାଯାଉଛି । ଏକଲବ୍ୟ ପୁରସ୍କାର'ହେଉଛି ଓଡ଼ିଶାର ଶ୍ରେଷ୍ଠ ଯୁବକ୍ରୀଡ଼ାବିତ୍‌ଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡ଼ା ପୁରସ୍କାର, ଯାହାର ନଗଦ ରାଶି ପରିମାଣ ଟ.୫୦୦,୦୦୦/- (ପାଞ୍ଚ ଲକ୍ଷ ଟଙ୍କା) ରହିଛି । ମୁଖ୍ୟ ପୁରସ୍କାର ଛଡ଼ା ଦୁଇଗୋଟି ଉପବିଜେତାଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଏ, ଯାହାର ପୁରସ୍କାର ରାଶି ପରିମାଣ ଟ.୧୦୦,୦୦୦/- (ଏକ ଲକ୍ଷଟଙ୍କା) ଲେଖାଏଁ ରହିଛି । ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ସ୍ଥିତ କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇ ପାରିବେ । ପ୍ରାର୍ଥୀମାନଙ୍କର ବୟସ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ ।

ପ୍ରାର୍ଥୀମାନେ ପ୍ରାଞ୍ଜଳଭାବେ ନିଜରବୟସ ପ୍ରମାଣପତ୍ରସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୪) ମଧରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ । ପ୍ରାର୍ଥୀପତ୍ର ଗୁଡ଼ିକ ନିଶ୍ଚିତ ଭାବେ ୩୧ ମେ' ୨୦୨୪ ତାରିଖ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ଫାକ୍ସ, ଇମ୍ଫାବିଲ୍ଡିଂ, ଭୁବନେଶ୍ୱର - ୭୫୧୦୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ । ଏହା ବ୍ୟତୀତ ପ୍ରାର୍ଥୀପତ୍ର ଗୁଡ଼ିକ ekalabya@imfa.in କୁ ଇ-ମେଲ୍ କରି ହେବ ଏବଂ ସହାୟକ ପ୍ରମାଣ ପତ୍ର ଗୁଡ଼ିକୁ ଉପରୋକ୍ତ ଠିକଣାକୁ ଡାକ ମାଧମରେ ପଠାଇବାକୁ ହେବ ।

କଟକ ଲୋକସଭା: ଭର୍ତ୍ତୃହରି ଓ ସନ୍ତୃପ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ

କଟକ,(ପ୍ରଫୁଲ୍ଲ ମହାନ୍ତି): କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ରାଜ୍ୟର ଏକ ସମ୍ମାନଜନକ ସିଟ ହୋଇଥିବାବେଳେ ଶାସକ ବିଜୁଜନତା ଦଳ ତାର ଦଳୀୟ ପ୍ରାର୍ଥୀ ଭାବେ ଜଣେ ବିଜ୍ଞ ଉଚ୍ଚଶିକ୍ଷିତ ବ୍ୟକ୍ତି ଡକ୍ଟର ସଂତୃପ୍ତ ମିଶ୍ରଙ୍କୁ ମୈଦାନ କୁ ଓହ୍ଲାଇଛି । ସେହିପରି ବିଜେଡିରୁ ଛଅ ଛଅ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ଭର୍ତ୍ତୃହରି ମହତାବ ଏଥର ଦଳୀୟ ଟିକଟ ପାଇବାର ବଞ୍ଚିତ ହେବା ଆଶଙ୍କା କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରି ଭାଜପାରୁ ଟିକେଟ ହାତେଇଛନ୍ତି। ତେବେ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଭାବେ କାହାକୁ ଘୋଷଣା କରିନାହିଁ ।ଗତ ୨୦୧୯ ନିର୍ବାଚନରେ ଏଠାରୁ ଡ.ମହତାବ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ଲଢି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ନିର୍ମଳ ଭାବମୂର୍ତ୍ତୀ ସମ୍ପନ୍ନ ବ୍ୟକ୍ତିତ୍ୱ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ରଙ୍କୁ ୧ ଲକ୍ଷ ୨୧ ହଜାର ୨୦୧ ଖଣ୍ଡ ଭୋଟରେ ହରାଇ ବିଜୟ ଟୀକା ପିନ୍ଧିଥିଲେ। ଭର୍ତ୍ତୃହରି ବାବୁ ମୋଟ ୫ ଲକ୍ଷ

୫୨ ହଜାର ୫୯୨ଖଣ୍ଡ ଅର୍ଥାତ ୪୯.୫୧% ,ପ୍ରକାଶ ମିଶ୍ର ୪ଲକ୍ଷ ୩ ହଜାର ୩୯୧ ଖଣ୍ଡ ଅର୍ଥାତ ୩୬.୦୭% ଓ କଂଗ୍ରେସର ଟାଣୁଆ ନେତା ପଞ୍ଚାନନ କାନୁନଗୋ ମାତ୍ର ୯୯ ହଜାର ୮୪୭ ଖଣ୍ଡ ଅର୍ଥାତ ୯.୪୨ % ଭୋଟ ପାଇବାକୁ ସକ୍ଷମ ହୋଇଥିଲେ ।ତେବେ ୨୦୨୪ ନିର୍ବାଚନ କିନ୍ତୁ ସବୁ ଗଣିତକୁ ଓଲଟପାଟ କରିଦେଇପାରେ ।କଟକ ଲୋକସଭା ଏଥରକ ଉଭୟ ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇଯାଇଛି ।ଗତ ତିନୋଟି ଟର୍ମ କୁ ଯଦି ହିସାବକୁ ନିଆଯାଏ ତେବେ ବିଜେଡି ଦଳରୁ ଟିକେଟ ପାଇ ଲଢୁଥିବା ଭର୍ତ୍ତୃହରି ବାବୁଙ୍କ ଭୋଟହାର ପ୍ରତିଥର କମିକମି ଯାଇଛି ।୨୦୦୯ ରେ ୫୭.୧୫%,୨୦୧୪ ରେ ୫୩.୭୫% ଓ ୨୦୧୯ ରେ ଏହି ହାର କମି ୪୯.୫୧% ରେ ପହଞ୍ଚିଥିଲା। ।ନବୀନ ବାବୁଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକପ୍ରିୟତା ସତ୍ତ୍ୱେ ଭର୍ତ୍ତୃହରି ବାବୁଙ୍କ ଭୋଟହାର କ୍ରମାଗତ ଭାବେ ହ୍ରାସ ପାଇବା ଦଳ ସୁପ୍ରିମୋଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଥିଲା । କୀଚକ ବାହୁ ବଳେ ବିରାଟ ରାଜା ନୀତିରେ ଭର୍ତ୍ତୃହରି ବାବୁ ଗୋଟିଏ ପରେ ଗୋଟିଏ ଟର୍ମ ଜିତି ରେକର୍ଡ କରି ଚାଲିଥିଲେ ।ବିଜୁ ଜନତା ଦଳର ୭ ଟି ଯାକ ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀଙ୍କ ଅକ୍ଲାନ୍ତ ପରିଶ୍ରମ ତାଙ୍କୁ ସହଜର ପଥ ପରିଷ୍କାର କରି ଦେଉଥିଲା । ଏଥର କିନ୍ତୁ ପଶା ପାଲି ପଲଟିଯାଇଛି । ଲୋକ ସଂପର୍କ ରଖି ନ ଥିବା ଭର୍ତ୍ତୃହରିଙ୍କ ହାତ ବିଜେଡି ଛାଡି ଦେଇଥିବା ବେଳେ ନବୀନଙ୍କ ଆର୍ଶୀବାଦ ବି ନାହିଁ । ଏପରିସ୍ଥଳେ ଲୋକ ସମ୍ପର୍କ ରଖିନଥିବା ଭର୍ତ୍ତୃହରି ବାବୁଙ୍କ ପାଇଁ ପ୍ରଧାନ ମନ୍ତ୍ରୀ ମୋଦୀ ହିଁ ଏକମାତ୍ର ଭରସା । ଅପର ପକ୍ଷେ ବିଜେଡିରୁ ଲଢୁଥିବା ସଂତୃପ୍ତ ମିଶ୍ର ବିଜେଡିର ନୁଆ ମୁହଁ ହୋଇଥିବା ବେଳେ ତାଙ୍କର ମଧ ଲୋକ ସଂପର୍କ ନିର୍ବାଚନ ମଣ୍ଡଳୀରେ ନାହିଁ । କେବଳ ବିଜେଡି ଦଳରୁ ପ୍ରାର୍ଥୀ ହୋଇଥିବା ୭ ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକ ସଂପର୍କ ନବୀନ ବାବୁଙ୍କ ୨୫ ବର୍ଷର ଜନହିତୈଷି କାର୍ଯ୍ୟକ୍ରମ ସ୍ୱଚ୍ଛ ଭାବମୂର୍ତ୍ତୀ ହିଁ ତାଙ୍କୁ ନିର୍ବଚନୀ ବୈତରଣୀ ପାର କରିବାର ସହାୟକ ହେବ ।ଏସବୁ ପରେ କଂଗ୍ରେସ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେଉଛି ଦେଖିବାକୁ ବାକିରହିଲା ।

ଆରମ୍ଭ ହେଲା ସମ୍ଭାବନାର ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ସମ୍ଭାବନା ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆ ମହୋତ୍ସବ -୨୦୨୪ ପରିପ୍ରେକ୍ଷୀରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆରମ୍ଭ ହୋଇଛି । ଭୁବନେଶ୍ୱର ସ୍କାଉଟ୍ ଗାଇଡ୍ସ ଅନୁଷ୍ଠାନ ପରିସରରେ ଶୁଭାରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପୁରାଣ ପାଠ, ହୁଳହୁଳି ଓ ଶଙ୍ଖ ଫୁଙ୍କାରୁ ଆରମ୍ଭ ହୋଇଥିବା ସହିତ ହସ୍ତାକ୍ଷର, ଚିତ୍ରାଙ୍କନ, ଶ୍ରୁତଲିଖନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ମଧ ହୋଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଭାଷାବି ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିବା ବେଳେ ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ଓ ସମ୍ମାନିତ ଅତିଥି ଭାବେ ସୌଭାଗ୍ୟ ଲକ୍ଷ୍ମୀ ମହାନ୍ତି ଯୋଗଦେଇଥିଲେ । ସମ୍ଭାବନାର ପରିଚାଳନା ତ୍ରୁଷ୍ଟି ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ବିଜେଇଏମ୍ ସ୍କୁଲରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ସ୍ୱନାମଧନ୍ୟ ବକ୍ସି ଜଗବନ୍ଧୁ ଇଂରାଜୀ ମାଧମ ବିଦ୍ୟାଳୟରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଂଗୀତ ଗାନ ପୂର୍ବକ ଉତ୍ସବକୁ ଉଦଘାଟନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ତ୍ୟାଗପୂର୍ଣ୍ଣ ଇତିହାସ ଓ ନବ ଉତ୍କଳ ନିର୍ମାତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ନବ ଉତ୍କଳ ନିର୍ମାତାଙ୍କ ଓଡ଼ିଶା ଗଠନରେ ଅବଦାନ ତଥା ମାଆ, ମାତୃଭୂମି ଓ ମାତୃଭାଷାକୁ ଉଚ୍ଚତମ ସୋପାନରେ ପହଞ୍ଚାଇବାରେ ଶିକ୍ଷାନୁଷ୍ଠାନର ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ସନ୍ଧ୍ୟା ଜେନା ଓଡ଼ିଆ

ଭାଷା ସଂସ୍କୃତିକୁ ଉପସ୍ଥାପନ କରିବା ସହ ଆମର କର୍ତ୍ତବ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ କାରୁବାକୀ ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ବି.ଜେ. ଏଜୁକେସନ୍ ସୋସାଇଟିର ସଦସ୍ୟବୃନ୍ଦ, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ସ୍ମିତା ମହାନ୍ତି, ସୁଚରିତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, କବିତା ଆବୃତ୍ତି ଓ ଭାଷଣ ପରିବେଷଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ସତ୍ୟ ରଞ୍ଜନ ବଳିୟାରସିଂ ଏବଂ ମନୋଜ କୁମାର ପ୍ରଧାନ ଯଥାକ୍ରମେ ଛନ୍ଦ ଓ କବିତା ଆବୃତ୍ତି କରିଥିଲେ । ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହଲତା ତ୍ରିପାଠୀ ଓ ପ୍ରଭାତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ

ଭୁବନେଶ୍ୱର,(ସବ୍ୟୁ): କିଟ୍ ଓ କିସ୍ ପକ୍ଷରୁ ସୋମବାର ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବକ୍ତବ୍ୟ ଦେଇ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଥିବା ବେଳେ କିଟ୍ ଓ କିସ୍ ପ୍ରତିଷ୍ଠା ହେବାଠାରୁ ଓଡ଼ିଶାର ବିକାଶ ଧାରାରେ ଏହି ଦୁଇ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଆସିଛି ବୋଲି କହିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଓ ସାହିତ୍ୟ ଆଦିର ବିକାଶ ଦିଗରେ କିଟ୍ ଓ କିସର ମହତ୍ତ୍ୱ ପୂର୍ଣ୍ଣ ଭୂମିକା ରହିଆସିଛି । ଏହି ଧାରା ଭବିଷ୍ୟତରେ ମଧ ବଜାୟ ରହିବ ବୋଲି

ଶ୍ରୀ ସାମନ୍ତ କହିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଓଡ଼ିଆମାନଙ୍କ ଭଲ ପାଇବା ଓ ଆତିଥ୍ୟର ବେଶ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥଲେ । ଏହି ଅବସରରେ କିଟ୍ ଓ କିସ୍ କର୍ମଚାରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କିସ୍ ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମଣ୍ଡେଇ ନୃତ୍ୟ, ସାନ୍ତାଳୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।ଛ ଅପରାହ୍ନରେ କିସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଫେସର ଏମେରିଟସ୍ମାନଙ୍କ ଉପସ୍ଥିତିରେ ଉତ୍କଳ ଦିବସ ପାଳନ କରାଯାଇଥିଲା ।

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ବରପୁତ୍ରଙ୍କ ପ୍ରତି ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ପଦାଧିକାରୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ୍ରିମ୍‌ସ ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରୀ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ । ମୁଖ୍ୟପୁରୋଧା ତଥା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପବିତ୍ର ଉତ୍କଳ ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ନିଜର ଐତିହ୍ୟ ଓ ଅସ୍ମିତାକୁ ବଜାୟ ରଖି ଓଡିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟରେ ପରିଣତ କରିବା ଲାଗି ସଂକଳ୍ପବଦ୍ଧ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କରି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ଶିକ୍ଷା ଆଦି ବିବିଧ କ୍ଷେତ୍ରରେ ଓଡିଶାକୁ ବିଶ୍ୱବିଦିତ କରିଥିବା ଆମର କୃତୀ ସନ୍ତାନଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ସୁନାମ ବଢାଇବାକୁ ବିଦ୍ୟାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଛାତ୍ରୀ ରଶ୍ମୀରେଖା ମହାନ୍ତ ଉତ୍କଳ ଦିବସ ସଂପର୍କରେ ନିଜର ଅଭିମତ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ନିରୂପମା ଚୟନୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ପ୍ରାଧାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧାପକ ଗୁରୁପ୍ରସାଦ ମୁଖାର୍ଜୀ, ଅଧାପିକା ସାଗରିକା ନାୟକ, ମୋନାଲିସା ବସ୍ତିଆ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ଉତ୍ସବରେ ଉପସ୍ଥିତ ଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଖୋର୍ଦ୍ଧା ପୁଲିସ ପକ୍ଷରୁ ୮୯ ତମ ପ୍ରତିଷ୍ଠା ଦିବସ ସମ୍ବର୍ଦ୍ଧିତ ହେଲେ ୬ପୁଲିସ ଅଧିକାରୀ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ତରତୁଆସ୍ଥିତ ରିଜର୍ଭ ପଡିଆ ଠାରେ ଖୋର୍ଦ୍ଧା ପୁଲିସ ପକ୍ଷରୁ ୮୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି.ଯୁଗଳ କିଶୋର ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଅଧିକ୍ଷକ କହିଥିଲେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ପାଇଲା ଏବଂ ସେହିଦିନ ଠାରୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡିଶା ପୁଲିସ ଏହାର ଦାୟିତ୍ୱ ତୁଲାଇବା ଆରମ୍ଭ କରିଥିଲା । ସେହିଦିନ ଠାରୁ ଉତ୍କଳ ଦିବସ ସମଗ୍ର ଓଡିଶା ପାଇଁ ଗୌରବ ର ଦିବସ ଅଟେ । ବର୍ତ୍ତମାନର ଗଣତାନ୍ତ୍ରିକ ରାଷ୍ଟ୍ରର ଆଇନଶୃଙ୍ଖଳା ଦିଗରେ ପୋଲିସ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତିବଦ୍ଧତା, ନିଷ୍ଠା ପରିଶ୍ରମ ଦ୍ୱାରା ନିଜ ପ୍ରତିଷ୍ଠା ବଜାଏ ରଖିଛି । ସେହିପରି ପୁଲିସ ର ଏହି ଗୁରୁ ଦାୟିତ୍ୱ ଓ ସାଧାରଣ ଲୋକଙ୍କ ଭରସା ଯେ ଭଳି ସବୁଦିନ ପାଇଁ ରହିବ ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ପୁଲିସ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ସିକୋ ଫାଣ୍ଡି ର ଏସଆଇ ପ୍ରସନ୍ନ ଜେନା, ସଦର ଥାନାର ଏଏସଆଇ ସୁବାସ ଚନ୍ଦ୍ର ନାୟକ, ଏପିଆର ସଞ୍ଜୟ ଦାସ, କନଷ୍ଟେବଳ ଅର୍ଜ୍ଜୁନ ସେଠୀ, କନେଷ୍ଟବଳ ଗୀତାଞ୍ଜଳି ବେହେରା, ଟ୍ରାଫିକ କନେଷ୍ଟବଳ ବାବୁଲି ବେହେରା ଙ୍କୁ ଉତ୍କୃଷ୍ଟ ସେବା ପାଇଁ ଏସପି ଅର୍ଥରାଶି, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁ, ଶ୍ରୀନିବାସ ମହାନ୍ତି, ଏସ୍ଡିପିଓ ଦିଲୀପ କୁମାର ଦାସ,ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ,ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ,ଶିଳ୍ପାଂଚଳ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର ଙ୍କ ସମେତ ଅନ୍ୟ ସମସ୍ତ ଥାନାଧିକାରୀ ପୂର୍ବତନ ସେନା ଓ ପୁଲିସ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ ।

ସୋଆ ପକ୍ଷରୁ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସୋମବାର ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଡିନ୍, ଫ୍ୟାକଲ୍ଟି, ବରିଷ୍ଠ କର୍ମକର୍ତ୍ତା ଓ କର୍ମଚାରୀମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ତଥା ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ସୋଆର

ଉପକୁଳପତି ପ୍ରଫେସର ଶିତିକଣ୍ଠ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡରିର ଡିନ୍ ପ୍ରଫେସର ବ୍ରହ୍ମଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଆଗାମୀ ବର୍ଷ ଠାରୁ ଛାତ୍ରଛାତ୍ରୀ ମାନଙ୍କ ମଧରେ ଓଡ଼ିଆ ଭାଷାକୁ ଅଧିକ ଲୋକପ୍ରିୟ କରିବା ପରିପ୍ରେକ୍ଷୀରେ ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଆ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତି ନିଆଯାଇଛି ।

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାସମାରୋହରେ ପାଳନ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ପ୍ରାତଃ ୫ ଟା ରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମ ବୋଧକ ସଙ୍ଗୀତ ଖୋର୍ଦ୍ଧା ପୌର ପରିଷଦ ଅଂଚଳରେ ପରିବେଷଣ କରାଯାଇଥିଲା । ପରେ ସକାଳ ୬.୩୦ ମିନିଟ ସୁଦ୍ଧା ପୌର ପରିଷଦ କାର୍ଯ୍ୟାଳୟ ତରଫରୁ ବରପୁତ୍ର ମାନଙ୍କରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ସକାଳ ୮ ଟା ରେ ଜୟୀ ରାଜଗୁରୁ ଟାଉନ ହଲ ଠାରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଜଗନ୍ନାଥ ଏବଂ ବରପୁତ୍ର ମାନଙ୍କର ଫଟୋ ରେ ମାଲ୍ୟାର୍ପଣ କରାଯାଇ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଓଡ଼ିଶା ଦିବସ ପରିପ୍ରେକ୍ଷିରେ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ, ଉପ ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ଖୋର୍ଦ୍ଧା ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ, ରିଜୱାନା କଅକବ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସେମାନଙ୍କ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓଡ଼ିଶା ପ୍ରଦେଶ ଗଠନ ର ଇତିହାସ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ ମାନ୍ୟଗଣ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଙ୍କୁ ପ୍ରଦାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ପିଲାମାନଙ୍କୁ ଉଦବୋଧନ କରିବା ସଙ୍ଗେ ସେମାନଙ୍କୁ ଓଡ଼ିଶା ଦିବସ ଏବଂ ମଂଚରେ ଥିବା ବରପୁତ୍ର ମାନଙ୍କର ପରିଚୟ ଉପରେ ପ୍ରଶ୍ନ ପଚାରି ମଂଚ କୁ ଡାକି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ବୈଠକରେ ଜିଲ୍ଲା ର ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରି ଅରବିନ୍ଦ ଦାସ ପରିଚାଳନା କରିଥିଲେ ।

ନିର୍ବାଚନୀ ବଣ୍ଡ ମୁହଁ ଖୋଲିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଅସାମ୍ବିଧାନିକ ବିବେଚିତ ହୋଇଥିବା ନିର୍ବାଚନୀ ବଣ୍ଡକୁ ନେଇ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜନୀତିକ ଦଳଗୁଡ଼ିକୁ ଚାନ୍ଦା ଦେବାକୁ ୨୦୧୭ରେ ଲାଗୁ ହୋଇଥିବା ନିର୍ବାଚନୀ ବଣ୍ଡକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିଥିଲେ । ଏହାକୁ ନେଇ ବିରୋଧୀ କେନ୍ଦ୍ରରେ କ୍ଷମତାସୀନ ବିଜେପିକୁ ଟାର୍ଗେଟ କରିବାରେ ଲାଗିଛନ୍ତି । ତେବେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବଡ଼ କଥା କହିଛନ୍ତି । ନିର୍ବାଚନୀ ବଣ୍ଡ ଉଚ୍ଛେଦ ହେବାରୁ ଯେଉଁମାନେ ଆଜି ନାଚୁଛନ୍ତି ଓ ଏହାର ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି, ସେମାନେ ଖୁବଶୀଘ୍ର ଏନେଇ ଅନୁତାପ କରିବେ ବୋଲି ସେ କହିଛନ୍ତି ।

ସୁପ୍ରିମକୋର୍ଟ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହି କେନ୍ଦ୍ର ସରକାରଙ୍କୁ ଝଟକା ଦେଇଥିବା ଚର୍ଚ୍ଚାକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଖଣ୍ଡନ କରିଛନ୍ତି । ନିକଟରେ ଗୋଟିଏ ତାମିଲ ନ୍ୟୁଜ ଚ୍ୟାନେଲକୁ ସାକ୍ଷାତକାର ଦେଇ ମୋଦି କହିଛନ୍ତି, ଆମେ ଏମିତି କ'ଣ କରିଥିଲୁ ଯେ ଏହା ଆମ ପାଇଁ ଝଟକା ସଦୃଶ ହେବ ? ମୋର ବିଶ୍ୱାସ ଓ ମୁଁ ନିଶ୍ଚିତ ଯେ ଆଜି ଯେଉଁମାନେ ଏହାକୁ ନେଇ ଉତ୍ସବ ମନାଉଛନ୍ତି ଓ ସବୁ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ଖୁବଶୀଘ୍ର ଅନୁତାପ କରିବେ ।

ଯଦି ଆଜି ଚର୍ଚ୍ଚା ବା ଟ୍ରାଏଲ ହେଉଛି, ଏହାର କାରଣ ହେଉଛି ବଣ୍ଡର ଉପସ୍ଥିତି । ୨୦୧୪ ପୂର୍ବରୁ କୌଣସି ଏଜେନ୍ସି ପାଣ୍ଠିର ଉତ୍ସ ଓ ଚାନ୍ଦାଦାତାଙ୍କ ସମ୍ପର୍କରେ ଖୁଲାସା କରିପାରୁ ଥିଲା କି ବୋଲି ମୋଦି ଓଲଟା ପ୍ରଶ୍ନ କରିଛନ୍ତି । ଏଥିସହ କୌଣସି ବ୍ୟବସ୍ଥା ପୂରା ଠିକ ନୁହେଁ । ସବୁକିଛିରେ ସମୟକ୍ରମେ ସୁଧାର ଆସିଥାଏ ବୋଲି ମୋଦି କହିଛନ୍ତି ।

ନିର୍ବାଚନୀ ବଣ୍ଡର ତଥ୍ୟ ସାର୍ବଜନୀନ ହେବା ପରେ କଂଗ୍ରେସ ଠାରୁ ଆରମ୍ଭ କରି ବିରୋଧୀ ଦଳଗୁଡ଼ିକ ବିଜେପିକୁ ଟାର୍ଗେଟ କରି ଚାଲିଛନ୍ତି । ବିଭିନ୍ନ ସଂସ୍ଥାଗୁଡ଼ିକ ଠାରୁ ଟଙ୍କା ଲୁଟ କରିବା ପାଇଁ ଏହା ଏକ ମାଧ୍ୟମ ବୋଲି ବିରୋଧୀ କହୁଛନ୍ତି ।

ଅରୁଣାଚଳରେ ଚୀନର ଦାଦାଗିରି

୩୦ ଅଞ୍ଚଳର କଲା ନାମକରଣ

ବେଜିଂ : ଅରୁଣାଚଳ ପ୍ରଦେଶକୁ ନେଇ ଚୀନ୍ ନିଜର ଦାଦାଗିରି ଜାରି ରଖିଛି । ଭାରତର ଆପତ୍ତି ସତ୍ତ୍ୱେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସରକାର ଅରୁଣାଚଳ ପ୍ରଦେଶ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାର ଅପଚେଷ୍ଟା କରୁଛନ୍ତି । ପୂର୍ବରୁ ଭାରତ ସରକାର ଚୀନର ଏଭଳି ହୀନ ଉଦ୍ୟମର କଡ଼ା ଜବାବ ଦେଇ ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ସହିତ କୌଣସି ଗଣତାନ୍ତ୍ରିକ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ତାଗିଦ୍ କରିଥିଲେ ।

ତେବେ ଚୀନ୍ ନିଜର କାର୍ଯ୍ୟ ପୂର୍ବଭଳି ଜାରି ରଖି ଅରୁଣାଚଳ ପ୍ରଦେଶର ୩୦ ଅଞ୍ଚଳର ନାମକରଣ କରିଛି । ଚୀନ୍ ସରକାର ଏସବୁ ଅଞ୍ଚଳର ନାମକୁ ପରିବର୍ତ୍ତନ କରିଛନ୍ତି । ସାଉଥ୍ ଚାଇନା ମର୍ଣ୍ଣିଂପୋଷ୍ଟ ରିପୋର୍ଟ ଅନୁସାରେ ଚୀନର ନାଗରିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଚୀନ୍ ଅରୁଣାଚଳ ପ୍ରଦେଶକୁ ନିଜର ଅଞ୍ଚଳ ଦାବି କରିବା ସହିତ ଏହାକୁ ଜାଙ୍ଗ୍ନାମ୍ ବୋଲି କହୁଛି । ଏହାକୁ ତିବ୍ବତ ସ୍ୱତନ୍ତ୍ର ଅଞ୍ଚଳର ଏକ ଅଂଶ ବୋଲି ଚୀନ୍ ଦାବି କରୁଛି ।

ସାଉଥ୍ ଚାଇନା ମର୍ଣ୍ଣିଂପୋଷ୍ଟ ଅନୁସାରେ ଚୀନର ନାଗରିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଭୌଗୋଳିକ ନାମର ପ୍ରବନ୍ଧନ ନେଇ ଷ୍ଟେଟ୍ କାଉନସିଲ ଅର୍ଥାତ ଚୀନ୍ କ୍ୟାବନେଟ୍ ଦ୍ୱାରା ପ୍ରାସଙ୍ଗିକ ପ୍ରାବଧାନ ଅଧାରରେ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ମିଳିତ ହୋଇ ଅରୁଣାଚଳ ପ୍ରଦେଶର କେତେକ ଭୌଗୋଳିକ ଅଞ୍ଚଳର ନାମକୁ ବଦଳାଇ ନୂତନ ନାମକରଣ କରାଯାଇଛି । ସେଥିମଧ୍ୟରେ ଅରୁଣାଚଳ ପ୍ରଦେଶର ୧୧ ଜିଲ୍ଲାର ୧୨ ପାହାଡ଼, ଏକ ହ୍ରଦ, ଏକ ପାହାଡ଼ିଆ ଗିରିପଥ ଏବଂ କେତେକ ଜମି ରହିଛି । ଏସବୁକୁ ତିବ୍ବତ ଭାଷାରେ ଚୀନ୍ ଅକ୍ଷର ଏବଂ ରୋମାନରେ ମାନ୍ଦାରିନ୍ ଭାଷା ଦ୍ୱାରା ଲେଖାଯାଇ ଚିହ୍ନିତ କରାଯାଇଛି ।

ଜୟଶଙ୍କରଙ୍କ କଟାକ୍ଷ

ନୂଆଦିଲ୍ଲୀ: ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର କହିଛନ୍ତି ଯେ ଯଦି ମୁଁ ଆଜି ଆପଣଙ୍କ ଘରର ନାମ ପରିବର୍ତ୍ତନ କରେ, ତେବେ ଏହା ମୋର ହୋଇଯିବ କି? ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ଥିଲା, ଅଛି ଏବଂ ରହିବ । ନାମ ପରିବର୍ତ୍ତନ କଲେ କିଛି ହୋଇନଥାଏ କି ଏହାର କୌଣସି ପ୍ରଭାବ ପଡିନଥାଏ । ସେଠାରେ (ଏଲ୍ଏସିରେ) ଆମ ସେନା ମୁତୟନ ରହିଛି । ବେଜିଂ ଭାରତର ବିଭିନ୍ନ ସ୍ଥାନ ପାଇଁ ୩୦ଟି ନୂଆ ନାମର ଚତୁର୍ଥ ତାଲିକା ପ୍ରକାଶ କରିବାର ଗୋଟିଏ ଦିନ ପରେ ଜୟଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି । ଅରୁଣାଚଳପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ । କାଳ୍ପନିକ ନାମ ବ୍ୟବହାର କଲେ ଏହି ବାସ୍ତବତା ବଦଳିବ ନାହିଁ ବୋଲି ଏଥିରେ କୁହାଯାଇଛି । ଚୀନ୍ ଅରୁଣାଚଳ ପ୍ରଦେଶକୁ 'ଜାଙ୍ଗନାନ' ବୋଲି କହିବା ସହ ରାଜ୍ୟକୁ ଦକ୍ଷିଣ ତିବ୍ବତର ଅଂଶ ବୋଲି ଦାବି କରୁଛି । ମନ୍ତ୍ରଣାଳୟର ଅଫିସିଆଲ ୱେବସାଇଟରେ ଅରୁଣାଚଳପ୍ରଦେଶର ୩୦ଟି ସ୍ଥାନର ଚୀନୀ ନାମ ମଧ୍ୟ ପୋଷ୍ଟ କରାଯାଇଥିଲା । ଏହି ତାଲିକା ମେ ପହିଲାରୁ ଲାଗୁ ହେବ । ଏହାକୁ ନେଇ ଭାରତର ବୈଦେଶିକ ମନ୍ତ୍ରାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଗତମାସରେ ମୋଦୀ ଅରୁଣାଚଳ ଗସ୍ତରେ ଯିବା ପରେ ଚୀନ ପ୍ରବଳ ପ୍ରତିକ୍ରିୟା ପ୍ରକାଶ କରିଥିଲା ।

୯୦ ଟଙ୍କିଆ କଏନ ଉନ୍ମୋଚିତ

ନୂଆଦିଲ୍ଲୀ : ୯୦ ବର୍ଷରେ ପଦାର୍ପଣ କରିଛି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ଆର୍‌ବିଆଇ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୦ ଟଙ୍କିଆ କଏନ ଉନ୍ମୋଚନ କରିଛନ୍ତି । ଏହି କଏନ ସମ୍ପୂର୍ଣ୍ଣ ରୂପାରେ ପ୍ରସ୍ତୁତ, ଯାହାର ଓଜନ ୪୦ ଗ୍ରାମ ହେବ । ଆରବିଆର ସ୍ୱତନ୍ତ୍ର ଦିବସ ଅବସରରେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମର ଏହି କଏନ ଉନ୍ମୋଚନ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଆର୍ଥିକ ପ୍ରଗତିରେ ଆରବିଆଇର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ୨୦୧୪ରେ ସାରା ଦେଶରେ ବ୍ୟାଙ୍କିଂ ବ୍ୟବସ୍ଥା ଅତି ଦୁର୍ବଳ ଥିଲା । ଆର୍ଥିକ ଭବିଷ୍ୟତକୁ ବ୍ୟାଙ୍କିଂ ବ୍ୟବସ୍ଥା ନିଶ୍ଚିତ କରିପାରୁନଥିଲା । ଏବେ କିନ୍ତୁ ସ୍ଥିତିରେ ଅନେକ ପ୍ରଗତି ହୋଇଛି ।

ଶେଫାଳି ଶରଣ ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ

ନୂଆଦିଲ୍ଲୀ: ମନୀଷ ଦେଶାଇଙ୍କ ଅବସର ପରେ ଶେଫାଳି ବି ଶରଣ ଆଜି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ ଶରଣ ହେଉଛନ୍ତି ୧୯୯୦ ବ୍ୟାଚର ଭାରତୀୟ ସୂଚନା ସେବା ଅଧିକାରୀ । ତିନି ଦଶନ୍ଧିରୁ ଅଧିକ ସମୟର ଏକ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ସେ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଭଳି ବିଭିନ୍ନ ମନ୍ତ୍ରଣାଳୟ ପାଇଁ ପତ୍ର ସୂଚନା କାର୍ଯ୍ୟାଳୟ ଅଧିକାରୀ ଭାବରେ ମୁଖ୍ୟତଃ ଗଣମାଧ୍ୟମ ପ୍ରଚାର କାର୍ଯ୍ୟର ଦାୟିତ୍ୱ ତୁଲାଇଛନ୍ତି । ସେ ଭାରତୀୟ ନିର୍ବାଚନ ଆୟୋଗଙ୍କ ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏହା ବ୍ୟତୀତ ସେ କେନ୍ଦ୍ରୀୟ

କର୍ମଚାରୀ ନିଯୁକ୍ତି ଯୋଜନା ଡେପୁଟେସନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ (ପାରମ୍ପରିକ ଚିକିତ୍ସା ପଦ୍ଧତି/ଆୟୁଷ ବିଭାଗ (୨୦୦୨-୨୦୦୭) ଏବଂ ଅର୍ଥ ମନ୍ତ୍ରଣାଳୟ (ଆର୍ଥିକ ବ୍ୟାପାର ବିଭାଗ ୨୦୧୩-୨୦୧୭)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି ।

ସେହିପରି ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂଚନା ନୀତି ବିଭାଗରେ ଓଏସଡି କ୍ୟାଡର ପଦବୀରେ କାର୍ଯ୍ୟ କରିବା ସହିତ ୨୦୦୭-୨୦୦୮ ପର୍ଯ୍ୟନ୍ତ ଏଲଏସଟିଭି, ଲୋକସଭା ସଚିବାଳୟର ପ୍ରଶାସନିକ ଓ ଅର୍ଥ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ଶରଣଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ ।

ମାଫିଆ ଡନର ଫଟୋ ସେୟାର କରି କନଷ୍ଟେବଳ ନିଲମ୍ବିତ

ନୂଆଦିଲ୍ଲୀ: ମାଫିଆ ଡନ୍ ମୁଖତାର ଅନସାରୀ ଜେଲରେ ଥିବା ବେଳେ ହୃଦଘାତର ଶିକାର ହୋଇଥିଲା । ଯେଉଁ କାରଣରୁ ତାର ମୃତ୍ୟୁ ହୋଇଯାଇଥିଲା । ବ୍ୟବଚ୍ଛେଦ ରିପୋର୍ଟରେ ବି ମାଫିଆ ଡନର ମୃତ୍ୟୁ ହୃତଘାତରେ ହୋଇଥିବା ଉଲ୍ଲେଖ ରହିଛି ।

ମୁଖତାର ଅନସାରୀର ବ୍ୟବଚ୍ଛେଦ ପରେ ଶବକୁ ତାର ପେତୃକ କବରସ୍ଥାନ କାଲିବାଗରେ ମା'ଙ୍କ କବର ନିକଟରେ ସୁପୁର୍ଦ-ଏ-ଖାକ କରାଯାଇଥିଲା । ଏହି ସମୟରେ ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

ମାଫିଆ ଡନ୍ ମୁଖତାର ଅନସାରୀର ଅନ୍ତିମ ସଂସ୍କାର ସମୟର ଅନେକ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଏହି କ୍ରମରେ ଉତ୍ତରପ୍ରଦେଶର ଚନ୍ଦେଲି ପୁଲିସ ଷ୍ଟେସନରେ ନିୟୋଜିତ ଥିବା ଆଫତାପ ଆଲମ ନାମକ କନଷ୍ଟେବଳ ବି ମୁଖତାର ଅନସାରୀର ଅନ୍ତିମ ସଂସ୍କାର ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଯାହାକି ଉତ୍ତରପ୍ରଦେଶ ପୁଲିସ ସୋସିଆଲ ମିଡ଼ିଆ ପଲିସି ୨୦୨୩ ଏବଂ ସରକାରୀ କର୍ମଚାରୀ ନିୟାବଳୀର ସ୍ପଷ୍ଟ ଉଲଂଘନ ଥିଲା ।

ଯେଉଁ କାରଣରୁ ଆଫତାପ ଆଲମଙ୍କୁ ବରିଷ୍ଠ ପୁଲିସ ଅଧିକାରୀ ବିନୟ କୁମାର ସିଂ ନିଲମ୍ବନ କରିବା ସହିତ ଦ୍ୱିତୀୟଥର ଏଭଳି ଭୁଲ ନକରିବାକୁ ଚେତାବନୀ ଦେଇଛନ୍ତି । ସେହିପରି ମୁଖତାର ଅନସାରୀର ସମର୍ଥନ କରି କନଷ୍ଟେବଳ ଫୟାଜ ଖାନ ହ୍ୱାଟସ ଆପରେ ଏକ ଷ୍ଟୋଟସ ଦେଇଥିଲେ । ଯାହାର ସ୍କ୍ରିନସଟ ସୋସିଆଲ ମିଡିଆରେ ଘୁରିବୁଲିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା ।

ଭୋଟ ଦେବା ଅଧିକାରକୁ ସାବ୍ୟସ୍ତ କରିବା: ବଶିଷ୍ଟ

କାଲିକଟ: ପୋସ ଅଧାପନା, ରୁଚି ଲେଖାଲେଖି । ଖେଳ କସରତଠାରୁ ଆରମ୍ଭ କରି ରାଜନୀତି ରଣାଙ୍ଗନ, ସବୁଠି ତାଙ୍କର ରୁଚି । ଚଳିତ ୨୦୨୪ ବର୍ଷ ଏଥର ଖାସ୍ ରହିଛି ଆମ ଦେଶର ରାଜନୀତି ଓ ରାଜନେତାଙ୍କ ପାଇଁ । ୨୦୨୪ ଲୋକସଭା ନିର୍ବାଚନ ସାଙ୍ଗକୁ ରାଜ୍ୟ ଗୁଡିକରେ ବିଧାନସଭା ନିର୍ବାଚନ ତାତି ବିଲାଣି । ତେଣୁ ଦେଶର ରାଜନୈତିକ ଦୃଶ୍ୟପଟକୁ ନେଇ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି କେରଳର ମାଲବାର ଖ୍ରୀଷ୍ଟିଆନ କଲେଜର ପୂର୍ବତନ ଇତିହାସ ବିଭାଗ ପ୍ରଫେସର ବଶିଷ୍ଟ ।



୨୦୨୪ ଲୋକସଭା ନିର୍ବାଚନକୁ ନେଇ ପ୍ରସ୍ତୁତ କରିଥିବା କ୍ୟାଲେଣ୍ଡରର ପ୍ରଚ୍ଛଦ ପଟରେ ରହିଛି ଆମେ ଭୋଟ ଦେବା, ଆମ ଅଧିକାରକୁ ସାବ୍ୟସ୍ତ କରିବା । ସ୍ୱାଧିନତା ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟ ଓ ରାଜନେତାଙ୍କ ପ୍ରଭାବ ତଥା ପ୍ରଭାବଶାଳୀ ରାଜନେତା ପ୍ରଫେସର ବଶିଷ୍ଟଙ୍କ କ୍ୟାଲେଣ୍ଡରରେ ସ୍ଥାନ ପାଇଛନ୍ତି । ୧୯୫୧ ସାଧାରଣ ନିର୍ବାଚନ ଠାରୁ ୨୦୧୯ ପର୍ଯ୍ୟନ୍ତ ସଂଗଠିତ ଜନାଦେଶରେ ପ୍ରଭାବଶାଳୀଙ୍କ ପ୍ରଭାବ କ୍ୟାଲେଣ୍ଡରରେ ଦେଖିବାକୁ ମିଳିଛି । ବାଗ୍ମୀ ରାଜନେତାଙ୍କ ଲୋକପ୍ରିୟତା ସେମାନଙ୍କୁ ଭାରତୀୟ ରାଜନୀତିରେ ମଉଡମଣୀ କରି ରଖିଛି । ଏସବୁର ସମାହାର ବଶିଷ୍ଟଙ୍କ କ୍ୟାଲେଣ୍ଡରରେ ରହିଛି ।

ଆସାମ, ପଶ୍ଚିମବଙ୍ଗରେ ଭୟଙ୍କର ଘୂର୍ଣ୍ଣିଝଡ଼: ୮ ମୃତ, ଶତାଧିକ ଆହତ

କୋଲକାତା/ ଗୌହାଟୀ : ଆସାମରେ ପ୍ରବଳ ବର୍ଷା ସାଙ୍ଗକୁ ଘୂର୍ଣ୍ଣିଝଡ଼ କାରଣରୁ ବ୍ରହ୍ମପୁତ୍ର ନଦୀରେ ବୁଡିଯାଇଛି ଯାତ୍ରୀବାହୀ ଡଙ୍ଗାଛ ୩ ଜଣଙ୍କ ମୃତ୍ୟୁ ଘଟିଛି, ମୃତକଙ୍କ ମଧ୍ୟରେ ୨ ଜଣ ଶିଶୁ ଥିବା ଜଣାପଡିଛି । ୨୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ଉଦ୍ଧାକାରୀ ଟିମ୍ ।

ସୂଚନା ଅନୁସାରେ, ଆସାମର ଦକ୍ଷିଣ-ସଲମରା ମାନକଚର ଜିଲ୍ଲା ଦେଇ ଡଙ୍ଗାଟି ଯାଉଥିଲା । ଏହି ସମୟରେ ହଠାତ୍ ପ୍ରବଳ ବର୍ଷା ସାଙ୍ଗକୁ ଘୂର୍ଣ୍ଣିଝଡ ହେବାରୁ ଡଙ୍ଗାଟି ବୁଡି ଯାଇଥିଲା । ଏଥିରେ ମହିଳା ଓ ଶିଶୁ ମଧ୍ୟ ଯାତ୍ରା କରୁଥିଲେ । ଡଙ୍ଗା ବୁଡିବା ନେଇ ଜାଣିବା ପରେ ସ୍ଥାନୀୟ ମତ୍ସ୍ୟଜୀବୀ ଓ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ୨୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । କିନ୍ତୁ କିଛି ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାରିନାହିଁ । ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ (ଆଇଏମଡି) ଅରେଞ୍ଜ ୱାର୍ଣ୍ଣି ଜାରିକରିଥିଲା । ପୁନର୍ବାର ଏପ୍ରିଲ ୧ରୁ ୪ ମଧ୍ୟରେ ହାଲୁକାରୁ ମଧ୍ୟମ ବୃଷ୍ଟିପାତ ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏଥିପାଇଁ ନଦୀ ଏବଂ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ସେହିଭଳି ପଶ୍ଚିମବଙ୍ଗରେ ଭୟଙ୍କର ଘୂର୍ଣ୍ଣିଝଡ଼ । ହଠାତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ହେବାରୁ ପାଞ୍ଚ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଲୋକ ଆହତ ହୋଇଛନ୍ତି । ସୋଶାଲ ମିଡିଆରେ ଘୂର୍ଣ୍ଣିଝଡ ସମୟର ଭିଡିଓ ଭାଇରାଲ୍ ହେଉଛି । ପବନର ବେଗ ଏତେ ଅଧିକ ରହିଥିଲା ଯେ, ଏଥିରେ ୮୦୦ରୁ ଅଧିକ ଘର ନଷ୍ଟ ହୋଇଯାଇ ଥିବାବେଳେ ବଡ଼ ବଡ଼ ଗଛ ସହ ବିଦ୍ୟୁତ ଖୁଣ୍ଟି ଉପୁଡି ପଡିଛି । ଘର ଆଗରେ ଥିବା କାର୍, ବାଇକ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଜଳପାଇଗୁରି ସମେତ ପଡୋଶୀ ଜିଲ୍ଲା କୋଚବେହାର ଏବଂ ଆଲିପୁରଦୁର ଅଞ୍ଚଳରେ ଘୂର୍ଣ୍ଣିଝଡର ପ୍ରଭାବ ବିଶେଷ ଭାବେ ଅନୁଭୁତ ହୋଇଛି ।

ଖବର ଲେଖା ହେବା ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦୦ରୁ ଅଧିକ ଲୋକେ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଏକାଧିକ ଶିଶୁ ମଧ୍ୟ ଅଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହତମାନଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି । କ୍ଷତିଗ୍ରସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ବାନାର୍ଜୀ ।

ଜାପାନରେ ଗଞ୍ଜେଇକୁ ମିଳିଲା ଅନୁମତି

ବର୍ଲିନ : ଆଜି ଅର୍ଥାତ ଏପ୍ରିଲ ୧ରୁ ସର୍ବସାଧାରଣ ସ୍ଥାନରେ ଗଞ୍ଜେଇ (ଗଞ୍ଜେଇ) ବ୍ୟବହାରକୁ ଅନୁମତି ଦେଇଛନ୍ତି ଜର୍ମାନୀ ସରକାର । ଏହି ନୂଆ ଆଇନ ଅନୁଯାୟୀ ଜର୍ମାନୀରେ ୧୮ ବର୍ଷରୁ ଅଧିକ ବୟସର ଲୋକଙ୍କ ପାଖରେ ୨୫ ଗ୍ରାମ ପର୍ଯ୍ୟନ୍ତ ଗଞ୍ଜେଇ ରଖିବାକୁ ଅନୁମତି ମିଳିବ । ତେବେ ସକାଳ ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍କୁଲ, କ୍ରୀଡ଼ା କେନ୍ଦ୍ର ସମ୍ମୁଖରେ କିମ୍ବା ଜନଗହଳି ଅଞ୍ଚଳରେ ଗଞ୍ଜେଇ ସେବନ କରିପାରିବେ ନାହିଁ ।

ସାମାଜିକ ଗଣତାନ୍ତ୍ରିକ ଚାନ୍ସେଲର (ଏସପିଡି) ଓଲାଫ୍ ସ୍କୋଲ୍ଜଙ୍କ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗତ ଫେବୃଆରି ୨୩ ରେ ସଂସଦରେ ବହୁ ସମାଲୋଚନା ଏବଂ ବିତର୍କ ପରେ ଗୃହୀତ ହୋଇଥିଲା ।

ଏହାର ସପକ୍ଷରେ ୪୦୭ ଭୋଟ ଓ ବିପକ୍ଷରେ ୨୨୬ଟି ଭୋଟ ପଡ଼ିଥିଲା । ଏହା ସହିତ ଗଞ୍ଜେଇକୁ ବୈଧ କରିବାରେ ତୃତୀୟ ୟୁରୋପୀୟ ସଂଘ ଦେଶ ହୋଇଛି ଜର୍ମାନୀ । ଲକ୍ସମବର୍ଗ ଏବଂ ମାଲ୍ଟା ପୂର୍ବରୁ ଗଞ୍ଜେଇ ବ୍ୟବହାରକୁ ଅନୁମୋଦନ କରିଥିଲେ । ଏହା ପୂର୍ବରୁ ଗତ ୨୦୨୨ ମସିହାରେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଥାଇଲାଣ୍ଡରେ ଗଞ୍ଜେଇ ଉପରେ ଲାଗୁ ନିଷେଧାଜ୍ଞା ଉଠାଇ ଦିଆଯାଇଥିଲା । ଏହା ଫଳରେ ଥାଇଲାଣ୍ଡରେ ଲୋକମାନେ ଗଞ୍ଜେଇ ଚାଷ ଓ ବ୍ୟବସାୟ କରିପାରୁଛନ୍ତି । ମାତ୍ର ଏହି ଦେଶରେ ଗଞ୍ଜେଇ ସେବନ ଉପରେ ଏବେ ବି କେତେକ କଟକଣା ଲାଗୁ ରହିଛି ।

ଉତ୍କଳ ଦିବସରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ନୂଆଦିଲ୍ଲୀ : ଓଡିଆରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ଉତ୍କଳ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ପ୍ରତିଟି ଓଡ଼ିଆଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ସେ ସୋଶାଲ ମିଡିଆ ଏକ୍ସରେ ଓଡ଼ିଆ ଭାଷାରେ ଏକ ପୋଷ୍ଟ କରିଛନ୍ତି । ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ତଙ୍କୁ ଉତ୍କଳ ଦିବସର ହାର୍ଦ୍ଦିକ ଶୁଭେଚ୍ଛା !

ଏହି ଦିନ ଆମକୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ କର୍ମତତ୍ପର ଜନସାଧାରଣଙ୍କ ବିଷୟରେ ସ୍ମରଣ କରାଇଥାଏ । ରାଷ୍ଟ୍ରର ପ୍ରଗତିରେ ରାଜ୍ୟର ଉଲ୍ଲେଖନୀୟ ଯୋଗଦାନ ରହିଛି । ମୁଁ ଓଡ଼ିଶାବାସୀଙ୍କ ସଫଳତା ଓ ସମୃଦ୍ଧି କାମନା କରୁଛି । ୧୯୩୬ ମସିହା ଆଜିର ଦିନରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଏହି ସ୍ୱତନ୍ତ୍ର ଦିବସକୁ ମନେ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଉତ୍କଳ ଦିବସ ପାଳନ କରାଯାଏ । ଦୀର୍ଘଦିନ ଧରି ସଂଗ୍ରାମ ପରେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେବାରେ ଭାଷା ଆନ୍ଦୋଳନକାରୀମାନେ ସଫଳ ହୋଇଥିଲେ । ସେମାନଙ୍କ ମଧ୍ୟରେ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର ଥିଲେ ଅନ୍ୟତମ ।

ବୋଲିଂ ଆକାଶର ନୂଆ ତାରକା ମୟଙ୍କ ଯାଦବ

ନୂଆଦିଲ୍ଲୀ, ୧।୪ (ଏଜେନ୍ସି) : ଭାରତୀୟ ବୋଲିଂ ଆକାଶରେ ନୂଆ ତାରକାଙ୍କ ଆବିର୍ଭାବ ହୋଇଛି । ଶନିବାର ଲକ୍ଷ୍ନେ ସୁପର ଜାଏଣ୍ଟସ୍ ପକ୍ଷରୁ ଖେଳି ନିଜ ପ୍ରଭାବୀ ପ୍ରଦର୍ଶନରେ ସମସ୍ତଙ୍କ ମନ ଜିତି ନେଇଥିବା ଏହି ଉଦୀୟମାନ ଦ୍ରୁତ ବୋଲର୍ ଜଣକ ହେଉଛନ୍ତି ୨୧ ବର୍ଷୀୟ ମୟଙ୍କ ୟାଦବଙ୍କ ମାତ୍ର ୨୪ ବଲ୍ ବୋଲିଂ କରିବା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଛି । ହଠାତ ସେ ଶୂନରୁ ଶହେ ସଫଳତା ସାଉଣ୍ଟିଛନ୍ତି । ଆଇପିଏଲ୍ ପଦାର୍ପଣରେ ମୟଙ୍କ କେବଳ ନିଜ ବିଜୁଳି ଭଳି ଗତି ଓ ବିବିଧତା ଭରା ବୋଲିଂର ନମୁନା ଦେଖାଇ ନାହାନ୍ତି । ବରଂ ପଦାର୍ପଣରେ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରି ହାତଗଣତିଙ୍କ ମଧ୍ୟରେ ବି ସାମିଲ ହୋଇଛନ୍ତି । ୪ ଓଭରରେ ମାତ୍ର ୨୭ ରନ୍ ବ୍ୟୟ କରିବା ସହ ଚଳିତ ରତୁର ଦ୍ରୁତତମ ବଲ୍ (ଘଣ୍ଟାପ୍ରତି ୧୫୫.୮ କିଲୋମିଟର) ପକାଇବାର ଯୁଗଳ ସଫଳତା ମଧ୍ୟ ମୟଙ୍କ ନିଜ ନାଁରେ କରି ନେଇଛନ୍ତି ।

ତାଙ୍କ ଅଗ୍ନିବର୍ଷୀ ବୋଲିଂ ପାଇଁ ହିଁ ପ୍ରଥମ ୧୦ ଓଭର ପର୍ଯ୍ୟନ୍ତ ସଂଘର୍ଷ କରିଥିବା ଲକ୍ଷ୍ନୌ ହଠାତ ଶେଷ ୧୦ ଓଭରରେ ମ୍ୟାଚରୁ ଫେରି ପଞ୍ଜାବ କିଙ୍ଗ୍ସକୁ ୨୧ ରନରେ ହରାଇବା ସହ ଚଳିତ ଆଇପିଏଲର ପଏଣ୍ଟ୍ ଖାତା ଖୋଲିଥିଲା । ସେବେଠାରୁ ମୟଙ୍କଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା । ଆଗାମୀ ସମୟରେ ସେ ଆଇପିଏଲ୍ ସହ ଅନ୍ତର୍ଜାତୀୟ କ୍ରିକେଟ୍ରେ ମଧ୍ୟ ନିଜ ଯାଦୁ ଦେଖାଇବେ ବୋଲି ବହୁ ପୂର୍ବତନ କ୍ରିକେଟର୍ ଭବିଷ୍ୟବାଣୀ କରିଛନ୍ତି । ଏପରିକି ମୟଙ୍କଙ୍କୁ ଇଂଲଣ୍ଡର କିବଂଦନ୍ତି ଦ୍ରୁତ ବୋଲର୍ ଷ୍ଟୁଆର୍ଟ ବ୍ରଡ୍ ଭାରତୀୟ ଦ୍ରୁତ ବୋଲିଂର ଭବିଷ୍ୟତ ଭାବେ ବର୍ଣ୍ଣନା କରିଛନ୍ତି । ଦିଲ୍ଲୀ ପକ୍ଷରୁ ମାତ୍ର ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାର୍ ଖେଳିଥିବା ମୟଙ୍କ ପୂର୍ବରୁ କେବେବି ଏଭଳି ସ୍ଥିର ଭାବେ ୧୪୦ କିଲୋମିଟରରୁ ଅଧିକ ଗତିରେ ବୋଲିଂ କରିନଥିବା ନିଜେ କହିଛନ୍ତି । ଅବଶ୍ୟ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ଏକ ମ୍ୟାଚରେ ୧୫୫ କିଲୋମିଟର ବେଗକୁ ଛୁଇଁଥିବା ସୂଚନା ଦେଇଛନ୍ତି ସେ ।

ପଶ୍ଚିମ ଦିଲ୍ଲୀର ଏହି ଶାନ୍ତ, ସରଳ ଯୁବକଙ୍କ କ୍ରିକେଟ୍ କାହାଣୀ କିନ୍ତୁ ବେଶ୍ ସଂଘର୍ଷଭରା ରହିଛି । ମୟଙ୍କ ନିଜ ସଂକ୍ଷିପ୍ତ କ୍ରିକେଟ୍ ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ଆଘାତ ଜନିତ ସମସ୍ୟା ତାଙ୍କୁ ନିୟମିତ ଭାବେ ହଇରାଣ କରିଆସିଛି । ଗତବର୍ଷ ଦେଓଧର ଟ୍ରଫିରେ ଚମତ୍କାର ବୋଲିଂ କରିଥିଲେ ସେ ।

ମୟଙ୍କଙ୍କ ପୂର୍ବରୁ ଋଷଭ ପନ୍ତଙ୍କ ଭଳି ଖେଳାଳି ସୃଷ୍ଟି କରିଥିବା ଦେବୀନ୍ଦର ୭ ବର୍ଷ ତଳର କଥା ମନେ ପକାଇ କହିଛନ୍ତି, ମୟଙ୍କ ଯେତେବେଳେ ୧୪-୧୫ ବର୍ଷର ଥିଲା ଓଖଲାରେ ଦୋକାନ କରିଥିବା ତାଙ୍କ ପିତା ପ୍ରଭୁ ୟାଦବ ମୋ ପାଖକୁ ତାକୁ ଆଣିଥିଲେ । ସେତେବେଳେ ସେ ବେଶ୍ ଦୁର୍ବଳ ଥିଲା । ଏମିତି କି ବୋଲିଂ ଜୋତା ବି ତା ପାଖରେ ନଥିଲା । ତଥାପି ସେ ଭଲ ବୋଲିଂ କରୁଥିଲା । ଈଶ୍ୱରଙ୍କ ଉପରେ ଗଭୀର ବିଶ୍ୱାସ ଓ ଆତ୍ମବଳ ହିଁ ତାକୁ ଆଜି ସାରା ଦୁନିଆରେ ପରିଚିତ କରାଇଛି । ମୟଙ୍କଙ୍କ ପ୍ରଦର୍ଶନ ଉପରେ ଜାତୀୟ ଚୟନ ସମିତିର ମୁଖ୍ୟ ଅଜିତ ଅଗରକର ସ୍ୱତନ୍ତ୍ର ଦୃଷ୍ଟି ରଖିଥିବା ସଙ ସଙ୍କେତ ଦେଇଛନ୍ତି । ଆଗାମୀ ରଣଜୀ ରତୁରେ ଭଲ କଲେ ତାଙ୍କୁ ଜାତୀୟ ଦଳକୁ ଡାକରା ମିଳିବାର ବି ଯଥେଷ୍ଟ ସମ୍ଭାବନା ରହିଛି । ସଂପ୍ରତି ଦୁନିଆର ସର୍ବଶ୍ରେଷ୍ଠ ଦ୍ରୁତ ବୋଲର ବୋଲାଉଥିବା ଯଶପ୍ରୀତ ବୁମରା ନୁହଁ, ଦକ୍ଷିଣ ଆଫ୍ରିକାର ପୂର୍ବତନ ଦ୍ରୁତ ବୋଲର ଡେଲ୍ ଷ୍ଟେନ୍ ହେଉଛନ୍ତି ତାଙ୍କ ଆଦର୍ଶ ବୋଲି ମୟଙ୍କ ମତ ।

ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ବିଜୟୀ

୧୨୫ ରନରେ ଅଟକିଲା ମୁମ୍ବାଇ ଇଣ୍ଡିଆନ୍ସ

ଆଇପିଏଲ୍ ମହାସମର

ମୁମ୍ବାଇ, ୧।୪ (ଏଜେନ୍ସି) : ଆଇପିଏଲ୍ ୨୦୨୪ର ୧୪ ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)କୁ ୬ ୱିକେଟରେ ହରାଇ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ରାଜସ୍ଥାନ ରୟାଲ୍ସ ୪ ୱିକେଟ ହରାଇ ଆଉ ୨୭ ବଲ ବାକିଥାଇ ୧୨୭ ରନ କରିଥିଲା ।

ସୋମବାର ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡ଼ିୟମରେ ଖେଳାଯାଉଥିବା ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମସନ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳର ଟପ୍ ଅର୍ଡର ରାଜସ୍ଥାନର ବୋଲିଂ ଧରାଶାୟୀ ହୋଇଯାଇଥିଲେ ।

ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ ହରାଇ ୧୨୫ ରନ୍ କରିଥିଲା । ଫଳରେ ରାଜସ୍ଥାନ ରୟାଲ୍ସ ପାଇଁ ବିଜୟ ଲକ୍ଷ୍ୟ ୧୨୬ ରନ୍ ରହିଛି । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଇଶାନ କିଶନ ୧୬ ରନ୍ କରିଥିବାବେଳେ ତିଲକ ବର୍ମା ୩୨, ହାର୍ଦ୍ଦିକ ପାଣ୍ଡ୍ୟା ୩୪, ଟିମ୍ ଡେଭିଡ୍ ୧୭ ରନ୍ କରିଥିବାବେଳେ ରୋହିତ ଶର୍ମାଙ୍କ ସହିତ ନମନ ଧୀର ଏବଂ ଡୋଭାଲ୍ଡ ବ୍ରେଭିସ ଶୂନରେ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ । ଅନ୍ୟ ବ୍ୟାଟ୍ସମ୍ୟାନ୍ ମାନେ ଦୁଇଅଙ୍କ ସ୍କୋର୍ କରିପାରି ନଥିଲେ । ରାଜସ୍ଥାନ ରୟାଲ୍ସ ପକ୍ଷରୁ ଟ୍ରେଣ୍ଟ୍ ବୋଲ୍ଟ ଏବଂ ୟୁଜବେନ୍ଦ୍ର ଚହଲ ୩ ୱିକେଟ ଲେଖାଏଁ ନେଇଥିଲେ ।

ବୋପାନ୍ନାଙ୍କ ଐତିହାସିକ ସଫଳତା

ନୂଆଦିଲ୍ଲୀ, ୧।୪ (ଏଜେନ୍ସି) : ଭାରତୀୟ ଟେନିସ୍ କିଂଦବନ୍ତି ରୋହନ ବୋପାନ୍ନା ଶନିବାର ରାତିରେ ଏକ ଐତିହାସିକ ସଫଳତା ପାଇଛନ୍ତି । ମିଆମି ଓପନ୍ ପୁରୁଷ ଯୁଗଳ ଟ୍ରଫି ଜିତିବା ସହ ବୋପାନ୍ନା ପୁଣି ଥରେ ଏଟିପି ମାନ୍ୟତା ଶୀର୍ଷକୁ ଉଠିଛନ୍ତି । ଶନିବାର ରାତିରେ ଖେଳାଯାଇଥିବା ଫାଇନାଲରେ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଦେନ୍ ପ୍ରଥମ ସେଟ୍ (୬-୭) ହାରିଯିବା ସତ୍ତ୍ୱେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୬-୩, ୧୦-୬ରେ କ୍ରୋଏସିଆର ଇଭାନ ଡୋଡିଗ୍ ଓ ଆମେରିକାର ଅଷ୍ଟିନ୍ କ୍ରାଇସେକ୍ଙ୍କୁ ପରାସ୍ତ କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି । ଏହି ବିଜୟ ସହ ବୋପାନ୍ନା ପ୍ରଥମ ଥର ମିଆମି ଓପନ୍ ମାଷ୍ଟର୍ସ ୧୦୦୦ ଟ୍ରଫି ଜିତିଛନ୍ତି । ବିଶ୍ୱର ଏକ ନମ୍ବର ହେବା ସହ ୪୪ ବର୍ଷୀୟ ବୋପାନ୍ନା ବୟୋଜ୍ୟେଷ୍ଠ ଖେଳାଳି ଭାବେ ନିଜ ନାମରେ ଥିବା ମାଷ୍ଟର୍ସ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି । ଗତବର୍ଷ ୪୩ ବର୍ଷ ବୟସରେ ଇଣ୍ଡିଆନ୍ ୱେଲ୍ସ ଟ୍ରଫି ଜିତିବା ରେକର୍ଡ କରିଥିଲେ ସେ ।

ରିଷଭ ପନ୍ତଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୧।୪ (ଏଜେନ୍ସି) : ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ପଡ଼ିଛି । ରବିବାର (ମାର୍ଚ୍ଚ ୩୧) ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ ଧିମା ଓଭର (ସ୍ଲୋ ଓଭର) ରେଟ୍ ଯୋଗୁ ତାଙ୍କ ଉପରେ ଏହି ଜୋରିମାନା ହୋଇଛି । ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁଭମନ ଗିଲ୍ଙ୍କ ପରେ ପନ୍ତ ହେଉଛନ୍ତି ଦ୍ୱିତୀୟ ଅଧିନାୟକ ଯାହାଙ୍କ ଉପରେ ଧିମା ଓଭର ରେଟ୍ ଯୋଗୁ ଜୋରିମାନା ହୋଇଛି । ରୋଚକ କଥା ହେଉଛି, ଶୁଭମନ ଗିଲ୍ଙ୍କୁ ମଧ୍ୟ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍ ବେଳେ ଧିମା ଓଭର ଯୋଗୁ ଜରିମାନା କରାଯାଇଥିଲା । ପନ୍ତଙ୍କୁ ସତର୍କ ରହିବାକୁ ପଡ଼ିବ । ଆଉ ଦୁଇଟି ଭୁଲ୍ ହେଲେ ତାଙ୍କୁ ଗୋଟିଏ ମ୍ୟାଚରୁ ନିଲମ୍ବିତ ହେବାକୁ ପଡ଼ିପାରେ । ଯେହେତୁ ଏହା ତାଙ୍କର ପ୍ରଥମ ଭୁଲ ଥିଲା, ତେଣୁ ଦିଲ୍ଲୀ କ୍ୟାପିଟାଲ୍ସ ଅନ୍ୟ ଖେଳାଳିଙ୍କ ଉପରେ ଜୋରିମାନା ହୋଇନାହିଁ । ଗତକାଲି ଚେନ୍ନାଇକୁ ୨୦ ରନରେ ପରାସ୍ତ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ ।

ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୧ ରନ୍ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗସ ୬ ୱିକେଟ ହରାଇ ୧୭୧ ରନ୍ କରିଥିଲା । ରିଷଭ ପନ୍ତ ୩୨ଟି ବଲ୍ରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୫୧ ରନ୍ କରିଥିଲେ ।

ଜାତୀୟ ପାରା ସନ୍ତରଣ

କମଳାକାନ୍ତଙ୍କୁ ୩ ସ୍ୱର୍ଣ୍ଣ, ଓଡ଼ିଶାକୁ ୧୮ ପଦକ

ଭୁବନେଶ୍ୱର, ୧।୪ (ସବୁ୍ୟ) : ଗ୍ୱାଲିୟରରେ ଶେଷ ହୋଇଥିବା ୨୩ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଚମକ ଦେଖାଇଛନ୍ତି ।

କମଳାକାନ୍ତ ନାୟକ ଏକାକୀ ୩ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଓଡ଼ିଶା ଖେଳାଳି ମୋଟ ୧୮ ପଦକ ଜିତି ନେଇଛନ୍ତି । ଆକାଶ ବନଛୋର ୨ ସ୍ୱର୍ଣ୍ଣ ଓ ଗୋଟିଏ ରେପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି କବିତା ଦଳାଇ ୩ଟି ରେପ୍ୟ, ନରହରି ବେହେରା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଦିଗନ୍ତଭାନୁ ମଲ୍ଲିକ ଦୁଇଟି ରେପ୍ୟ ଏବଂ ଦିନେଶ ମୋହନ ମାଝୀ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି ।

ରଶ୍ମିତା ଜେନା, ମୋନାଲି ସ୍ୱାଇଁ ଓ ଲୋକନାଥ ସାହୁ ଗୋଟିଏ ଲେଖାଏଁ କାଂସ୍ୟ ପଦକ ପାଇଛନ୍ତି ।

SALE SALE SALE

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606

ବାବରଙ୍କୁ ଧଳାବଲ୍ ନେତୃତ୍ୱ

ଲାହୋର, ୧।୪ (ଏଜେନ୍ସି) : ପ୍ରାୟ ସାଢେ ୪ ମାସ ପରେ ପାକିସ୍ତାନ ନେତୃତ୍ୱ ପଦକୁ ଫେରିଛନ୍ତି ବ୍ୟାଟର୍ ବାବର ଆଜମ । ଗତବର୍ଷ ନଭେମ୍ବରରେ ଭାରତରେ ବିଶ୍ୱକପ୍ ବିପର୍ଯ୍ୟୟ ପରେ ବାବର ସମସ୍ତ ଫର୍ମାଟ୍ ନେତୃତ୍ୱରୁ ଓହରି ଯାଇଥିଲେ । ସମସ୍ତ ଫର୍ମାଟରେ ନେତୃତ୍ୱ ନେବାକୁ ସେ ପୁଣି ଆଗ୍ରହୀ ଥିଲେ ମଧ୍ୟ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହା ଦେଇନାହିଁ । ଜାନୁଆରୀରେ ନ୍ୟୁଜିଲାଣ୍ଡ ଗସ୍ତରେ ଆଫ୍ରିଦିଙ୍କ ଦଳ ୧-୪ରେ ପରାସ୍ତ ହୋଇଥିଲା । ଏବେ ବାବରଙ୍କୁ କେବଳ ଧଳାବଲ୍ (ଟେଷ୍ଟ-୨୦ ଓ ଦିନିକିଆ) ଦଳର ଅଧିନାୟକ ନିଯୁକ୍ତ କରାଗଲା ବୋଲି ପିସିବି ଚୟନ ସମିତି ଅଧକ୍ଷ ମୋହସିନ୍ ନକଭି ରବିବାର 'ଏକ୍ସ'ରେ ପୋଷ୍ଟ କରିଛନ୍ତି ।

ଦିଲ୍ଲୀପ କୁମାର ପଣ୍ଡା ମେମୋରିଆଲ କ୍ରିକେଟ

ଟାଉନ୍ କ୍ଲବ ୨୬ ରନରେ ବିଜୟୀ

ନହରକଣ୍ଟା, ଭୁବନେଶ୍ୱର, ୧।୪ (ସବୁ୍ୟ) : ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଦିଲ୍ଲୀପ କୁମାର ପଣ୍ଡା ମେମୋରିଆଲ କ୍ରିକେଟ ଲିଗ୍ର ଚତୁର୍ଥ ଦିବସରେ ଟାଉନ୍ କ୍ଲବ ୨୬ ରନରେ ବିଜୟୀ ହୋଇଛି ।

ଟାଉନ କ୍ଲବ ଦଳ ଟସ୍ରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରି ୨୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁମିତ ମହାପାତ୍ର ୨୯ ରନ ଏବଂ ସ୍ୱସ୍ତି ସ ନନ୍ଦ ୨୨ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ବୋଲର ସର୍ ଜ କେ ସାହୁ ଏବଂ ଆୟୁଷ ଆର୍ ସେଠୀ ୩ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ବଡ଼ବିଲ ଟାଇଗର୍ସ, କେନ୍ଦୁଝର ଦଳ ୧୧୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା । ୨୬.୨ ଓଭରରେ ସମସ୍ତ ୱିକେଟ ହରାଇ ୮୯ କରିବାକୁ ସକ୍ଷମ ହୋଇଥିଲ । ଦଳ ପକ୍ଷରୁ ଆଶୁତୋଷ କୁମାର ନାୟକ ୧୮ ରନ କରିଥିଲେ । ଅପର ପକ୍ଷର ବୋଲର ପ୍ରଜ୍ଞତ ସାମଲ ୩ ୱିକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ମ୍ୟାଚ୍କୁ ଶାଶ୍ୱତୀ ଶତପଥୀ ଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ । ଅତିଥି ଭାବରେ ମାନସ ରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ପୂର୍ବତନ ଖେଳାଳି ରଞ୍ଜନ ନାୟକ ଏବଂ ଗିରିଶ ଚନ୍ଦ୍ର ହୋତା ଉପସ୍ଥିତ ଥିଲେ ।

Meera's COURTYARD

AT KURANGA PHULNAKHARA

Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.



For:
• Wedding • Star night • Conference and work shops
• Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ମା ଥାନପତି ୟୁଥ୍ ଆସୋସିଏସନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଏଜିଏଲ ୧୧ ଆନନ୍ଦପୁର ଚାମ୍ପିଅନ

ବନ୍ତ, ୧।୪ (ସବୁ୍ୟ): ବନ୍ତ ବ୍ଲକ ଟିଲୋ। ପଞ୍ଚାୟତ ଦେବତାଗଡିଆ ଠାରେ ମା ଥାନପତି ୟୁଥ୍ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ୫ମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଫାଇନଲ ମ୍ୟାଚ୍ରେ ଏନ୍.ସି.ସି.ଟି ଅରଞ୍ଜିକୁ ହରାଇ ଏ.ଜି.ଏଲ୧୧ ଆନନ୍ଦପୁର ଚମ୍ପିୟନ ହୋଇଛି । ୨ ଦିନ ଧରି ଅନୁଷ୍ଠିତ ମ୍ୟାଚ୍ରେ ଜିଲା ଓ ଜିଲା ବାହାରୁ ୮ଟି ଟିମ୍ ଭାଗ ନେଇଥିଲେ । ଫାଇନଲ ମ୍ୟାଚ୍ ଏନ୍.ସି.ସି.ଟି ଅରଞ୍ଜି ଓ ଏ.ଜି.ଏଲ୧୧ ଆନନ୍ଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଏ.ଜି.ଏଲ୧୧ ଆନନ୍ଦପୁର ଚମ୍ପିୟନ ଟ୍ରଫି ହାସଲ କରିଥିଲା । ଏ.ଜି.ଏଲ୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୩୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଏ.ଜି.ଏଲ୧୧ ୫ ଓଭରରେ ୩ ଉଇକେଟ ହରାଇ ୪୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଅମ୍ପାୟର ଭାବେ ରାଜେନ୍ଦ୍ର ଦାସ, ନିରାକର ସାହୁ, ପ୍ରମୋଦ ପାତ୍ର ଦାୟୀତ୍ୱ ତୁଲାଇଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ୟୁଥ୍ ଆସୋସିଏସନର ସମସ୍ତ ସଭ୍ୟ ମାନେ ସହଯୋଗ କରିଥିଲେ । ଫାଇନାଲ ମ୍ୟାଚ୍ର ଉଦଘାଟନୀ ଉତ୍ସବରେ ସମାଜସେବୀ କମଳାକାନ୍ତ ସାହୁ, ସୁଧିର କୁମାର ନାୟକ, ଆଇନଜୀବି ମାଧବାନନ୍ଦ ଦାସ ଅତିଥି ଭାବେ ଯୋଗ ଦେଇଥିଲେ ।

ପୁରସ୍କାର ବିତରଣୀ ସଭାରେ ସମ୍ରାଟ ଗ୍ରାନାଇଟ ଟାଇଲ୍ସର ପ୍ରୋପାଇଟର ରମାକାନ୍ତ ଜେନା, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲ, ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ, ଗଣନାଥ ବେହେରା, ଉଦ୍ଧବ ଚରଣ ଜେନା, ଭାସ୍କର ଜେନା, ମନୋରଞ୍ଜନ ଦାସ, ସୀତା ଦାସ, ମାନସ ଜେନା ଯୋଗ ଦେଇ ଚମ୍ପିୟନ ଓ ରନର୍ସ ଅଫ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବନ୍ତ ବ୍ଲକର ୧୧ ଜଣ ସାମ୍ବାଦିକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୂଚନା

ସମୟ BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ୟୁସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.comରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: ସମ୍ପାଦକ: ପପୁ ମହାନ୍ତି